# ଧରିତ୍ରୀ
DHARITRI

ସମ୍ବଲପୁର, ରବିବାର, ଜାନୁୟାରୀ ୩୦/୨୦୨୨ (୧୨ ପୃଷ୍ଠା+ଛୁଟିଦିନ) | Sambalpur, Sunday, January 30/2022 | ★★

୧୮ଶ ଭାଗ ୪୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅଷ୍ଟ୍ରେଲିଆନ ଓପନ ଜିତିଲେ ବାର୍ଟି**

ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟି ୨୦୨୨ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ଟେନିସ ଟାଇଟଲ ହାସଲ କରିଛନ୍ତି।

୧୨

୧୦

**ୱେବ ସିରିଜ 'ରୁଦ୍ର'ରେ ଅଜୟ**

ୱେବ୍ ସିରିଜ୍ 'ରୁଦ୍ର- ଦି ଏଜ୍ ଅଫ୍ ଡାର୍କନେସ୍'ରେ ବଲିଉଡ୍ ଅଭିନେତା ଅଜୟ ଦେବଗନ୍‌ଙ୍କୁ ପୋଲିସ ଅବତାରରେ ଦେଖିବାକୁ ମିଳିବ।



# ପେଗାସସ୍ କିଣିଛନ୍ତି ମୋଦି ସରକାର

- **ନ୍ୟୁୟର୍କ ଟାଇମ୍ସ ରିପୋର୍ଟରେ ପ୍ରଘଟ**
- **୧୫ ହଜାର କୋଟି ଚୁକ୍ତିରେ ଥିଲା ସ୍ପାଏୱେର**






୨୦୧୭ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ଗସ୍ତ କରିଥିଲେ। ମୋଦିଙ୍କ ସହ ଇସ୍ରାଏଲର ତତ୍କାଳୀନ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଫଟୋ।

**ନୂଆଦିଲ୍ଲୀ, ୨୯।୧**

ଇସ୍ରାଏଲର ସାଇବର ସୁରକ୍ଷା କମ୍ପାନୀ ଏନ୍‌ଏସ୍‌ଓ ଗ୍ରୁପ୍ ଦ୍ୱାରା ପ୍ରସ୍ତୁତ ପେଗାସସ୍ ସ୍ପାଏୱେର ବାବଦରେ ଚାଞ୍ଚଲ୍ୟକର ରିପୋର୍ଟ ପ୍ରଘଟ କରିଛି ଆମେରିକାର ଖବରକାଗଜ 'ନ୍ୟୁୟର୍କ ଟାଇମ୍ସ'। ଭାରତର ୩୦୦ରୁ ଊର୍ଦ୍ଧ୍ୱ ଚର୍ଚ୍ଚିତ ବ୍ୟକ୍ତିଙ୍କ ଉପରେ ଗୁପ୍ତଚରଗିରି କରିଥିବା ପେଗାସସ୍ ସଫ୍ଟୱେରକୁ ମୋଦି ସରକାର ଇସ୍ରାଏଲଠାରୁ କିଣିଛନ୍ତି। ୨୦୧୭ରେ ଇସ୍ରାଏଲ ସରକାରଙ୍କ ସହ ଭାରତ କରିଥିବା ୨ ବିଲିୟନ ଡଲାର ବା ପ୍ରାୟ ୧୫ ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର କ୍ରୟ ବାବଦ ଚୁକ୍ତିରେ ପେଗାସସ୍‌କୁ ସାମିଲ କରାଯାଇଥିଲା। ଏହି ଚୁକ୍ତି ଦ୍ୱାରା କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ମିଶାଇଲ ସିଷ୍ଟମ ଏବଂ ଆଉ କିଛି ଯୁଦ୍ଧାସ୍ତ୍ର ସହ ପେଗାସସ୍ ସଫ୍ଟୱେରକୁ କିଣିଥିଲେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ନେଇ କେନ୍ଦ୍ରର ଭାଜପା ସରକାରଙ୍କୁ ପୁଣି ଟାର୍ଗେଟ କରିଛନ୍ତି ବିରୋଧୀ।

ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ଏହି ରିପୋର୍ଟର ଶିରୋନାମା ହେଉଛି 'ଦ ବ୍ୟାଟେଲ ଫର୍ ଦ ୱାର୍ଲ୍ଡସ୍ ମୋଷ୍ଟ ପାୱାରଫୁଲ୍ ସାଇବର ୱେପନ୍'(ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସାଇବର ଅସ୍ତ୍ର ପାଇଁ ଲଢ଼େଇ)। ଏଥିରେ କୁହାଯାଇଛି, ଏନ୍‌ଏସ୍‌ଓ ଗ୍ରୁପ୍ ପ୍ରାୟ ଏକ ଦଶନ୍ଧି ଧରି ଏହି ସର୍ଭିଲାନ୍ସ ସଫ୍ଟୱେରକୁ ସବ୍‌କ୍ରିପ୍‌ସନ ଆଧାରରେ ବିଶ୍ୱର ଆଇନ ପ୍ରଣେତା ଏବଂ ଗୋଇନ୍ଦା ସଂସ୍ଥାଗୁଡ଼ିକୁ ବିକ୍ରି କରିଆସୁଥିଲା। ☞ପୃଷ୍ଠା-୪

## ଦେଶଦ୍ରୋହୀ କାର୍ଯ୍ୟ: ରାହୁଲ

**ନୂଆଦିଲ୍ଲୀ, ୨୯।୧**

ଇସ୍ରାଏଲଠାରୁ ଭାଜପା ସରକାର ପେଗାସସ୍ ସ୍ପାଏୱେର କିଣି ଗୁପ୍ତଚରଗିରି କରାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ବିରୋଧୀ କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି, ଆମ ଗଣତାନ୍ତ୍ରିକ ସଂସ୍ଥା, ରାଜନେତା ତଥା ଜନସାଧାରଣଙ୍କ ଉପରେ ଗୁପ୍ତଚରଗିରି କରିବା ପାଇଁ ମୋଦି ସରକାର ପେଗାସସ୍ କିଣିଛନ୍ତି। ଫୋନ ଟ୍ୟାପ୍ କରି ଶାସକ ଦଳ, ବିରୋଧୀ ନେତା, ସେନା ଅଧିକାରୀ, ନ୍ୟାୟପାଳିକା ସମସ୍ତଙ୍କୁ ଟାର୍ଗେଟ କରାଯାଇଛି। ମୋଦି ସରକାର ଦେଶଦ୍ରୋହ କରିଛନ୍ତି। ରାଜ୍ୟ ସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜ୍ଜୁନ ଖାର୍ଗେ କହିଛନ୍ତି, ମୋଦି ସରକାର କାହିଁକି ଭାରତର ଶତ୍ରୁ ଭଳି କାମ କଲେ ☞ପୃଷ୍ଠା-୪



ମହାରାଷ୍ଟ୍ରର ନନ୍ଦୁରବର ରେଳ ଷ୍ଟେଶନ ନିକଟରେ ଶନିବାର ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସର ପେଣ୍ଟ୍ରି କାର୍‌ରେ ଅଗ୍ନିକାଣ୍ଡ। **(ରିପୋର୍ଟ: ପୃଷ୍ଠା ୨)**

## ଭୁବନେଶ୍ୱର, ବ୍ରହ୍ମପୁରରେ ମହିଳା, କଟକ ଅଣସଂରକ୍ଷିତ

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

**୩ ମହାନଗର ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ**

ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ କରାଇବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଚଳାଇଛନ୍ତି। ଏହି କ୍ରମରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ମେୟର ପଦବୀ ପାଇଁ ସଂରକ୍ଷଣ ତାଲିକା ଚୂଡ଼ାନ୍ତ ହୋଇଛି। ଏନେଇ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ, ଭୁବନେଶ୍ୱର ଓ ବ୍ରହ୍ମପୁର ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାବେଳେ କଟକ ଅଣସଂରକ୍ଷିତ ରହିଛି। ତେବେ ଏଥର ପଛୁଆବର୍ଗଙ୍କ ପାଇଁ କୌଣସି ସଂରକ୍ଷଣ ବ୍ୟବସ୍ଥା ରହିନାହିଁ। ସେହିପରି ବ୍ରହ୍ମପୁର, କଟକ, ଭୁବନେଶ୍ୱର ପାଇଁ ୱାର୍ଡ ସୀମା ନିର୍ଦ୍ଧାରଣ ମଧ୍ୟ ଚୂଡ଼ାନ୍ତ ହୋଇଛି। ସୀମା ନିର୍ଦ୍ଧାରଣ ସହ ଚୂଡ଼ାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ବ୍ରହ୍ମପୁରର ମୋଟ୍ ୪୨ଟି ୱାର୍ଡରୁ ୨୩ଟି ୱାର୍ଡ ସଂରକ୍ଷିତ ରହିଛି। କଟକରେ ମୋଟ୍ ୫୯ଟି ୱାର୍ଡରୁ ୩୩ଟି ୱାର୍ଡ ସଂରକ୍ଷିତ ରହିଛି। ଭୁବନେଶ୍ୱରର ୬୭ଟି ୱାର୍ଡରୁ ୩୮ଟି ସଂରକ୍ଷିତ ନେଇ ତାଲିକା ପ୍ରକାଶ ପାଇଛି। ବ୍ରହ୍ମପୁର ମହାନଗର ନିଗମର ୨୩ଟି ସଂରକ୍ଷିତ ଆସନରୁ ଅନୁସୂଚିତ ଜାତି ବର୍ଗର ମହିଳାଙ୍କ ପାଇଁ ୨ଟି, ଅନୁସୂଚିତ ଜନଜାତି ପାଇଁ ୨, ଅନୁସୂଚିତ ଜନଜାତି ମହିଳା ପାଇଁ ଗୋଟିଏ ଆସନ ସଂରକ୍ଷିତ ରହିଛି। ବଳକା ଆସନଗୁଡ଼ିକରେ କେବଳ ମହିଳା ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଭୁବନେଶ୍ୱର ମହାନଗର ନିଗମର ୬୭ ୱାର୍ଡ ମଧ୍ୟରୁ ୩୮ଟି ☞ପୃଷ୍ଠା-୪

## ଜିଲା ପରିଷଦ ପ୍ରାର୍ଥୀଙ୍କ ମୃତ୍ୟୁ



ଅନାଦି ଚରଣ ସିଂ

**କେନ୍ଦୁଝର/ଢେଙ୍କିକୋଟ, ୨୯।୧ (ସ୍ୱ.ପ୍ର.)**

କେନ୍ଦୁଝରର ୮ ନଂ. ଜୋନ୍‌ରେ ବିଜେଡି ପକ୍ଷରୁ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ହୋଇଥିବା ଅନାଦି ଚରଣ ସିଂଙ୍କ ଶନିବାର ଆକସ୍ମିକ ମୃତ୍ୟୁ ଘଟିଛି। ସେ ନିର୍ବାଚନ ପ୍ରଚାର କରୁଥିବା ବେଳେ ଶୁକ୍ରବାର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ☞ପୃଷ୍ଠା-୪

## କୋଟିପତି କଲା ତେଲିଆ ମାଛ

**ଟ୍ରଲର ମାଲିକଙ୍କ ଭାଗ୍ୟ ବଦଳିଲା**

**ଭୋଗରାଇ, ୨୯।୧(ଡି.ଏନ.ଏ.)**

ଏକାଥରେ କୋଟିପତି ହୋଇଛନ୍ତି ଟ୍ରଲର ମାଲିକ। ଓଡ଼ିଶା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ଉପକୂଳରୁ ଶନିବାର ଧରାଯାଇଥିବା ୧୨୧ ତେଲିଆ ଭୋଲା ମାଛ ଟ୍ରଲର ମାଲିକଙ୍କ ଭାଗ୍ୟ ବଦଳାଇ ଦେଇଛି। ଏହି ମାଛଗୁଡ଼ିକୁ ମତ୍ସ୍ୟଜୀବୀମାନେ ଦୀଘା ମୁହାଣ ମତ୍ସ୍ୟ ବିକ୍ରି କେନ୍ଦ୍ରକୁ ଆଣି ନିଲାମ କରିଥିଲେ। ପ୍ରତ୍ୟେକ ମାଛର ଓଜନ ୧୮କେଜିରୁ ଊର୍ଦ୍ଧ୍ୱ। କୋଲକାତାର ଏକ କମ୍ପାନୀ ୨କୋଟି ଟଙ୍କାରେ ଏ ସମସ୍ତ ମାଛକୁ କିଣି ନେଇଛି। ଏହି ମାଛର ବ୍ଲାଡର ଔଷଧ ତିଆରିରେ ବ୍ୟବହୃତ ହୋଇଥାଏ ବୋଲି କୁହାଯାଉଛି। ୨୦୨୧ ଜୁଲାଇରେ ୬୨ଟି ତେଲିଆ ମାଛକୁ ୧କୋଟି, ୨୦୨୧ ଅକ୍ଟୋବର ୨୭ରେ ୩୨ଟି ତେଲିଆ ମାଛକୁ ୬୦ଲକ୍ଷ ଟଙ୍କାରେ ନିଲାମ କରାଯାଇଥିଲା।



ଧରାଯାଇଥିବା ୧୨୧ ତେଲିଆ ଭୋଲା ମାଛ।

**ଆଜିର ସମ୍ପାଦକୀୟ**

**ଅତୀତରୁ ଆକଳନ**

## ଗଠନ ହେବ ଫ୍ଲାଏ ଆଶ୍ ମିଶନ

- **ପ୍ରଦୂଷଣ ବୃଦ୍ଧିକୁ ନେଇ ଏନ୍‌ଜିଟିଙ୍କ ଉଦ୍‌ବେଗ**
- **ରାଜ୍ୟରେ ବର୍ଷକୁ ବାହାରୁଛି ୩୩ ନିୟୁତ ଟନ୍ ପାଉଁଶ**
- **ତାପଜ କେନ୍ଦ୍ର ୧୦ ବର୍ଷରେ ୧୦୦% ବିନିଯୋଗ କରିବେ**

**ଭୁବନେଶ୍ୱର,୨୯।୧(ବ୍ୟୁରୋ)**

ଓଡ଼ିଶାରେ କିଛିବର୍ଷ ହେଲା ଫ୍ଲାଏ ଆଶ୍ (ଉଡ଼ନ୍ତା ପାଉଁଶ) ଉତ୍ପାଦନ ବୃଦ୍ଧିପାଇଛି। ଶିଳ୍ପାଞ୍ଚଳରୁ ବାହାରୁଥିବା ଫ୍ଲାଏ ଆଶ୍ ପରିବେଶ ପାଇଁ ଭୟଙ୍କର ବିପଦ ସୃଷ୍ଟି କରୁଛି। ଶିଳ୍ପାୟନ ବଢୁଥିବାରୁ ଏହା ଭୂପୃଷ୍ଠ, ଜଳ ଓ ବାୟୁ ପ୍ରଦୂଷଣର କାରଣ ସାଜିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବିଭିନ୍ନ କଳକାରଖାନାରୁ ଗତ ୫ ବର୍ଷରେ ୮୦ ନିୟୁତ ଟନ୍ ପାଉଁଶ ବାହାରିଛି। ୧୦ ମେଗାୱାଟ୍‌ରୁ ୩ ହଜାର ମେଗାୱାଟ୍ କ୍ଷମତା ବିଶିଷ୍ଟ ୪୦ ତାପଜ ବିଦ୍ୟୁତ୍ କେନ୍ଦ୍ରରୁ ବାର୍ଷିକ ୩୨.୫୫ ନିୟୁତ ଟନ୍ ଫ୍ଲାଏ ଆଶ୍ ନିର୍ଗତ ହେଉଛି। ତେବେ ଏହାର ସୁବିନିଯୋଗ ହେଉ ନ ଥିବାରୁ ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡୁଛି। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହ ଏହାର ଉପଯୁକ୍ତ ପରିଚାଳନା ଓ ବ୍ୟବହାର ପାଇଁ ତୁରନ୍ତ 'ଫ୍ଲାଏ ଆଶ୍ ପରିଚାଳନା ଓ ବ୍ୟବହାର ମିଶନ' ଗଠନ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି।

ଫ୍ଲାଏ ଆଶ୍‌କୁ ସୁରକ୍ଷିତ ଭାବେ ରଖିବା ସହ କିଭଳି ଅନ୍ୟ ଉପାୟରେ ବ୍ୟବହାର କରାଯାଇପାରିବ



ସେ ନେଇ ଏହି ମିଶନ ତଦାରଖ କରିବ। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏବଂ କୋଇଲା ମନ୍ତ୍ରଣାଳୟ (ଏମ୍‌ଓଇଏଫ୍ ଆଣ୍ଡ ସିସି )ର ସଚିବଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଗଠିତ ଏହି ମିଶନ କାର୍ଯ୍ୟ କରିବ। ପରିବେଶ ମନ୍ତ୍ରଣାଳୟ ଏହାର ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏଥିସହିତ ଉଭୟ କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ବାଧ୍ୟତାମୂଳକ ଭାବେ ଫ୍ଲାଏ ଆଶ୍ ତଦାରଖ କରିବାକୁ ଏଥିରେ ବ୍ୟବସ୍ଥା ହୋଇଛି। ଏଥିସହିତ ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବମାନେ ମଧ୍ୟ ଫ୍ଲାଏ ଆଶ୍ ପରିଚାଳନା ଦାୟିତ୍ୱ ନେବେ। ରାଜ୍ୟର ପ୍ରତ୍ୟେକ ତାପଜ ବିଦ୍ୟୁତ୍ କେନ୍ଦ୍ର ମାସିକ କେତେ ଫ୍ଲାଏ ଆଶ୍ ଉତ୍ପାଦନ ଓ ବ୍ୟବହାର କରୁଛନ୍ତି ସେ ସମ୍ପର୍କରେ ୱେବ୍‌ସାଇଟ ପୋର୍ଟାଲ ଜରିଆରେ ଦର୍ଶାଇବେ। ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ପାଇଁ ମିଶନ ଫ୍ଲାଏ ଆଶ୍ ବ୍ୟବହାର ସମ୍ପର୍କରେ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବ। ଏହାକୁ ଏମ୍‌ଓଇଏଫ୍ ଆଣ୍ଡ ସିସି ୱେବ୍‌ସାଇଟରେ ପ୍ରତ୍ୟେକ ୩ ମାସରେ ଅପ୍‌ଲୋଡ୍ କରିବେ। ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକରେ ☞ପୃଷ୍ଠା-୪




**ସୁଶାନ୍ତ ସିଂଙ୍କ ପଡ଼ୋଶୀ ଗିରଫ**

ଡ୍ରଗ୍ସ କାରବାର ସହ ଲିଙ୍କ୍ ଥିବା ଅଭିଯୋଗରେ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ବଲିଉଡ୍ ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂ ରାଜପୁତଙ୍କ ପଡ଼ୋଶୀ ସାହିଲ ଶାହାଙ୍କୁ ଗିରଫ କରିଛି। ସୁଶାନ୍ତ ସିଂ ମୃତ୍ୟୁ ମାମଲାରେ ତାଙ୍କର ସମ୍ପୃକ୍ତି ଥିବା ଏନ୍‌ସିବି ପକ୍ଷରୁ କୁହାଯାଇଛି। ସେ ସୁଶାନ୍ତଙ୍କ ମୁମ୍ବାଇସ୍ଥିତ ବାସଭବନ ନିକଟରେ ରହୁଥିଲେ। ଦୁବାଇରୁ ଫେରିବା ପରେ ତାଙ୍କୁ ଗିରଫ କରାଯାଇଛି। ସୁଶାନ୍ତ ସିଂଙ୍କ ମୃତ୍ୟୁ ମାମଲା ତଦନ୍ତବେଳେ ୩୧ ବର୍ଷୀୟ ସାହିଲଙ୍କ ନାଁ ସାମ୍ନାକୁ ଆସିଥିଲା। ପରେ ସେ ଫେରାର ହୋଇଯାଇଥିଲେ।

## ସଂକ୍ଷେପରେ

### ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍‌ରେ ନିଆଁ

**ଅହମଦାବାଦ,୨୯।୧:** ମହାରାଷ୍ଟ୍ରର ନନ୍ଦୁରବର ରେଳଷ୍ଟେଶନ ନିକଟରେ ଶନିବାର ଗାନ୍ଧୀଧାମ-ପୁରୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ନିଆଁ ଲାଗିଯାଇଥିଲା। ସକାଳ ପ୍ରାୟ ସାଢ଼େ ୧୦ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ପୁରୀ ଆସୁଥିବା ଉକ୍ତ ଟ୍ରେନ୍‌ଟି ନନ୍ଦୁରବର ଷ୍ଟେଶନ ଛାଡ଼ିବାର କିଛି ସମୟ ପରେ ଏହାର ପ୍ୟାଣ୍ଟ୍ରି କାର୍‌ରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀକୁ ଡକାଯିବା ସହ ଷ୍ଟେଶନ ଓ ଟ୍ରେନ୍‌ରେ ଥିବା ଫାୟାର ଏକ୍ସଟିଙ୍ଗୁଇଶର ସହାୟତାରେ ନିଆଁକୁ ଲିଭାଯାଇଥିଲା। ପ୍ୟାଣ୍ଟ୍ରି କାର୍‌କୁ ଟ୍ରେନ୍‌ଠାରୁ ଅଲଗା କରିଦିଆଯାଇଛି। ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମେଡିକାଲ ଟିମ୍ ଓ ଅନ୍ୟ ପାରାମେଡିକାଲ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ବରିଷ୍ଠ ରେଳୱେ ଅଧିକାରୀମାନେ ମଧ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।

### ଧର୍ମାନ୍ତରୀକରଣ ବିରୋଧରେ ଆଇନ ହେବା ଆବଶ୍ୟକ: କେଜ୍‌ରିୱାଲ

**ଜଲନ୍ଧର,୨୯।୧:** ଧର୍ମାନ୍ତରୀକରଣ ବିରୋଧରେ ଆଇନ ରହିବା ଆବଶ୍ୟକ, କିନ୍ତୁ କାହାକୁ ଭୁଲ୍‌ରେ ହଇରାଣ କରାଯିବା ଉଦ୍ଦେଶ୍ୟରେ ହେବା ଉଚିତ ନୁହେଁ ବୋଲି ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍‌ରିୱାଲ କହିଛନ୍ତି। ପଞ୍ଜାବର ଜଲନ୍ଧରଠାରେ ଏକ ଜନସଭାକୁ ଉଦ୍‌ବୋଧନ ଦେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କହିଥିଲେ, ଭୟ ଦେଖାଇ କାହାର ଧର୍ମ ପରିବର୍ତ୍ତନ କରିବା ଠିକ୍ ନୁହେଁ। ପ୍ରତ୍ୟେକଙ୍କର ନିଜ ପସନ୍ଦରେ ଉପାସନା କରିବାର ଅଧିକାର ରହିଛି। ବଳପୂର୍ବକ ଧର୍ମାନ୍ତରୀକରଣ ରୋକିବା ଲାଗି ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ, ମଧ୍ୟପ୍ରଦେଶ ଆଦି ବିଭିନ୍ନ ରାଜ୍ୟ ଆଇନ ଆଣିଛନ୍ତି। ଆସାମ ଭଳି ଅନ୍ୟ କେତେକ ରାଜ୍ୟ ଏଭଳି ଆଇନ ଆଣିବା ଲାଗି ବିଚାର କରୁଛନ୍ତି। ପଞ୍ଜାବରେ ଆପ୍ ସରକାର ଗଢ଼ିଲେ ଲୋକମାନଙ୍କ ଘର ଦୁଆରେ ସେବା ପହଞ୍ଚାଯିବା ସହ ୧୬ ହଜାର କ୍ଲିନିକ୍ ଓ ଉନ୍ନତ ହସ୍ପିଟାଲ ସ୍ଥାପନ କରାଯିବ ବୋଲି କେଜ୍‌ରିୱାଲ ପ୍ରତିଶ୍ରୁତି ଦେଇଛନ୍ତି। ସୂଚନାଯୋଗ୍ୟ, ଫେବୃୟାରୀ ୨୦ରେ ପଞ୍ଜାବ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

### କର୍ଣ୍ଣାଟକରୁ ହଟିବ ରାତି କର୍ଫ୍ୟୁ

**ବେଙ୍ଗାଲୁରୁ,୨୯।୧:** କର୍ଣ୍ଣାଟକରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇବା ପରେ ସୋମବାରଠାରୁ ସେଠାରୁ ରାତ୍ରି କର୍ଫ୍ୟୁ ହଟାଇବା ସହ ବେଙ୍ଗାଲୁରୁରେ ସ୍କୁଲ୍ କଲେଜ ଖୋଲିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। କୋଭିଡ୍ କଟକଣା ସହିତ ବେଙ୍ଗାଲୁରୁରେ ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଖୋଲିବାକୁ ଯାଉଛି। ଏଥିସହିତ ଡିଗ୍ରୀ କଲେଜଗୁଡ଼ିକୁ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିବା ଶିକ୍ଷାମନ୍ତ୍ରୀ ବି.ସି. ନାଗେଶ କହିଛନ୍ତି। ୫୦ ପ୍ରତିଶତ ଗ୍ରାହକରେ ହୋଟେଲ, ପବ୍ ଏବଂ ବାର୍ ଖୋଲାଯିବାକୁ ଥିବାବେଳେ ସିନେମା ହଲ୍ ବନ୍ଦ ରହିବ। ଖୋଲା ସ୍ଥାନରେ ବିବାହ ଉତ୍ସବରେ ୩୦୦ ଏବଂ ଇନ୍‌ଡୋର ବିବାହରେ ୨୦୦ ଲୋକ ଯୋଗଦେବାକୁ ଅନୁମତି ମିଳିଛି। କର୍ଣ୍ଣାଟକକୁ ମହାରାଷ୍ଟ୍ର, ଗୋଆ ଏବଂ କେରଳରୁ ଆସୁଥିବା ଲୋକମାନଙ୍କୁ କୋଭିଡ୍ ନେଗେଟିଭ୍ ସାର୍ଟିଫିକେଟ ଦେଖାଇବାକୁ ହେବ।

### ପାକ୍ ଯିବା ପାଇଁ ଅଭିନେତା ଗିପି ଗ୍ରେୱାଲଙ୍କ ଉପରେ କଟକଣା

**ନୂଆଦିଲ୍ଲୀ, ୨୯।୧:** ପଞ୍ଜାବୀ ଅଭିନେତା ତଥା ଗାୟକ ଗିପି ଗ୍ରେୱାଲଙ୍କୁ ୱାଘା ସୀମା ଦେଇ ପାକିସ୍ତାନ ଯିବା ଉପରେ ରୋକ ଲଗାଯାଇଛି। ଭାରତୀୟ ଇମିଗ୍ରେସନ ଅଧିକାରୀମାନେ ତାଙ୍କୁ ଶୁକ୍ରବାର ଅଟାରୀ ଚେକ୍‌ପୋଷ୍ଟ ନିକଟରେ ଅଟକାଇଥିବା ଜଣାପଡ଼ିଛି।



ସେ କର୍ତାରପୁର ଅଭିମୁଖେ ଯାଉଥିବାବେଳେ ସୀମା ନିକଟରେ ତାଙ୍କୁ ସ୍ୱାଗତ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ଶନିବାର ସେ ଭାରତ ଫେରିବା ପୂର୍ବରୁ ନନ୍‌କାନା ସାହିବ୍‌କୁ ଯିବାର ଥିଲା। ପାକିସ୍ତାନରେ ତାଙ୍କର ଦୀର୍ଘ ସମୟର କାର୍ଯ୍ୟକ୍ରମ ଥିବାବେଳେ ଭାରତ ପକ୍ଷରୁ ଗ୍ରେୱାଲଙ୍କ ଗସ୍ତ ଉପରେ କଟକଣା ଲଗାଯାଇଛି। ପାକ୍ କଳାଜଗତ ପକ୍ଷରୁ ଏହାକୁ ସମାଲୋଚନା କରାଯାଇଛି। କଳାକାରମାନେ ଦେଶ ଦେଶ ମଧରେ ସମ୍ପର୍କର ସେତୁ ସ୍ଥାପନ କରିଥାନ୍ତି। ଗ୍ରେୱାଲଙ୍କୁ ଏପରି ଭାବେ ଅଟକାଯିବା ଦୁଃଖଦାୟକ ବୋଲି କମେଡିଆନ ଇଫ୍‌ତିଖର ଠାକୁର କହିଛନ୍ତି।

## ଆଫଗାନିସ୍ତାନରେ ଖାଦ୍ୟ ସଙ୍କଟ

# କିଡ୍‌ନୀ ବିକୁଛନ୍ତି ଲୋକେ

**ବର୍ଲିନ,୨୯।୧**

ଆଫଗାନିସ୍ତାନ ତାଲିବାନ୍ ଅଧୀନକୁ ଯିବା ପରେ ସେଠାରେ ଉତ୍କଟ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଛି। ସେଠାର ଲୋକେ ବଞ୍ଚିବା ପାଇଁ ନିଜର ପିଲା ଏବଂ ଶରୀରର ଅଙ୍ଗ ବିକ୍ରି କରିବାକୁ ବାଧ ହେଉଛନ୍ତି। ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି)ର ଜାତିସଂଘ ମୁଖ୍ୟ ଡାଭିଡ୍ ବେସ୍‌ଲି ଆଫଗାନିସ୍ତାନରେ ମାନବୀୟ ସଙ୍କଟକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଫଗାନିସ୍ତାନରେ ଏବେ ଅର୍ଦ୍ଧାଧିକ ଲୋକ କ୍ଷୁଧାରେ ରହିଛନ୍ତି। ତେଣୁ ତୁରନ୍ତ ସେଠାକୁ ସହାୟତା ପଠାଇବା ପାଇଁ ସେ ଅନ୍ତର୍ଜାତୀୟ ସମୁଦାୟକୁ ପୁନର୍ବାର ଅନୁରୋଧ କରିଛନ୍ତି।

ଦୀର୍ଘବର୍ଷ ଧରି ଆଫଗାନିସ୍ତାନରେ ତାଲିବାନ ସହ ଆମେରିକା ନେତୃତ୍ୱାଧୀନ ସେନାର ସଂଘର୍ଷ ଲାଗିରହିଥିଲା। ଗତବର୍ଷ ଅଗଷ୍ଟ ୧୫ରେ ତାଲିବାନ ଏହି ଦେଶର ଶାସନ କ୍ଷମତା ହାତକୁ ନେବା ପରେ ଆର୍ଥିକ ସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ମରୁଡ଼ି, ମହାମାରୀ ଯୋଗୁ ଦେଶର ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ଯାଇଛି। ୨୪ ନିୟୁତ ଲୋକ ଗୁରୁତର ଖାଦ୍ୟ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଚଳିତ ଶୀତଋତୁରେ ଦେଶ ଜନସଂଖ୍ୟାର ଅର୍ଦ୍ଧାଧିକ ଦୁର୍ଭିକ୍ଷର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଚଳିତ ବର୍ଷ ୯୭ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯାଇପାରନ୍ତି ବୋଲି ଡାଭିଡ୍ କହିଛନ୍ତି। ଦେଶର ୪ କୋଟି ଲୋକଙ୍କ



ହେରାତରେ ଜଣେ ବ୍ୟକ୍ତି ଖାଦ୍ୟ ପାଇଁ କିଡ୍‌ନୀ ବିକ୍ରି କରିଥିବା ଦେଖାଉଛନ୍ତି।

ମଧ୍ୟରୁ ୨.୩ କୋଟି କ୍ଷୁଧାରେ ରହୁଛନ୍ତି। ବେସ୍‌ଲି ସେଠାରେ ଜଣେ ମହିଳାଙ୍କୁ ଭେଟିଥିଲେ। ଝିଅକୁ ଖାଇବାକୁ ଦେଇ ନ ପାରିବାରୁ ସେ ତାଙ୍କୁ ଅନ୍ୟତ୍ର ବିକ୍ରି କରିଦେଇଥିବା କହିଥିଲେ। ସେହିପରି ହେରାତ୍‌ରେ ଗୋଟିଏ ପରିବାରର ସମସ୍ତ ସଦସ୍ୟ ଖାଦ୍ୟ ପାଇଁ ସେମାନଙ୍କ କିଡ୍‌ନୀ ବିକ୍ରି କରିଦେଇଥିବା ଦେଖାଇଥିଲେ। ୩ ଭାଇ ଓ ଦୁଇ ଭଉଣୀ ସେମାନଙ୍କ କିଡ୍‌ନୀ ୧,୧୫୦ ପାଉଣ୍ଡ ଦରରେ ବିକ୍ରି କରିଥିବା କହିଛନ୍ତି। ଉକ୍ତ ଅର୍ଥରେ ସେମାନେ ପରିବାର ସଦସ୍ୟମାନଙ୍କ ପାଇଁ ଖାଦ୍ୟ କିଣିଥିଲେ। ସେହିପରି ଅନେକ ମାଆବାପା ସେମାନଙ୍କ ପିଲାଙ୍କୁ ବିକ୍ରି କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହା ବ୍ୟତୀତ ସେମାନଙ୍କ ପାଖରେ ଅନ୍ୟ ଉପାୟ ନାହିଁ ବୋଲି ସେମାନେ କହିଛନ୍ତି।

ଗତବର୍ଷ ଅଗଷ୍ଟରେ ଆମେରିକା ଓ ଏହାର ସହଯୋଗୀମାନେ ଆଫଗାନିସ୍ତାନ ଛାଡ଼ିବା ପରେ ସେଠାରେ ଭୟଙ୍କର ସଙ୍କଟ ସୃଷ୍ଟି ହୋଇଛି। ଯଦିଓ ଅନେକ ଅନ୍ତର୍ଜାତୀୟ ଦାତବ୍ୟ ସଂଗଠନ ଏବଂ ସହାୟତା ପ୍ରଦାନକାରୀ ଗ୍ରୁପ୍ ସ୍ଥାନୀୟ ଲୋକଙ୍କୁ ସାହାଯ୍ୟ କରିଆସୁଛନ୍ତି, ତେବେ ତାହା ପର୍ଯ୍ୟାପ୍ତ ନୁହେଁ। ସାମ୍ପ୍ରତିକ କ୍ଷୁଧା ସଙ୍କଟ ଦୂର କରିବା ଲାଗି ବିଶ୍ୱର ବିତ୍ତଶାଳୀ ବ୍ୟକ୍ତିମାନେ ସହାୟତାର ହାତ ବଢ଼ାଇବାକୁ ବେସ୍‌ଲି ନିବେଦନ କରିଛନ୍ତି। କୋଭିଡ୍ ମହାମାରୀ ସମୟରେ ବିଶ୍ୱର ଅରବପତିମାନଙ୍କ ସମ୍ପତ୍ତି ଯଥେଷ୍ଟ ବଢ଼ିଛି। ଦୈନିକ ସେମାନଙ୍କ ସମ୍ପତ୍ତି ୫.୨ ବିଲିୟନ ଡଲାରରୁ ଅଧିକ ବୃଦ୍ଧି ହେଉଛି। ତେଣୁ ସେମାନଙ୍କ ଗୋଟିଏ ଦିନର ବର୍ଦ୍ଧିତ ସମ୍ପତ୍ତି ସାମୟିକ ଭାବେ କ୍ଷୁଧା ସଙ୍କଟ ଦୂର କରିପାରିବ ବୋଲି ବେସ୍‌ଲି କହିଛନ୍ତି।

ଆଫଗାନିସ୍ତାନ ସ୍ଥିତି ସମ୍ପର୍କରେ ଆଲୋଚନା ଲାଗି ଗତ ୨୪ ତାରିଖରେ ୟୁରୋପୀୟ ସଂଘ, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନରୱେ, ବ୍ରିଟେନ ଏବଂ ଆମେରିକାର ସ୍ୱତନ୍ତ୍ର ପ୍ରତିନିଧିମାନେ ଓସ୍‌ଲୋଠାରେ ଏକାଠି ହୋଇଥିଲେ। ଏଥିରେ ତାଲିବାନ ପ୍ରତିନିଧି ଓ ସିଭିଲ୍ ସୋସାଇଟି କର୍ମୀମାନେ ମଧ ଯୋଗଦେଇଥିଲେ। ଆଫଗାନିସ୍ତାନର ମାନବୀୟ ସଙ୍କଟକୁ ତୁରନ୍ତ ଦୂର କରାଯିବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

## ଜବତ ଆଫଗାନ ସମ୍ପତ୍ତି ଉପରେ ଦାବି ଜଣାଇଲେ ୯/୧୧ ମୃତକଙ୍କ ପରିବାର

**ନ୍ୟୁୟର୍କ,୨୯।୧**

ତାଲିବାନ ଆଫଗାନିସ୍ତାନର ଶାସନ କ୍ଷମତା ହାତକୁ ନେବା ପରେ ଏହାର ବିଦେଶରେ ଥିବା ସମ୍ପତ୍ତିକୁ ଆମେରିକା ଜବତ କରିଛି। ତାଲିବାନ ନେତୃତ୍ୱାଧୀନ ସରକାର ଉକ୍ତ ସମ୍ପତ୍ତି ଉପରେ ସେମାନଙ୍କ ଅଧିକାର ଦାବି କରିଆସୁଛନ୍ତି। ୯/୧୧ ବିଶ୍ୱ ବାଣିଜ୍ୟ କେନ୍ଦ୍ର ଆକ୍ରମଣରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାର ଏବେ ଉକ୍ତ ସମ୍ପତ୍ତିରୁ କ୍ଷତିପୂରଣ ପାଇବା ଲାଗି ଦାବି ଉଠାଇଛନ୍ତି। ରିପୋର୍ଟ ଅନୁଯାୟୀ ନ୍ୟୁୟର୍କର ଫେଡେରାଲ ରିଜର୍ଭ ଜବତ କରିଥିବା ଆଫଗାନ ସମ୍ପତ୍ତିରୁ ଟ୍ରେଡ୍ ଟାୱାର ଆକ୍ରମଣରେ ନିହତ ୧୫୦ ଜଣଙ୍କ ପରିବାର ଅନ୍ୟୁନ ୭ ବିଲିୟନ ଡଲାର ପାଇବା ପାଇଁ ଦାବି କରୁଛନ୍ତି। ୨୦୧୨ରେ ସଂଘୀୟ ବିଚାରପତି ଉକ୍ତ ପରିବାରଗୁଡ଼ିକୁ କ୍ଷତିପୂରଣ ପ୍ରଦାନ ଲାଗି ନିର୍ଦ୍ଦେଶ ଦେଇଥିଲେ। ତାଲିବାନ, ଅଲ୍‌କାଏଦା, ଓସାମା ବିନ୍ ଲାଡେନ ଏବଂ ଇରାନ ବିରୋଧରେ ଏହି ରାୟ ଦିଆଯାଇଥିଲା। କିନ୍ତୁ କୌଣସି ପ୍ରତିପକ୍ଷଙ୍କୁ କୋର୍ଟରେ ହାଜର କରାଯାଇପାରି ନ ଥିଲା। ଶେଷରେ କୋର୍ଟ ରାୟ କାର୍ଯ୍ୟକାରୀ କରାଯିବାର ସମୟ ଆସିଛି ବୋଲି ୯/୧୧ ଆକ୍ରମଣରେ ଜଣେ ମୃତକଙ୍କ ସ୍ତ୍ରୀ ଫିଓନା ହାଭଲିସ୍ କହିଛନ୍ତି। ଆଫଗାନ ସରକାରଙ୍କ ଉକ୍ତ ବାଜ୍ୟାପ୍ତ ଅର୍ଥକୁ ଜବତ କରିବା ପ୍ରକ୍ରିୟା ଆରମ୍ଭ ଲାଗି ମୃତକଙ୍କ ପରିବାର ସଦସ୍ୟମାନେ ଫେଡେରାଲ ଜଜ୍‌ଙ୍କୁ ଅନୁରୋଧ କରିଛନ୍ତି।

## ଆୟୁଷ୍ମାନ ଭାରତ ଡିଜିଟାଲ ମିଶନରେ ସାମିଲ ହେଲା ରେଳୱେ ହସ୍ପିଟାଲ

**ନୂଆଦିଲ୍ଲୀ,୨୯।୧(ପି.ଟି.)**

ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ୍)ରେ ରେଳୱେର ୬୯୫ ହସ୍ପିଟାଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ସାମିଲ ହୋଇଥିବା ଶନିବାର ରେଲ୍‌ଟେଲ୍ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ରେଲ୍‌ଟେଲ୍ ଦ୍ୱାରା ପୂର୍ବରୁ ରେଳୱେ ହସ୍ପିଟାଲରେ କାର୍ଯ୍ୟକାରୀ ହୋଇଥିବା ହସ୍ପିଟାଲ ମ୍ୟାନେଜମେଣ୍ଟ ଇନ୍‌ଫର୍ମେଶନ ସିଷ୍ଟମ (ଏଚ୍‌ଏମ୍‌ଆଇଏସ୍)କୁ ଏବିଡିଏମ୍ ସହ ମିଶାଇ ଦିଆଯାଇଛି। ଏହା ଦ୍ୱାରା ପ୍ରାୟ ୮୦ ଲକ୍ଷ ରେଳ କର୍ମଚାରୀ ଓ ପେନ୍‌ସନଭୋଗୀ ଏବଂ ସେମାନଙ୍କ ପରିବାର କେବଳ ଉପକୃତ ହେବେ ନାହିଁ, ବରଂ ସାଧାରଣ ଜନତା ମଧ ଦେଶର ବିଭିନ୍ନ ରେଳୱେ ହସ୍ପିଟାଲରୁ ଚିକିତ୍ସା ସୁବିଧା ପାଇପାରିବେ। ରେଳୱେର କୌଣସି ରୋଗୀ ଉନ୍ନତ ଚିକିତ୍ସା ସେବା ପାଇଁ ଏବିଡିଏମ୍ ସହ ସଂଯୁକ୍ତ ଅନ୍ୟ କୌଣସି ହସ୍ପିଟାଲରେ ଭର୍ତ୍ତି ହେଲେ ଇଣ୍ଟିଗ୍ରେଟେଡ୍ ସିଷ୍ଟମ ସହାୟତାରେ ଡିଜିଟାଲ ମୋଡ୍‌ରେ ମେଡିକାଲ ରେକର୍ଡ ବିନିମୟ କରାଯାଇପାରିବ। ଏହା ଦ୍ୱାରା ଚିକିତ୍ସା ତ୍ୱରିତ୍, ସହଜ ଓ ଅବାଧ ହୋଇପାରିବ ବୋଲି ଏକ ବିବୃତିରେ କୁହାଯାଇଛି।

## ମଣିପୁରରେ ପହଞ୍ଚିଲା ପ୍ରଥମ ମାଲବାହୀ ଟ୍ରେନ୍

**ନୂଆଦିଲ୍ଲୀ,୨୯।୧**

ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଥିବା ମଣିପୁରରେ ପ୍ରଥମ ମାଲବାହୀ ଟ୍ରେନ୍ ପହଞ୍ଚିଛି। ଏହା ରାଜ୍ୟର ବାଣିଜ୍ୟ ବୃଦ୍ଧି କରିବା ସହ ସେଠାର ବିଭିନ୍ନ ସାମଗ୍ରୀ ଦେଶର ବିଭିନ୍ନ ଭାଗରେ ପହଞ୍ଚିପାରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅବସରରେ କହିଛନ୍ତି। ଗତ ୨୭ ତାରିଖରେ ମାଲବାହୀ ଟ୍ରେନ୍ ପ୍ରଥମ ଧର ଲାଗି ଏହି ଉତ୍ତରପୂର୍ବାଞ୍ଚଳ ରାଜ୍ୟର ରାନି ଗୈଡିନଲିଉ ଷ୍ଟେଶନରେ ପହଞ୍ଚିଥିଲା। ଏହାର ଦିନକ ପୂର୍ବରୁ ଆସାମର ସିଲଚରରୁ ଏକ ଯାତ୍ରୀବାହୀ ଟ୍ରେନ୍ ମଣିପୁରର ବୋଙ୍ଗାଇଚୁଙ୍ଗପାଓ ଷ୍ଟେଶନରେ ପହଞ୍ଚିଥିଲା। ସ୍ୱାଧୀନତାର ୭୫ ବର୍ଷ ପରେ ମାଲବାହୀ ଟ୍ରେନ୍ ମଣିପୁର ତଥା ସମଗ୍ର ଉତ୍ତରପୂର୍ବାଞ୍ଚଳରେ ପ୍ରଥମ ଥର ପହଞ୍ଚିଥିବାରୁ ଏହା ଏକ ଐତିହାସିକ ଦିନ ବୋଲି କେନ୍ଦ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ ଟୁଇଟ୍ କରିଛନ୍ତି।



ଦିଲ୍ଲୀର ବିଜୟଚୌକରେ ବିଟିଂ ଦ ରିଟ୍ରିଟ୍ ଉତ୍ସବରେ ଲେଜର ଶୋ' ପ୍ରଦର୍ଶନ କରାଯାଉଛି।

## ଲେଜର ଶୋ'ରେ ଭାରତ ଗାଥା

### ବିଟିଂ ଦ ରିଟ୍ରିଟ୍

**ନୂଆଦିଲ୍ଲୀ,୨୯।୧**

ସାଧାରଣତନ୍ତ୍ର ଦିବସ ସମାରୋହର ସମାପନ ଉତ୍ସବ ଭାବେ ଶନିବାର ବିଟିଂ ଦ ରିଟ୍ରିଟ୍ ଦିଲ୍ଲୀର ଐତିହାସିକ ବିଜୟ ଚୌକରେ ଅନୁଷ୍ଠିତ ହୋଇଯାଇଛି। ଲେଜର ଶୋ'ରେ ଭାରତ ସ୍ୱାଧୀନତାର ୭୫ ବର୍ଷର ଗୌରବ ଗାଥାକୁ ପ୍ରଦର୍ଶନ କରାଯାଇଥିଲା। ପ୍ରାୟ ୧୦୦୦ ଡ୍ରୋନ୍‌ର ଆଲୋକରେ ଦିଲ୍ଲୀର ଆକାଶ ରଙ୍ଗିନ ହୋଇଯାଇଥିଲା। ପ୍ରଥମ ଥର ପାଇଁ ବିଟିଂ ଦ ରିଟ୍ରିଟ୍ ଉତ୍ସବରେ ଲେଜର ଶୋ' ସାମିଲ ହୋଇଥିବାବେଳେ ମହାତ୍ମା ଗାନ୍ଧୀଙ୍କ 'ଆବାଇଡ୍ ୱିଥ୍ ମି' ଗୀତକୁ ପ୍ରତ୍ୟାହାର କରାଯାଇ ତାହା ପରିବର୍ତ୍ତେ ଲୋକପ୍ରିୟ ଦେଶାତ୍ମବୋଧକ ସଙ୍ଗୀତ 'ୟେ ମେରେ ୱତନ କେ ଲୋଗୋଁ'ର ଧୂନ୍ ପରିବେଶଣ କରାଯାଇଥିଲା। ସ୍ଥଳସେନା, ବାୟୁସେନା, ନୌସେନା ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ଏହି ଉତ୍ସବରେ ସାମିଲ ହୋଇଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ।

## ୟୁକ୍ରେନ-ରୁଷିଆ ବିବାଦରେ ଫସିଛନ୍ତି ଭାରତୀୟ ଛାତ୍ରୀଛାତ୍ର

**ହାଇଦ୍ରାବାଦ, ୨୯।୧**

ୟୁକ୍ରେନ ଓ ରୁଷିଆ ମଧ୍ୟରେ ଯୁଦ୍ଧ ସ୍ଥିତ ଉପୁଜିଥିବାବେଳେ ଏହି ବିବାଦରେ ଫସିଛନ୍ତି ଭାରତୀୟ ଛାତ୍ର। ୟୁକ୍ରେନ୍‌ରେ ଡାକ୍ତରୀ ଏବଂ ଇଞ୍ଜିନିୟରିଂ ପାଠ ପଢ଼ୁଥିବା ହାଇଦ୍ରାବାଦର ଅନେକ ଛାତ୍ରୀଛାତ୍ର ସେମାନଙ୍କ ପାଠ୍ୟକ୍ରମ ଶେଷ ହେବାକୁ ନେଇ ଆଶଙ୍କାରେ ପଡ଼ିଛନ୍ତି। ପରବର୍ତ୍ତୀ ସେମିଷ୍ଟର ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନେ ରୁଷିଆ ସହ ଉପୁଜିଥିବା ଯୁଦ୍ଧ ସ୍ଥିତି ଦ୍ୱାରା ପରୀକ୍ଷା ଏବଂ ପାଠପଢ଼ା ପ୍ରଭାବିତ ନ ହେଉ ବୋଲି ଚାହୁଁଥିବା ପ୍ରକାଶ କରିଛନ୍ତି। କିଭ୍‌ସ୍ଥିତ ଭାରତୀୟ ଦୂତାବାସରେ ସେମାନେ ନିଜ ନାଁ ଏବଂ ଠିକଣା ପଞ୍ଜୀକରଣ କରିଛନ୍ତି। ଯଦି ସ୍ଥିତି ଜଟିଳ ହୁଏ ତେବେ ଦୂତାବାସ ସହଯୋଗରେ ସେମାନେ ଘରକୁ ଫେରିଯିବେ ବୋଲି ରାଜେନ୍ଦ୍ରନଗରର ଜଣେ ଛାତ୍ର ଧୀରଜ କହିଛନ୍ତି। ୟୁକ୍ରେନର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୮ ହଜାର ଭାରତୀୟ ଛାତ୍ରୀଛାତ୍ର ପାଠ ପଢ଼ୁଛନ୍ତି।

## ତଦନ୍ତ କରିବ ସିବିଆଇର ନୂଆ ଟିମ୍

### ଝାଡ଼ଖଣ୍ଡ ବିଚାରପତି ହତ୍ୟା ମାମଲା

**ନୂଆଦିଲ୍ଲୀ,୨୯।୧**

ଝାଡ଼ଖଣ୍ଡର ଧାନବାଦ ଅତିରିକ୍ତ ଜିଲା ଜଜ୍ ଉତ୍ତମ ଆନନ୍ଦଙ୍କୁ ଅଟୋରିକ୍ସା ମଡ଼ାଇ ହତ୍ୟା ଘଟଣାର ତଦନ୍ତ ପାଇଁ ସିବିଆଇ ଏକ ନୂଆ ଟିମ୍ ନିୟୋଜିତ କରିଛି। ତଦନ୍ତକୁ ନେଇ ଝାଡ଼ଖଣ୍ଡ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ପରେ ସିବିଆଇ ତଦନ୍ତକାରୀ ଅଧିକାରୀଙ୍କୁ ବଦଳାଇଛି। ୪ ମାସ ବ୍ୟବଧାନରେ ସନ୍ଦିଗ୍ଧମାନଙ୍କର ଦୁଇଥର ବ୍ରେନ୍ ମ୍ୟାପିଂ କ'ଣ ପାଇଁ କରାଗଲା ବୋଲି ହାଇକୋର୍ଟ ଗତ ଶୁଣାଣି ବେଳେ ସିବିଆଇ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ସିବିଆଇର ନୂଆ ତଦନ୍ତକାରୀ ଟିମ୍ ଏସ୍‌ପି ପାହ୍ୟାର ଅଧିକାରୀ ବିକାଶ କୁମାରଙ୍କ ନେତୃତ୍ୱରେ ଗଠନ କରାଯାଇଛି। ଜେଲ୍‌ରେ ଥିବା ଅଭିଯୁକ୍ତ ରାହୁଲ ବର୍ମା ଏବଂ ଲଖନ ବର୍ମାଙ୍କୁ ଜାନୁୟାରୀ ୨୯ରୁ ୩୧ ମଧ୍ୟରେ ଜେରା କରିବା ଲାଗି କୋର୍ଟ ନୂଆ ତଦନ୍ତକାରୀ ଟିମ୍‌କୁ ଅନୁମତି ଦେଇଛନ୍ତି। ଅଭିଯୁକ୍ତ ଅଟୋରିକ୍ସା ଡ୍ରାଇଭର ଲଖନ ବର୍ମା ଓ ରାହୁଲଙ୍କ ବିରୋଧରେ ଆଇପିସିର ଧାରା ୩୦୨, ୨୦୧ ଏବଂ ୩୪ରେ ଚାର୍ଜସିଟ୍ ଦାଖଲ ହୋଇଛି। ସେମାନେ ଗତବର୍ଷ ଜୁଲାଇରେ ବିଚାରପତି ଉତ୍ତମ ଆନନ୍ଦଙ୍କୁ ଅଟୋ ମଡ଼ାଇ ହତ୍ୟା କରିଥିଲେ।



ଉତ୍ତମ ଆନନ୍ଦ

## ବିହାରରେ ଶିକ୍ଷକଙ୍କୁ ମଦୁଆ ଚିହ୍ନଟ ଦାୟିତ୍ୱ

### ବିକ୍ଷୋଭ ପାଇଁ ଶିକ୍ଷକ ସଂଘର ନିଷ୍ପତ୍ତି

**ପାଟନା,୨୯।୧**

ବିହାରରେ ୨୦୧୬ରୁ ମଦ ନିଷେଧ ହୋଇଥିବାବେଳେ ସେଠାରେ ଚୋରା ମଦ ବ୍ୟବସାୟ ଜାରି ରହିଛି। ରାଜ୍ୟ ଶିକ୍ଷା ବିଭାଗ ଶୁକ୍ରବାର ସମସ୍ତ ସରକାରୀ ସ୍କୁଲର ପ୍ରିନ୍ସିପାଲ ଓ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ମଦ୍ୟପାନ ଓ ବିକ୍ରି ସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ଲାଗି ଶିକ୍ଷକମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଅତିରିକ୍ତ ମୁଖ୍ୟ ସଚିବ (ଶିକ୍ଷା) ସଞ୍ଜୟ କୁମାର ସମସ୍ତ ଆଞ୍ଚଳିକ ଉପନିର୍ଦ୍ଦେଶକ, ଜିଲା ଶିକ୍ଷା ଅଧିକାରୀ ଏବଂ ଜିଲା ପ୍ରୋଗ୍ରାମ ଅଫିସରମାନଙ୍କୁ ପତ୍ର ଲେଖି ଏ ସମ୍ପର୍କରେ ଜଣାଇ ଦେଇଛନ୍ତି। ମଦୁଆଙ୍କ ସମେତ ଚୋରା ମଦ ବ୍ୟବସାୟୀଙ୍କୁ ଚିହ୍ନଟ କରିବା ଲାଗି ସମସ୍ତ ସରକାରୀ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲ୍‌ର ପ୍ରିନ୍ସିପାଲ ଓ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ସେମାନେ ଅବକାରୀ ଓ ନିଶା ନିବାରଣ ବିଭାଗକୁ ଜଣାଇବେ। ଏଥିପାଇଁ ମୋବାଇଲ ନମ୍ବର ଓ ନିଃଶୁଳ୍କ ନମ୍ବର ଦିଆଯାଇଛି।

ସରକାରଙ୍କ ଏଭଳି ନିର୍ଦ୍ଦେଶନାମାକୁ ନେଇ ଶିକ୍ଷକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ବିରୋଧରେ ଶିକ୍ଷକ ସଂଘ ରବିବାର ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଏହି ଅଣଶୈକ୍ଷିକ କାର୍ଯ୍ୟ ବୋଝ ତୁରନ୍ତ ହଟାଇବା ପାଇଁ ସରକାରଙ୍କ ଉପରେ ଚାପ ପକାଯିବ ବୋଲି ବିହାର ପରିବର୍ତ୍ତନକାରୀ ଶିକ୍ଷକ ସଂଘ (ବିପିଏସ୍‌ଏସ୍)ର ମୁଖପାତ୍ର କହିଛନ୍ତି।

## ସଂକ୍ରମଣ କମୁଥିଲେ ବି ବିପଦ ଟଳିନି

### ସତର୍କ କରାଇଲା ଡବ୍ଲ୍ୟୁଏଚ୍‌ଓ

**ନୂଆଦିଲ୍ଲୀ,୨୯।୧(ପି.ଟି.)**

ଭାରତର କେତେକ ରାଜ୍ୟ ଓ ସହରରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିଲେ ହେଁ ବିପଦ ଟଳିନାହିଁ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ବରିଷ୍ଠ ଅଧିକାରୀ ପୁନମ୍ କ୍ଷେତ୍ରପାଳ ସିଂ କହିଛନ୍ତି। ସଂକ୍ରମଣ କମାଇବା ପାଇଁ ସ୍ଥିତିକୁ ଚାହିଁ ପଦକ୍ଷେପମାନ ନେବା ଲାଗି ସେ ପରାମର୍ଶ ଦେଇଛନ୍ତି। ଦେଶର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଦୈନିକ କୋଭିଡ୍ ମାମଲା ହ୍ରାସ ପାଉଥିବାର ସୂଚନା ମିଳିଥିଲେ ମଧ ଏହି ଟ୍ରେଣ୍ଡ ଉପରେ ନଜର ରଖିବା ଆବଶ୍ୟକ ରହିଛି ବୋଲି ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିଲା। ଡବ୍ଲ୍ୟୁଏଚ୍‌ଓର ଦକ୍ଷିଣ-ପୂର୍ବ ଏସିଆ ଅଞ୍ଚଳର ଆଞ୍ଚଳିକ ନିର୍ଦ୍ଦେଶକ



ଡ. ପୁନମ୍ କ୍ଷେତ୍ରପାଳ ସିଂ କହିଛନ୍ତି, କୋଭିଡ୍-୧୯ ଜନିତ ବିପଦ ପୂର୍ବଭଳି ରହିଛି। କୌଣସି ଦେଶ ଏହି ବିପଦରୁ ମୁକ୍ତ ହୋଇନାହାନ୍ତି। ସେଥିପାଇଁ ଆମକୁ ଅଧିକ ସତର୍କ ରହିବାକୁ ପଡ଼ିବ ଏବଂ ସଂକ୍ରମଣ କମାଇବା ଉପରେ ଗୁରୁତ୍ୱ ଦେବାକୁ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଗତ ୨୧ ତାରିଖରେ ଭାରତରେ ଦୈନିକ ସଂକ୍ରମଣ ଥିଲା ୩,୪୭,୨୫୪। ଏହା ପରେ ଦୈନିକ ସଂକ୍ରମଣ କମିବା ଆରମ୍ଭ ହୋଇଛି। ମୁଖ୍ୟତଃ ଦିଲ୍ଲୀ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ଓଡ଼ିଶା, ହରିୟାଣା ଏବଂ ପଶ୍ଚିମବଙ୍ଗରେ ଦୈନିକ ସଂକ୍ରମଣ କମିଛି। ମହାମାରୀ ଏବେ ଏଣ୍ଡେମିକ୍ ସ୍ତରରେ ପହଞ୍ଚିଛି କି ବୋଲି ପ୍ରଶ୍ନର ଉତ୍ତରରେ ପୁନମ୍ କହିଛନ୍ତି, ଏବେବି ଆମେ ମହାମାରୀର ମଧ୍ୟବର୍ତ୍ତୀ ସ୍ଥିତିରେ ରହିଛେ। ଭୂତାଣୁ ସଂକ୍ରମଣ କମାଇବା ସହ ଜୀବନ ବଞ୍ଚାଇବା ଉପରେ ଫୋକସ୍ କରାଯିବା ଆବଶ୍ୟକ ବୋଲି ସେ କହିଛନ୍ତି।

## 'ଭାଜପାକୁ ଲୋକେ ଉଚିତ ଶିକ୍ଷା ଦେବେ'

**ଗାଜିଆବାଦ,୨୯।୧**

ଦେଶର ୮୦ କୋଟି ଗରିବଙ୍କୁ ଭାଜପା ସରକାର ରିହାତିରେ ଖାଦ୍ୟଶସ୍ୟ ଯୋଗାଇଦେଉଥିବା ଦାବି କରୁଛି। ଏଥିରୁ ଭାରତରେ ଦାରିଦ୍ର୍ୟ ବୃଦ୍ଧି ପାଉଥିବା ସରକାର ସ୍ୱୀକାର କରିଛନ୍ତି। ବିଶ୍ୱବ୍ୟାପୀ ହୋଇଥିବା ସର୍ଭେରୁ ମଧ ଏହା ସ୍ପଷ୍ଟ ହୋଇଛି। ତେଣୁ ଏଥର ନିର୍ବାଚନରେ ଜନସାଧାରଣ ଭାଜପାକୁ ଉପଯୁକ୍ତ ଶିକ୍ଷା ଦେବେ ବୋଲି ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି। ଲକ୍‌ଡାଉନ ବେଳେ ଯୋଗୀ ଆଦିତ୍ୟନାଥ ସରକାରଙ୍କ ଉଦାସୀନତା ଯୋଗୁ ୮୦ରୁ ଊର୍ଦ୍ଧ୍ୱ ଦାଦନ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ୟୁପିର ଚାଷୀ, ବ୍ୟବସାୟୀ, ଯୁବକ ଓ ସାଧାରଣ ଜନତା ଭାଜପା ଶାସନରେ ବହୁ ସମସ୍ୟାର ସମ୍ମୁଖୀନ ହୋଇ ପ୍ରତିଶୋଧ ନେବା ପାଇଁ ବିଧାନସଭା ନିର୍ବାଚନକୁ ଅପେକ୍ଷା କରିଛନ୍ତି ବୋଲି ଏସ୍‌ପି ନେତା କହିଛନ୍ତି।



ଅଖିଳେଶ ଯାଦବ

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରୁ କୌଣସି ଆଶ୍ଚର୍ଯ୍ୟଜନକ ଫଳାଫଳ ମିଳିବ ନାହିଁ। କାରଣ ଉତ୍ତରପ୍ରଦେଶ ଜନସାଧାରଣ ଜନାଦେଶ ଦେଇସାରିଲେଣି, ଯାହାକୁ ନେଇ ଭାଜପା ଏବେ ଛାନିଆ। ଏହି ଦଳକୁ ପ୍ରକୃତ ଝଟ୍‌କା ଚଳିତ ବର୍ଷ ଶେଷ ଭାଗରେ ହେବାକୁ ଥିବା ଗୁଜରାଟ ବିଧାନସଭା ନିର୍ବାଚନ ଫଳାଫଳରୁ ମିଳିବ ବୋଲି ଅଖିଳେଶ କହିଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୭,୧୩,୫୪,୭୫୮ | ୫୬,୭୦,୫୩୬ | ୨୯,୩୧,୭୭,୬୯୮ |
| ଭାରତ | ୪,୦୮,୫୮,୨୪୧ | ୪,୯୩,୨୧୮ | ୩,୮୩,୭୦,୫୧୦ |
| ଓଡ଼ିଶା | ୧୨,୪୧,୦୬୮ | ୮୫୭୫(+୫୩) | ୧୧,୮୪,୧୭୪ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

### ସଂକ୍ଷେପରେ

## ଅଙ୍ଗଦାନ କଲେ ଦାଦନ ଶ୍ରମିକ ସୁଶୀଲ


ସୁଶୀଲ ସାହୁ

**ଜଗନ୍ନାଥପ୍ରସାଦ,୨୯।୧(ଡି.ଏନ.ଏ.):** ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଅଲାଡି ଗ୍ରାମର ଜଣେ ଯୁବକ ମୃତ୍ୟୁ ପରେ ନିଜର ଅଙ୍ଗଦାନ କରିଛନ୍ତି। ସେ ହେଲେ ରାମ ସାହୁଙ୍କ ପୁଅ ସୁଶୀଲ (୩୦)। ତାଙ୍କ ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, କିଡ୍‌ନୀ, ଲିଭର ଓ ଆଖି ଦାନ କରିଛନ୍ତି। ୧୦ ବର୍ଷ ଧରି ସୁଶୀଲ ସୁରଟରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୬ ତାରିଖରେ ଘରେ ବିଶ୍ରାମ ନେବା ସମୟରେ ତାଙ୍କ ମୁଣ୍ଡରେ ଯନ୍ତ୍ରଣା ଅନୁଭବ ହୋଇଥିଲା। ତାଙ୍କୁ ନିକଟରେ ଥିବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବ୍ରେନ୍ ଷ୍ଟ୍ରୋକ୍ ହୋଇଥିବା ନେଇ ଡାକ୍ତର କହିଥିଲେ। ଅଧିକ ଚିକିତ୍ସା ପାଇଁ ଅନ୍ୟ ଏକ ବଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରେନ୍ ଡେଡ୍ ହୋଇଯାଇଥିଲା। ପରେ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ତାଙ୍କ ଅଙ୍ଗ କିଛି ଲୋକଙ୍କ ଜୀବନ ବଞ୍ଚାଇବ ବୋଲି ଡାକ୍ତରଙ୍କଠାରୁ ଶୁଣିବା ପରେ ପରିବାର ଲୋକେ ଅଙ୍ଗଦାନ ପାଇଁ ରାଜି ହୋଇଥିଲେ। ପରେ ସୁରଟ ହସ୍ପିଟାଲର ସହଯୋଗରେ ଆରମ୍ଭ ହୋଇଥିଲା ଅଙ୍ଗ ପ୍ରତ୍ୟର୍ପଣ ପ୍ରକ୍ରିୟା। ଅନ୍ୟପକ୍ଷରେ ସୁରଟରୁ ଶନିବାର ସୁଶୀଲଙ୍କ ମରଶରୀର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ନିଜ ଗ୍ରାମ ଜଗନ୍ନାଥପ୍ରସାଦ ବ୍ଲକ ଅଲାଡିକୁ ଅଣାଯାଇଥିଲା।




# ଯୁକ୍ତ୨: ଛୋଟ ଗ୍ରୁପ୍‌ରେ ଅଫ୍‌ଲାଇନ କ୍ଲାସ୍ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**

ଯୁକ୍ତ୨ ପରୀକ୍ଷା ପୂର୍ବରୁ ପିଲାଙ୍କୁ ଅଫ୍‌ଲାଇନ୍‌ରେ ପାଠ ପଢ଼ାଇବାକୁ ଗୁରୁତ୍ୱ ଦେଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ। ଏନେଇ ନିର୍ଦ୍ଦେଶାଳୟ ପକ୍ଷରୁ ଶନିବାର ଏକ ବୈଠକ ବସି କରୋନା ସ୍ଥିତି, ପାଠପଢ଼ା, ପରୀକ୍ଷା ଓ ପିଲାଙ୍କ ଭବିଷ୍ୟତକୁ ନେଇ ବିଶଦ ଆଲୋଚନା ହୋଇଥିଲା। ବୈଠକ ସରିବା ପରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବିକାଶ ମହାପାତ୍ର କହିଛନ୍ତି, ପ୍ରୋକ୍ଟୋରିଆଲ ଗ୍ରୁପ୍ କରି ଅଫ୍‌ଲାଇନ୍ ପାଠ ପଢ଼ାଇବାକୁ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଛୋଟ ଛୋଟ ଗ୍ରୁପ କରି ଜଣେ ଲେଖାଏ ଶିକ୍ଷକ ଏହାର ଦାୟିତ୍ୱ ନେବେ। ପିଲା କେମିତି ପଢିବେ ଏବଂ କାହିଁକି ପଢ଼ିପାରୁନାହାନ୍ତି ତାହା ଉପରେ ନଜର ରଖିବେ। ଯେଉଁ ପିଲାମାନେ ନିଜର ସନ୍ଦେହ ଦୂର କରିବା ପାଇଁ ଚାହାନ୍ତି, ସେମାନଙ୍କ ପାଇଁ ଶିକ୍ଷକମାନେ ଏପରି ଭାବରେ ଅଫ୍‌ଲାଇନ୍‌ରେ ପାଠ ପଢ଼ାଇପାରିବେ। କିନ୍ତୁ ଏଥିପାଇଁ ଅଭିଭାବକଙ୍କ ଅନୁମତି ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ମହାପାତ୍ର କହିଛନ୍ତି। ନିର୍ଦ୍ଦେଶାଳୟ ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟର ସମସ୍ତ ଜିଲା ଶିକ୍ଷା ଅଧିକାରୀ, ୧୭ ସରକାରୀ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ଓ ୩ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତବର୍ଷ ବିନା ପରୀକ୍ଷାରେ ଯୁକ୍ତ୨ ଫଳ ପ୍ରକାଶ ପାଇଥିଲା। ଏଥର କିନ୍ତୁ ଅଫ୍‌ଲାଇନ ପରୀକ୍ଷା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଯୋଜନା କରିଛି। ବର୍ତ୍ତମାନ କରୋନା ସ୍ଥିତିକୁ ଦେଖିଲେ ପରୀକ୍ଷା କରାଯିବାର ସମ୍ଭାବନା ଅଧିକ ରହୁଛି। ଆଗକୁ ଯଦି ସେଭଳି କିଛି ଅସୁବିଧା ହୁଏ, ତେବେ ବିଚାର କରାଯିବ ବୋଲି ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ। କିନ୍ତୁ ଅଫ୍‌ଲାଇନ୍ ପରୀକ୍ଷାକୁ ବିରୋଧ କରୁଛନ୍ତି +୨ ଛାତ୍ରୀଛାତ୍ର। ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ରମାନେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସହ ରାଜ୍ୟପାଳଙ୍କୁ ପତ୍ର ମାଧ୍ୟମରେ ନିବେଦନ କରିଛନ୍ତି। ଦୀର୍ଘଦିନ ଧରି ସ୍କୁଲ୍ ବନ୍ଦ ରହିବା, ଅନ୍‌ଲାଇନ୍ କ୍ଲାସ୍‌ରେ ସବୁ ପିଲା ଉପକୃତ ହୋଇପାରି ନ ଥିବାରୁ ଅନ୍‌ଲାଇନ୍ ପରୀକ୍ଷା କିମ୍ବା ପରୀକ୍ଷାକୁ ସମ୍ପୂର୍ଣ୍ଣ ବାତିଲ କରି ବିକଳ୍ପ ପଦ୍ଧତିରେ ମୂଲ୍ୟାୟନ କରିବାକୁ ଦାବି କରିଆସୁଛନ୍ତି।

# କମୁଛି ସଂକ୍ରମଣ, ବଢୁଛି ମୃତ୍ୟୁ

## ଦିନକରେ ୪, ୮୪୨ ଚିହ୍ନଟ, ୧୫ ମୃତ

**ଭୁବନେଶ୍ୱର, ୨୯।୧(ବ୍ୟୁରୋ)**



- କରୋନାରେ ଆଖି ବୁଜିଲେ ୧୩ ମାସର ଶିଶୁପୁତ୍ର
- ୨୫ରୁ ୩୦ ପ୍ରତିଶତ ଡେଲ୍‌ଟା ସଂକ୍ରମିତ: ସ୍ୱାସ୍ଥ୍ୟ ବିଭାଗ

ରାଜ୍ୟରେ ଏବେ ତୃତୀୟ ଲହର ସଂକ୍ରମଣ ଲଗାତର ହ୍ରାସ ପାଉଛି। ଦୈନିକ ସଂକ୍ରମଣ ୫ହଜାର ତଳକୁ ଖସି ଆସିଥିଲେ ମଧ୍ୟ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ଶୁକ୍ରବାର ରାଜ୍ୟରେ ୧୦ଜଣଙ୍କ ଜୀବନ ନେଇଥିଲା ମହାମାରୀ କରୋନା। ହେଲେ ଗତ ୨୪ ଘଣ୍ଟାରେ ଆଉ ୧୫ଜଣଙ୍କ ମୃତ୍ୟୁ ଘଟିଛି। ଗଞ୍ଜାମ ଓ ଖୋର୍ଦ୍ଧାରୁ ୩ଜଣ ଲେଖାଏ ଆଖି ବୁଜିଥିବାବେଳେ ଅନୁଗୋଳ, ବରଗଡ଼, କଟକ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ପୁରୀ ଓ ରାୟଗଡ଼ାରୁ ଜଣେ ଲେଖାଏ ମୃତକ ରହିଛନ୍ତି। ତେବେ ଏମାନଙ୍କ ମଧ୍ୟରେ ଜଣେ ୧୩ ମାସର ଶିଶୁପୁତ୍ର ଓ ଆଉ ୨ ଯୁବତୀ ଅଛନ୍ତି। ମୃତ ଶିଶୁଙ୍କ ଘର ଗଞ୍ଜାମ ଜିଲାରେ ଓ ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ। ସେହିଭଳି ରାୟଗଡ଼ାର ମୃତକ ୨୫ ବର୍ଷିୟା ଯୁବତୀ ହୋଇଥିବାବେଳେ ସେ ମ୍ୟାଲେରିଆରେ ପୀଡ଼ିତ ଥିଲେ। ଆଉ ଜଣେ ୨୭ ବର୍ଷିୟା ଯୁବତୀଙ୍କ ଘର ଅନୁଗୋଳ ଜିଲାରେ ଓ ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮,୫୭୫କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟରେ ୪, ୮୪୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବାବେଳେ ୨,୮୦୯ ଜଣ ସଙ୍ଗରୋଧ କେନ୍ଦ୍ରରୁ ଓ ୨,୦୩୩ ଜଣ ସ୍ଥାନୀୟ ସଂକ୍ରମିତ ବୋଲି ଜଣାପଡିଛି। ୬୭୧ ଜଣ ୧୮ ବର୍ଷରୁ କମ୍ ବୟସର ରହିଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୨୫୩ଜଣ ଆକ୍ରାନ୍ତ ରହିଛନ୍ତି। ଫଳରେ ମୋଟ କରୋନା ଆକ୍ରାନ୍ତ ସଂଖ୍ୟା ୧୨,୪୧,୦୬୮ରେ ପହଞ୍ଚିଛି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ ଓମିକ୍ରନ ସହ ଡେଲ୍‌ଟା ଭାରିଆଣ୍ଟ ରହିଥିବା କିଛିଦିନ ତଳେ ହୋଇଥିବା ସାମ୍ପଲ ସର୍ଭେରୁ ଜଣାପଡ଼ିଛି। ଏବେ ବି ୨୫ରୁ ୩୦ ପ୍ରତିଶତ ଡେଲ୍‌ଟା ସଂକ୍ରମିତ ରହିଛନ୍ତି। ଯେହେତୁ ଡେଲ୍‌ଟା ଭାରିଆଣ୍ଟ ଅଧିକ ଗୁରୁତର କରିଥାଏ, ତେଣୁ ସଂକ୍ରମଣ ସ୍ଥିତି ସୁଧୁରୁଥିଲେ ବି ବିପଦ ଟଳିନାହିଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ରାଜ୍ୟର କେଉଁ ଅଞ୍ଚଳରେ ପଜିଟିଭ୍ ବଢୁଛି, କେଉଁଠି କମୁଛି, ସେନେଇ ଆମେ ସରକାରଙ୍କୁ ଟେକ୍ନିକାଲ ଇନ୍‌ପୁଟ ଦେବୁ। ଅନ୍ୟ ବିଭାଗ ବି ଇନ୍‌ପୁଟ ଦେଉଛନ୍ତି। ସବୁ ପ୍ରକାର ତଥ୍ୟକୁ ବିଶ୍ଳେଷଣ କରି ସରକାର ଫେବୃୟାରୀ କଟକଣା କୋହଳ ନେଇ ଶେଷ ନିଷ୍ପତ୍ତି ନେବେ। ତେବେ ଯେଉଁମାନେ ଟିକା ନେଇନାହାନ୍ତି, ଟିକା ନିଅନ୍ତୁ, ମାସ୍କ ପିନ୍ଧନ୍ତୁ ଓ ସାମାଜିକ ଦୂରତା ରଖିବାକୁ ସେ ପରାମର୍ଶ ଦଇଛନ୍ତି। ନୂଆ ଭାରିଆଣ୍ଟ ନିଓକୋଭର ସମ୍ପର୍କରେ ସେ କହିଛନ୍ତି, ତାହା ଏବେ ପକ୍ଷୀଠାରେ ଦେଖିବାକୁ ମିଳୁଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି, ଏହା ପକ୍ଷୀରୁ ମଣିଷ ପାଖକୁ କେତେ ସଂକ୍ରମିତ ହେଉଛି, ତାହାର ତଥ୍ୟ କାହା ପାଖରେ ନାହିଁ। ତେଣୁ ଆନ୍ତର୍ଜାତିକ ବିଶେଷଜ୍ଞ ଏନେଇ କଣ କହୁଛନ୍ତି, ତାହାକୁ ଅପେକ୍ଷା କରିବାକୁ ପଡ଼ିବ ବୋଲି ଡା. ମହାପାତ୍ର କହିଛନ୍ତି। ସେହିପରି ଜୀବ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅଜୟ କୁମାର ପରିଡ଼ା କହିଛନ୍ତି, ଏବେ ଓଡ଼ିଶାରେ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରେ ୬୦% ଓମିକ୍ରନ୍‌ସଂକ୍ରମିତ ରହିଛନ୍ତି।

# ଧର୍ମଶାଳାରେ ଶିଶୁକନ୍ୟା ବିକ୍ରି

## ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ତଦନ୍ତ

**ଧର୍ମଶାଳା,୨୯।୧(ଡି.ଏନ.ଏ.)**

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ କୋତପୁର ପଞ୍ଚାୟତ ସାନରାଏପଡ଼ା ଗ୍ରାମରେ ଏକ ଶିଶୁକନ୍ୟା ବିକ୍ରି ହୋଇଥିବା ଶନିବାର ଅଭିଯୋଗ ହୋଇଛି। ଖବର ପାଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ତଦନ୍ତ ଚଳାଇଛନ୍ତି। ଅନ୍ୟପକ୍ଷରେ ଶିଶୁକନ୍ୟାକୁ ଉଦ୍ଧାର କରାଯାଇଥିବା କୋତପୁର ଫାଣ୍ଡି ଅଧିକାରୀ ନିରଞ୍ଜନ ବେଉରିଆ ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁସାରେ, ସାନରାଏପଡ଼ା ଗ୍ରାମର ରାମଚନ୍ଦ୍ର ବେହେରାଙ୍କ କନ୍ୟା କାଞ୍ଚନ ବେହେରା ବରୀ ଅଞ୍ଚଳରେ ୨୦ବର୍ଷ ପୂର୍ବେ ନଟ ବେହେରାଙ୍କୁ ବିବାହ କରିଥିଲେ। ଦମ୍ପତିଙ୍କ ଗୋଟିଏ ପୁଅ ଓ ଝିଅ ଥିବାବେଳେ ପୂର୍ବରୁ ଏକ ଝିଅକୁ ବିକ୍ରି କରିଦେଇଥିଲେ। କାଞ୍ଚନ ଓ ନଟ ଶଶୁର ଘର ସାନରାଏପଡ଼ାରେ ଆସି ୨ ବର୍ଷ ହେବ ରହୁଛନ୍ତି। ୨୭ ତାରିଖରେ କାଞ୍ଚନ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ୨୮ରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡିସଚାର୍ଜ ହୋଇଥିଲେ। ଏହାପରେ ନଟ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଶିଶୁକନ୍ୟାକୁ କେନ୍ଦ୍ରାପଡ଼ା ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ୧୨ ହଜାର ଟଙ୍କାରେ ବିକ୍ରି କରି ଦେଇଥିଲେ। ଏହି ଖବର ପ୍ରଚାରିତ ହେବା ପରେ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚିଥିଲେ। ଗାଁ ଲୋକଙ୍କ ଅଭିଯୋଗକ୍ରମେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ଶିଶୁକନ୍ୟାର ବାପା ନଟଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ମୋ ସ୍ତ୍ରୀ ଦେହ ଅସୁସ୍ଥ ଥିବାବେଳେ ଆର୍ଥିକ ସ୍ଥିତି ଭଲ ନାହିଁ। ଶିଶୁକନ୍ୟାକୁ ଲାଳନ, ପାଳନ କରିବା ସମ୍ଭବ ନୁହେଁ। ତେଣୁ ତା'କୁ ବଞ୍ଚାଇବା ପାଇଁ ବିକି ଦେଇଥିଲି। ପୋଲିସ ଏକ ମାମଲା ରୁଜୁ କରି ନଟଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ତେବେ ଉଦ୍ଧାର ଶିଶୁକନ୍ୟାକୁ ପ୍ରଶାସନ ନିଜ ହେପାଜତକୁ ନେବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୂଚନା ଦେଇଛନ୍ତି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


କଳ୍ପିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ଆଜିର ମନ୍ତବ୍ୟ**

" ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟି ଶାସନ ବେଳେ ହୃଷ୍ଟପୁଷ୍ଟ ହୋଇଥିବା ଅପରାଧୀମାନଙ୍କୁ ଭାଜପା ସରକାର ହଟାଇଦେଇଛି। **-ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

**ପ୍ରଥମ ପୃଷ୍ଠାରୁ...**

## ଦେଶଦ୍ରୋହୀ କାର୍ଯ୍ୟ...

ଏବଂ ଦେଶର ନାଗରିକଙ୍କ ଉପରେ ପେଗାସସ୍‌ର ବ୍ୟବହାର କଲେ ? କେହି ଆଇନ ଉର୍ଦ୍ଧ୍ୱରେ ନୁହଁନ୍ତି। ସେହିପରି ଦଳର ସାଧାରଣ ସମ୍ପାଦକ ରଣଦୀପ ସୁର୍ଯ୍ୟେୱାଲା କହିଛନ୍ତି, ମୋଦି ସରକାର ପାର୍ଲାମେଣ୍ଟକୁ ମିଛ କହିବା ସହ ସୁପ୍ରିମକୋର୍ଟଙ୍କୁ ମଧ୍ୟ ଠକିଛନ୍ତି। ଲୋକଙ୍କ ଅର୍ଥରେ ସାଇବର ଉପକରଣ କିଣାଯାଇ ତାହାକୁ ଲୋକଙ୍କ ବିରୋଧରେ ବ୍ୟବହାର କରାଯାଇଛି। ସୁପ୍ରିମକୋର୍ଟ ଏହାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସେ ଦାବି କରିଛନ୍ତି। ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ମତରେ ଇସ୍ରାଏଲ ସହିତ ୨ ବିଲିୟନ ଡଲାରର ଏକ ବଡ଼ ଚୁକ୍ତିର କେନ୍ଦ୍ରବିନ୍ଦୁ ଥିଲା ପେଗାସସ୍। ସରକାର ଏହାକୁ କିଣିଥିଲେ ବି ପାର୍ଲାମେଣ୍ଟରେ ମିଛ କହିଛନ୍ତି। ପେଗାସସ୍ ଉପରେ ସରକାର ନୀରବ ରହିବା ଅର୍ଥ ଏହି ଅପରାଧକୁ ସ୍ୱୀକାର କରିବା ବୋଲି ବାମ ଦଳ ପକ୍ଷରୁ କୁହାଯାଇଛି। ଏନେଇ ଭାଜପା ଏମ୍‌ପି ସୁବ୍ରମଣ୍ୟମ ସ୍ୱାମୀ ମଧ୍ୟ ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରିଛନ୍ତି। ଏହି ରିପୋର୍ଟକୁ ମୋଦି ସରକାର ଖଣ୍ଡନ କରିବା ଉଚିତ। ସରକାର ଟିକସଦାତାଙ୍କ ୩୦୦ କୋଟି ଟଙ୍କାରେ ପେଗାସସ୍ କିଣିଛନ୍ତି। ଏହାର ଅର୍ଥ ସରକାର ସୁପ୍ରିମକୋର୍ଟ ଏବଂ ପାର୍ଲାମେଣ୍ଟକୁ ବିଭ୍ରାନ୍ତ କରିଛନ୍ତି ବୋଲି ସୁବ୍ରମଣ୍ୟମ କହିଛନ୍ତି।

## ଭୁବନେଶ୍ୱର, ବ୍ରହ୍ମପୁରରେ ...

ସଂରକ୍ଷିତ ରହିଛି। ସେଥିରୁ ଅନୁସୂଚିତ ଜାତିର ମହିଳା ପାଇଁ ୩, ଅନୁସୂଚିତ ଜାତି ପାଇଁ ୩ , ଅନୁସୂଚିତ ଜନଜାତିର ମହିଳାଙ୍କ ପାଇଁ ୨, ଅନୁସୂଚିତ ଜନଜାତି ପାଇଁ ଗୋଟିଏ ଆସନ ରହିଛି। ଅନ୍ୟ ସମସ୍ତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇ ରହିବ। କଟକ ମହାନଗର ନିଗମର ୫୯ ୱାର୍ଡ ମଧ୍ୟରୁ ୩୩ଟି ସଂରକ୍ଷିତ ରହିଛି। ଏହା ମଧ୍ୟରୁ ଅନୁସୂଚିତ ଜାତିର ମହିଳା ପାଇଁ ୪, ଅନୁସୂଚିତ ଜାତି ପାଇଁ ୩ ଏବଂ ଅନୁସୂଚିତ ଜନଜାତିର ମହିଳା ପାଇଁ ଗୋଟିଏ ଆସନ ସଂରକ୍ଷିତ ରହିଛି। ବଳକା ସଂରକ୍ଷିତ ସିଟ୍‌ରେ ମହିଳାମାନେ ପ୍ରାର୍ଥୀ ହେବେ। ସେହିପରି କଟକର ଅବଶିଷ୍ଟ ୱାର୍ଡ ଅଣସଂରକ୍ଷିତ ରହିଛି। ଏହାପରେ ଖୁବ୍‌ଶୀଘ୍ର ୧୦୭ ପୌରାଧ୍ୟକ୍ଷ ପଦ ପାଇଁ ମଧ୍ୟ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି। ଏନେଇ ଆସିଥିବା ଅଭିଯୋଗଗୁଡ଼ିକର ଶୁଣାଣି ଚାଲିଥିବା ବିଭାଗ ସୂତ୍ରରୁ ଜଣାପଡିଛି। ପଞ୍ଚାୟତ ନିର୍ବାଚନ ଫେବୃୟାରୀ ୧୬ରେ ଆରମ୍ଭ ହୋଇ ୨୮ ତାରିଖ ଯାଏ ଚାଲିବ। ଏପ୍ରିଲ କିମ୍ବା ମେ' ସୁଦ୍ଧା ପୌର ନିର୍ବାଚନ ହେବା ସମ୍ଭାବନା ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ହୁଲୁହୁଲି ଦେଲା ବେଳକୁ ଜିଭରେ ଘା
ଯାଉ ଖାଇଲାବେଳକୁ ପୁଅର ମା!**

ଖାଇବାକୁ ଆଗୁସାର ଅଥଚ କାମ କରିବାକୁ ବିମୁଖ। ଅନ୍ୟ ଅର୍ଥରେ ନିଜର କାର୍ଯ୍ୟ ସାଧନ ପାଇଁ ଯେତିକି ବ୍ୟଗ୍ରତା ପ୍ରକାଶ ପାଏ, ଅନ୍ୟର ସାହାଯ୍ୟ କରିବାକୁ ସେତେଟା ବ୍ୟଗ୍ରତା ପରିଲକ୍ଷିତ ହୁଏ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ହାତୀ ବେକରେ ବାନ୍ଧିଲି ଘଣ୍ଟି;
ଭେଣ୍ଡିଆ ପୁଅକୁ ଛୁଆ ବୋହୂଟି।**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରି ସ୍ଥଳେ ବୟସ୍କ ବ୍ୟକ୍ତି ସହ କୁଆଁରୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

**ପ୍ରଥମ ପୃଷ୍ଠାରୁ...**

## ଗଠନ ହେବ ଫ୍ଲାଏ ...

ଫ୍ଲାଏ ଆଶ୍ ବ୍ୟବହାର ସମ୍ପର୍କରେ ତୃତୀୟ ପକ୍ଷ ଦ୍ୱାରା ଅଡିଟ କରାଯିବ। ମିଶନ ଦ୍ୱାରା ଆଶ୍ ପଣ୍ଡ ପାଇଁ ଜାଗା, ଡିଜାଇନ, ପରିଚାଳନା ଆଦି ସକାଶେ ଗାଇଡ୍‌ଲାଇନ କରାଯିବ। ପରିବେଶକୁ କ୍ଷତି ପହଞ୍ଚାଉଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକଠାରୁ କ୍ଷତିପୂରଣ ରାଶି ଆଦାୟ କରିବାକୁ ମିଶନକୁ କ୍ଷମତା ଦିଆଯାଇଛି। ମିଶନ ତାପଜ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକର ଫ୍ଲାଏ ଆଶ୍ ପରିଚାଳନା ନେଇ ସମୀକ୍ଷା କରିବା ସହ ପ୍ରତ୍ୟେକ ପ୍ଲାଣ୍ଟ ପାଇଁ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ କୁହାଯାଇଛି। ପ୍ରତ୍ୟେକ ମାସରେ ଏ ନେଇ ବୈଠକ କରିବାକୁ ମିଶନକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଫ୍ଲାଏ ଆଶ୍ ବିନିଯୋଗକୁ ଦୃଷ୍ଟିରେ ରଖି ନିକଟରେ ଏମ୍‌ଓଇଏଫ୍ ଆଣ୍ଡ ସିସି ସଂଶୋଧିତ ଗାଇଡ୍‌ଲାଇନ ଜାରି କରିଛି। ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ଶିଳ୍ପାନୁଷ୍ଠାନ ନୂତନ ଗାଇଡ୍‌ଲାଇନ ଅନୁଯାୟୀ ଫ୍ଲାଏ ଆଶ୍ ଉପଯୋଗ କରିବେ ନାହିଁ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଏପରି କି ଟନ୍ ପିଛା ୧ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ରାଜ୍ୟ ପ୍ରଦୂଷଣ ବୋର୍ଡକୁ ନିର୍ଦ୍ଦେଶ ଦିଆଯାଇଛି। ଗାଇଡ୍‌ଲାଇନରେ କୁହାଯାଇଛି ଯେ କୋଇଲା ଓ ଇଗ୍‌ନାଇଟ ବ୍ୟବହାର କରୁଥିବା ତାପଜ ବିଦ୍ୟୁତ୍ କେନ୍ଦ୍ର (ଟିପିପି), ଇଣ୍ଡିପେଣ୍ଡେଣ୍ଟ ପାୱାର ପ୍ଲାଣ୍ଟ(ଆଇପିପି) ଓ ଅନ୍ୟାନ୍ୟ ଶିଳ୍ପଗୁଡ଼ିକ ଉତ୍ପାଦନ କରୁଥିବା ପାଉଁଶକୁ ପରିବେଶକୁ ସୁହାଇଲା ଭଳି ଶତ ପ୍ରତିଶତ ବ୍ୟବହାର କରିବେ। ୩ ବର୍ଷ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୮୦ ପ୍ରତିଶତରୁ କମ୍ ଉପଯୋଗ କରାଯାଇ ପାରିବ ନାହିଁ। ୮୦ ପ୍ରତିଶତ ଫ୍ଲାଏ ଆଶ୍ ଉପଯୋଗ କରୁଥିବା ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକୁ ୧୦୦ ପ୍ରତିଶତ କରିବାକୁ ୩ବର୍ଷ, ୬୦ରୁ ୮୦ ପ୍ରତିଶତ ପାଇଁ ୪ ବର୍ଷ ଓ ୬୦ ପ୍ରତିଶତ ଉପଯୋଗ କରୁଥିବା ୟୁନିଟଗୁଡ଼ିକୁ ୫ ବର୍ଷ ସମୟ ଦିଆଯାଇଛି। ଟିପିପିଗୁଡ଼ିକ ୧୦ ବର୍ଷ ମଧ୍ୟରେ ୧୦୦% ବିନିଯୋଗ କରିବାକୁ କୁହାଯାଇଛି। ନୂଆ ଟିପିପିଗୁଡ଼ିକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଦାରଖରେ ଆଶ୍ ପଣ୍ଡ ବ୍ୟବହାର କରିପାରିବେ। ଦୈନିକ କେତେ ପାଉଁଶ ଉତ୍ପାଦନ ହେଉଛି ସେ ବିଷୟରେ ପାୱାର ପ୍ଲାଣ୍ଟଗୁଡ଼ିକ ନିୟମିତ ଭାବେ ଅନ୍‌ଲାଇନ କିମ୍ବା ମୋବାଇଲ ଆପ୍ ଜରିଆରେ ସୂଚନା ଦେବାକୁ ବାଧ୍ୟତାମୂଳକ କରାଯାଇଛି। ପାୱାର ପ୍ଲାଣ୍ଟର ୩୦୦ କି.ମି. ମଧ୍ୟରେ କୌଣସି କୋଠାବାଡ଼ି ନିର୍ମାଣ ପାଇଁ ନାଲିଇଟା ବ୍ୟବହାର କରାଯାଇ ପାରିବ ନାହିଁ। କେବଳ ଫ୍ଲାଏ ଆଶ୍ ଇଟାକୁ ବ୍ୟବହାର କରିବାକୁ ଗାଇଡ୍‌ଲାଇନରେ କୁହାଯାଇଛି। ଫ୍ଲାଏ ଆଶ୍‌ର ଉପଯୁକ୍ତ ବିନିଯୋଗ ନ କଲେ ଜରିମାନାର ବ୍ୟବସ୍ଥା କରାଯାଇଛି। ପ୍ରଥମ ୨ ବର୍ଷ ମଧ୍ୟରେ ଟିପିପିଗୁଡ଼ିକ ଯଦି ୮୦ ପ୍ରତିଶତ ଫ୍ଲାଏ ଆଶ୍ ବିନିଯୋଗ କରି ପାରିବେ ନାହିଁ ପ୍ରତ୍ୟେକ ଟନ୍ ପିଛା ୧ ହଜାର ଟଙ୍କା ଜରିମାନା ଦେବାକୁ ହେବ। ଯଦି କୌଣସି ଶିଳ୍ପ ସଂସ୍ଥା ଫ୍ଲାଏ ଆଶ୍ ୩୦୦ କି.ମି. ମଧ୍ୟରେ ନ ଯୋଗାଇବେ ଟନ୍ ପିଛା ୧୫୦୦ ଟଙ୍କା ଜରିମାନା ଆଦାୟ କରାଯିବ। ଆଦାୟ ଜରିମାନା ରାଶିକୁ ଫ୍ଲାଏ ଆଶ୍ ବ୍ୟବହାର କ୍ଷେତ୍ରରେ ବିନିଯୋଗ କରିବାକୁ କୁହାଯାଇଛି। ଫ୍ଲାଏ ଆଶ୍ ଠିକ୍ ଭାବେ ବିନିଯୋଗ ହେଉଛି କି ନାହିଁ ସିପିସିବି ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡର ସଦସ୍ୟମାନେ ପ୍ରତି ୩ ମାସରେ ଶିଳ୍ପସଂସ୍ଥା ଗସ୍ତ କରି ଯାଞ୍ଚ କରିବେ। ଶିଳ୍ପ ସଂସ୍ଥାଗୁଡ଼ିକ ପାଉଁଶ ବିନିଯୋଗ ସମ୍ପର୍କରେ ପ୍ରତ୍ୟେକ ବର୍ଷ ଏପ୍ରିଲ ୧ରୁ ମାର୍ଚ୍ଚ ୩୧ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି। ରାଜ୍ୟରେ ବିଭିନ୍ନ ପ୍ଲାଣ୍ଟରୁ ବାହାରୁଥିବା ୨୨ ନିୟୁତ ଟନ୍ ଫ୍ଲାଏ ଆଶ୍ ବିନିଯୋଗ କରାଯାଉଛି। ଅର୍ଥାତ୍ ଉତ୍ପାଦିତ ହେଉଥିବା ଫ୍ଲାଏ ଆଶ୍ ମଧ୍ୟରୁ ମାତ୍ର ୬୭.୮୩ ପ୍ରତିଶତ ବ୍ୟବହାର କରାଯାଉଛି। ରାସ୍ତା ନିର୍ମାଣ, ଇଟା ତିଆରି, ଖାଲ ଜାଗା ପୂରଣ କରିବା ଆଦିରେ ଏହାକୁ ବ୍ୟବହାର କରାଯାଉଛି। ୧୦୦ ପ୍ରତିଶତ ବିନିଯୋଗ ପାଇଁ ଉଦ୍ୟମ ଜାରି ରହିଛି ବୋଲି ରାଜ୍ୟ ପ୍ରଦୂଷଣ ବୋର୍ଡର ମେମ୍ବର ସେକ୍ରେଟାରି ଏମ୍. ମୁରୁଗେସେନ କହିଛନ୍ତି।

## ପେଗାସସ୍ କିଣିଛନ୍ତି ...

ଯାହା କେହି କରିପାରିବେ ନାହିଁ ତାହା ପେଗାସସ୍ କରିପାରିବ ବୋଲି ଏନ୍‌ଏସ୍‌ଓର ଦାବି ଥିଲା। ୨୦୧୭ ଜୁଲାଇରେ ମୋଦି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଇସ୍ରାଏଲ ଯାଇଥିଲେ। ଏହି ଗସ୍ତବେଳେ ବେଞ୍ଜାମିନ୍ ନେତାନ୍ୟାହୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଥିଲେ। ସେହି ସମୟରେ ଉଭୟ ଦେଶ ମଧ୍ୟରେ ପ୍ରାୟ ୧୫ ହଜାର କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ଏବଂ ଗୁପ୍ତଚରଗିରି ନିମନ୍ତେ ଆବଶ୍ୟକ ଉପକରଣ କ୍ରୟ ନିମନ୍ତେ ଚୁକ୍ତି ହୋଇଥିଲା। ସେଥିରେ ପେଗାସସ୍‌କୁ ମଧ୍ୟ ସାମିଲ କରାଯାଇଥିଲା। ଏହାର କିଛି ମାସ ପରେ ନେତାନ୍ୟାହୁ ଭାରତ ଆସିଥିଲେ। ୨୦୧୯ ଜୁନ୍‌ରେ ଭାରତ ଜାତିସଂଘର ଅର୍ଥନୈତିକ ଏବଂ ସାମାଜିକ ପରିଷଦରେ ଇସ୍ରାଏଲ ସପକ୍ଷରେ ଭୋଟ ଦେଇଥିଲା। ଏଥିରେ ପାଲେଷ୍ଟାଇନ ମାନବାଧିକାର ସଙ୍ଗଠନକୁ ନିରୀକ୍ଷକ ଷ୍ଟାଟସ୍ ଦେବାକୁ ଭାରତ ମନା କରିଥିଲା। ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, କେବଳ ଭାରତ ନୁହେଁ ଆହୁରି ଅନେକ ଦେଶ ମଧ୍ୟ ପେଗାସସ୍ ସ୍ପାଏୱେରକୁ ବ୍ୟବହାର କରିଛନ୍ତି। ଆମେରିକାର ତଦନ୍ତକାରୀ ସଂସ୍ଥା ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ(ଏଫ୍‌ବିଆଇ) ମଧ୍ୟ ପେଗାସସ୍ କିଣିଥିଲା। ଦେଶରେ ଏହାର ବ୍ୟବହାର ନିମନ୍ତେ ଏକାଧିକ ବର୍ଷ ଧରି ପେଗାସସ୍‌ର ଟେଷ୍ଟିଂ ମଧ୍ୟ କରିଥିଲା। କିନ୍ତୁ ଗତ ବର୍ଷ ଏଫ୍‌ବିଆଇ ଏହାର ବ୍ୟବହାର ନ କରିବାକୁ ନିଷ୍ପତ୍ତି ନେଇଥିଲା। ଖବରଦାତା ତଥା ବିରୋଧୀଙ୍କ ବିରୋଧରେ ମେକ୍ସିକୋ ସରକାର ପେଗାସସ୍‌ର ସହାୟତା ନେଇଥିଲେ। ସେହିପରି ସାଉଦିଆରବ ସରକାର ଜୀବିତାବସ୍ଥାରେ ଖବରଦାତା ଜମାଲ ଖସୋଗି ଏବଂ ତାଙ୍କ ସହଯୋଗୀଙ୍କ ଉପରେ ନଜର ରଖିବାକୁ ଏହି ସ୍ପାଏୱେର ବ୍ୟବହାର କରିଥିଲେ। ପୋଲାଣ୍ଡ, ହଙ୍ଗେରୀ, ଭାରତ ଭଳି ଅନେକ ଦେଶରେ ପେଗାସସ୍‌ର ପ୍ରୟୋଗକୁ ନେଇ ଇସ୍ରାଏଲ ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁମୋଦନ କରିଥିଲା। ଏହି ସ୍ପାଏୱେର ଦ୍ୱାରା ଭାରତରେ ବହୁ ରାଜନେତା, ବିଚାରପତି, ସାମାଜିକକର୍ମୀ, ମାନବାଧିକାର କର୍ମୀ, ବିରୋଧୀ ନେତା, ଖବରଦାତା ପ୍ରମୁଖଙ୍କ କାର୍ଯ୍ୟକଳାପ ତଥା ଗତିବିଧି ଉପରେ ନଜର ରଖାଯାଇଥିବା ନେଇ ଗତ ବର୍ଷ ଜୁଲାଇରେ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ପୂର୍ବରୁ ଏକ ନ୍ୟୁଜ୍ ୱେବସାଇଟ୍ ରିପୋର୍ଟ ପ୍ରକାଶ କରିଥିଲା। ଭାରତରେ ୩ ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୋବାଇଲ ନମ୍ବରକୁ ଏହା ଯୋଗେ ଟ୍ରାକ୍ କରାଯାଇ ଫୋନ୍ କଲ୍ ରେକର୍ଡ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ, ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ପ୍ରମୁଖଙ୍କ ନାମ ସାମ୍ନାକୁ ଆସିବା ପରେ ମୋଦି ସରକାରଙ୍କୁ ବିରୋଧୀ କଡ଼ା ସମାଲୋଚନା କରିଥିଲେ। ଏବେ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଆର୍. ଭି. ରବୀନ୍ଦ୍ରନଙ୍କ ତତ୍ତ୍ୱାବଧାନରେ ଗଠିତ କମିଟି ଏହି ମାମଲାର ତଦନ୍ତ କରୁଛି। କମିଟି ରିପୋର୍ଟକୁ ଅପେକ୍ଷା କରାଯାଇଥିବା ନେଇ ଶନିବାର ସରକାରଙ୍କ ସୂତ୍ରରୁ କୁହାଯାଇଛି।

## ଜିଲା ପରିଷଦ ...

ପରେ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶନିବାର ଅପରାହ୍ଣରେ ତାଙ୍କ ମରଶରୀର ଛତିଆ ଗ୍ରାମରେ ପହଞ୍ଚିବା ପରେ ବିଜେଡିର ପୁରୁଖା ନେତା ଏବଂ ଦଳର ସକ୍ରିୟ ସଂଗଠକ ଘସିପୁରା ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦେବାଶିଷ ପାତ୍ର, ବ୍ଲକ ଅଧ୍ୟକ୍ଷ ଦ୍ରୌପଦୀ ଦଣ୍ଡପାଟ, ପୂର୍ବତନ ଜିଲା ପରିଷଦ ସଦସ୍ୟା ସୁମିତ୍ରା ମହାନ୍ତ, ପଞ୍ଚାୟତ ଅଧିକାରୀ ଗୋପବନ୍ଧୁ ନାୟକ ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଅନାଦି ପୂର୍ବରୁ ଡେଙ୍କିକୋଟ ସ୍ଥିତ ଟସର ସୋସାଇଟିର ସଭାପତି ଏବଂ ସାନ୍ତରାପୁର ସରପଞ୍ଚ ଥିଲେ। ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର ଶୋକବ୍ୟକ୍ତ କରି କହିଛନ୍ତି, ନିର୍ବାଚନ କମିଶନଙ୍କ ନିଷ୍ପତ୍ତି କ୍ରମେ ନିର୍ବାଚନକୁ ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏ ସମ୍ପର୍କରେ ରିପୋର୍ଟ ରାଜ୍ୟ ନିର୍ବାଚନ କମିଶନରଙ୍କୁ ପଠାଯିବ। ନିର୍ଦ୍ଦେଶ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲା ପଞ୍ଚାୟତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରା କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ପାରିବାରିକ ଅଶାନ୍ତି ସାଙ୍ଗକୁ ପାଇବା ଜିନିଷ ଶେଷ ସମୟରେ ହରାଇବେ। ଭଲ ସମ୍ପର୍କ ନଥିବା ବନ୍ଧୁମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ମାନସିକ ସ୍ଥିତି ଭଲ ନ ଥିବା କାରଣରୁ ମନ କଥା ମନରେ ମାରି ନୀରବ ରହିବେ।

**ବୃଷ**

ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁଁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ଶୁଣାକଥାକୁ ବିଶ୍ୱାସ କରି ହଠାତ୍ ଯାତ୍ରା କରିବାକୁ ପଡ଼ିପାରେ। ଜମିଜମା କାରବାର, ରାଜନୀତି, ଆନୁଷ୍ଠାନିକ କାମରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ**

ପରିବାରର ବୟସ୍କ ବ୍ୟକ୍ତିମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ଆର୍ଥିକ ସ୍ଥିତି ଓ ପାରିବାରିକ ପରିସ୍ଥିତି ପ୍ରାୟତଃ ଭଲ ରହିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଆଜିର ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ, କିନ୍ତୁ ବକେୟା ଅର୍ଥ ପାଇବେ।

**କର୍କଟ**

ସ୍ୱାସ୍ଥ୍ୟ ସମସ୍ୟା, ଅର୍ଥସଙ୍କଟ ଓ ଏକାଧିକ କାମରୁ ମାନସିକ ଚାପଗ୍ରସ୍ତ ହୋଇପାରନ୍ତି। ଶତ୍ରୁତା କାରଣରୁ କେହି ନିଜ ଲୋକ ଜଣେ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ତଥାପି ପ୍ରତ୍ୟେକ କ୍ଷେତ୍ରରେ ଆଶଙ୍କା ଅପରାହ୍ନେ ଦୂର ହୋଇଯିବ।

**ସିଂହ**

ସମସ୍ୟା ଜାଲରେ ଛନ୍ଦିହେବା କାରଣରୁ ନକାରାତ୍ମକ ଚିନ୍ତାଧାରା ମନରେ ସୃଷ୍ଟି ହେବ। ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ, ଯାହାକି ନୂତନ ସମସ୍ୟା ସୃଷ୍ଟି ହେବାର ସୂଚନା ରହିଛି। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବେ।

**କନ୍ୟା**

ବନ୍ଧୁଙ୍କ ପ୍ରେରଣାରେ ନୂତନ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ କାମ ସମ୍ପନ୍ନ କରିବେ। ଫାଇଲ୍ କାମ ବୃଦ୍ଧି କାରଣରୁ ଘର ପାଇଁ ସମୟ ପାଇବେ ନାହିଁ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି।

**ତୁଳା**

ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ସମ୍ପର୍କୀୟଙ୍କ ଗାତ୍ରଦାହର କାରଣ ହୋଇପାରେ। ସହକର୍ମୀଙ୍କ ସହ ତିକ୍ତତା ସୃଷ୍ଟି ସୂଚନା ରହିଛି। ଅଫିସ୍ କାମରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ।

**ବିଛା**

ସ୍ନେହ, ସହାନୁଭୂତି ଓ ସେବା ସାହାଯ୍ୟ ମନୋଭାବରୁ କର୍ମ କ୍ଷେତ୍ରରେ ଆଦୃତ ହେବେ। ରାଜନୈତିକ ସ୍ତରରେ କିମ୍ବା ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବାଧ୍ୟବାଧକତାରେ ଅନେକ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହେବେ। ସତର୍କତା କିମ୍ବା ଅନ୍ୟମନସ୍କତା କାରଣରୁ ଯାତ୍ରା ସମୟରେ ହାତ କିମ୍ବା ଗୋଡ଼ରେ ଆଘାତ ଲାଗିପାରେ।

**ଧନୁ**

ଦୀର୍ଘ ଦିନରୁ ବନ୍ଧୁଙ୍କ ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କଳା, ସାହିତ୍ୟ, ବକ୍ତୃତା, ଆଲୋଚନାରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ।

**ମକର**

ଅର୍ଥ ସଙ୍କଟ କାରଣରୁ କିମ୍ବା କୌଣସି ବିବାଦୀୟ କଥା କହିବା ହେତୁ ମନଟା ଭଲ ଲାଗିବ ନାହିଁ। ଭଲ କଥା କହୁଥିଲେ ମଧ୍ୟ ନିଜ ସୁବିଧାକୁ ପ୍ରାଧାନ୍ୟ ଦେଇ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ, ମାତ୍ର ନିଷ୍ପତ୍ତି ଅମୀମାଂସିତ ରହିପାରେ।

**କୁମ୍ଭ**

ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ। କଠିନ ଶ୍ରମଜନିତ ସାମାନ୍ୟ ଶାରୀରିକ ଅସୁସ୍ଥତା ସୃଷ୍ଟି ହେଇପାରେ। ସନ୍ଧ୍ୟା ସମୟରେ ନିକଟ ସମ୍ପର୍କୀୟଙ୍କ ଅନୁରୋଧରେ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ସାମାଜିକ ସ୍ତରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବେ।

**ମୀନ**

ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ଆଶଙ୍କା ରହିଛି। ମଧ୍ୟାହ୍ନ ସମୟରେ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବିଶିଷ୍ଟ ବ୍ୟକ୍ତିମାନଙ୍କ ପରାମର୍ଶକ୍ରମେ ଆଜିର କାମଗୁଡ଼ିକ ସବୁ ଠିକ୍‌ଠିକ୍ ହୋଇଯିବ।

## classifieds Everyday
0674-2580101, 2549302




**GROOM WANTED**

54 ବୟସ୍କା ଏକାକୀ ରହୁଥିବା ପେନ୍‌ସନ ପାଉଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ଯୋଗ୍ୟ ବର ଆବଶ୍ୟକ। Contact: 7606947424. D-22943

Beautiful Bengali girl 24 B-Tech Asst. Executive Engineer BBSR, 9853366347. D-22940

Divorcee bride manager 43 (caste-no-bar). Contact: 8847859032. D-70993

58 ବୟସ୍କା ଏକାକୀ ରହୁଥିବା ପେନ୍‌ସନ୍ ପାଉଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ଝିଅଙ୍କୁ ଯୋଗ୍ୟ ବରପାତ୍ର ଆବଶ୍ୟକ। ଯୋଗାଯୋଗ-7606067313. D-22983

Wanted suitable groom for my daughter 37+, PhD, Assistant Professor in Bhubaneswar. Contact 8249578969. D-22978




**SALE**

Plot for Sale at Chhatabar per sq.ft @99/-. 8249017091, 9937816565. D-22928

**ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602.** D-71788

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ଭୁବନେଶ୍ୱର ଗ୍ୟାରେଜ୍ ଛକ ନିକଟରେ ପ୍ଲଟ୍ ବିକ୍ରିହେବ। (ଘରବାଡ଼ି, ପାଚେରି, ଇଲେକ୍ଟ୍ରିସିଟି ସହିତ) Call-9827119799. D-71937

**Gated community township gharabari plot sale in Gudiapokhari near KEC College with 30' road, Electricity, boundarywall. 8763887357, 8144730854.** D-71786

ଭୁବନେଶ୍ୱର Gita/ Gandhi କଲେଜରୁ 1K.M. BDA Satellitecityକୁ ଲାଗି 30' ରାସ୍ତା ଥାଇ boundary plot sqft.- 700/- କିଣନ୍ତୁ। 9348767829. D-71784

**ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603.** D-71787

Nandankanan ଛକରୁ 2.5K.M. Dadha Marketକୁ ଲାଗି plot କିଣନ୍ତୁ। 7008492511. D-22962

**ଭୁବନେଶ୍ୱର ହଂସପାଳ ଛକରୁ 8K.M. ଦୂରତାରେ ଭିଙ୍ଗାରପୁରରେ 100Nos 3BHK duplex with modern facilities. 9658122456, 8327785834.** D-71781

5BHK triplex 52,00,000/- finishing Hanspal, gharabari plot Atala 450/- Psqft.- 9668194157. D-70992

**30' ରାସ୍ତା, ଘରବାରି, boundary plot ଗୁଡ଼ିଆପୋଖରୀ Puri-NH ଭୁବନେଶ୍ୱର @8,99lakhs (ready for construction). 9437691481.** D-71783

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

**Gharabari boundary plot and readymade 2, 3BHK flat at Chhatabara near Infocity-II. 7008563697.** D-22951

**2 Guntha commercial plot under yellowzone near Puri Canal, Hanspal Adjacent to 100ft. BDA road with possession for sale. 9040059669.** D-71785

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-22911

Buy or Sale Property- 8984071303. 18000sqft Triplex Pandra @6.5cr/ 4BHK Duplex Balianta- 75,00,000/ 3BHK Apartment Patia@4000. Gangapada 7Acre, Pipili 6Acre. Residential Land Patia-2890, Tankapani-2650, AIIMS-2100, Nakhara-1750, Hanspal-1900, Balianta-950, Sundarpada-900, Jaanla-900. D-22966

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-22912

**Bhubaneswar Sum Hospitalରୁ 4 K.M. distance ଘରବାରି ପଟ୍ଟା, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। Immediate registration and possession. 9090963952.** D-71772

**A Three storied house Built-up area 3555sqft. on a plot (60ft.X44ft.) Lewis road, Bhubaneswar price Rs.4.35cr. Negotiable, only genuine buyers to Contact- 7978950573.** D-22965




M Planets- 7008550473. Simplex/ Duplex Construction @250 and Interior Design (Modular Kitchen/ TV-Unit/ Wardrobe) @300. D-22967

Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334

ARL-TECH: Get all construction materials at your door step. To order, visit our website: WWW. ARL-TECH.COM. We provide all types of construction materials, services and rentals (Sand, Bricks, Crusher metals, Borewell, Mixture Machine, Shuttering etc.) Only in Bhubaneswar. Contact: 1800 890 5090. D-71935




3BHK Apartment with Two Toilets/ Two Balconies at Baishnavvihar, Bomikhal, Bhubaneswar. 9238574993. D-22963

Three Rooms, Dining, Kitchen, Veranda, near GGP Colony, Pandara road. 8249484647. D-22980

3BHK for rent 12500 per month, Ratnakarbag-1. Mob: 9902406161. D-22964




Newly opening SPA positively health benefits with expert therapist. 8917332216. D-71938

Open full body massage home service ladies, gents available. 9583808247. D-22979

**AFFIDAVIT**

By an AFFIDAVIT before Notary Public, Balasore I Sambhram Maity Son of Uttam Kumar Maity resident of Simons Colony Padhuanpada Balasore Odisha my name recorded in Passport No. N6834235 as Sombhram Maity instead of Sambhram Maity, though I am one and same person & it will be used in future for all purpose. D-22977

**ଛାତ୍ରବୃତ୍ତି ପରୀକ୍ଷାରେ ସଫଳତା**



ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ବରଗଡ଼ (ଓଡ଼ିଆ ବିଭାଗ)ର ତୃତୀୟ ଶ୍ରେଣୀ ଛାତ୍ର ସୌର୍ଯ୍ୟ ସଂକେତ ସାହୁ ପ୍ରାଥମିକ ଛାତ୍ରବୃତ୍ତି ପରୀକ୍ଷା, ୨୦୨୧-୨୨ରେ ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବରାହଗୋଡ଼ା ଗ୍ରାମ ତଥା ବରାହମୁଣ୍ଡା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରେମାନନ୍ଦ ସାହୁ ଓ ନିରୁପମା ସାହୁଙ୍କ ପୁଅ ସୌର୍ଯ୍ୟ ସଂକେତ ତାଙ୍କର ଏହି କୃତିତ୍ୱ ଯୋଗୁ ପରିବାର ତଥା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପାଇଁ ଗୌରବ ଆଣିଛନ୍ତି।
ଧ-୨୨୯୮୪

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନାସ୍ତିକତା ହେଲା ଭଗବାନଙ୍କ ସମ୍ବନ୍ଧେ ଯେଉଁ ଉର୍ଦ୍ଧ୍ୱତମ ଉପଲବ୍ଧି – ତା'ର ଛାୟା ବା ଅନ୍ଧକାର ଦିଗ। ଆମେ ଭଗବାନଙ୍କର ଯାହା କିଛି ସଂଜ୍ଞା ଦେଉ ନା କାହିଁକି, ପ୍ରତୀକ ହିସାବରେ ସର୍ବଦା ତାହା ସତ୍ୟ ହେଲେ ବି, ଯଦି ଆମେ ତାକୁ ପୂର୍ଣ୍ଣସଂଜ୍ଞା ହିସାବରେ ଗ୍ରହଣକରୁ –ତେବେ ତାହା ମିଥ୍ୟା ହୋଇଯିବ। ନାସ୍ତିକ ଓ ଅଜ୍ଞେୟବାଦୀ ଆମର ଏଇ ଭୁଲଟିକୁ ସ୍ମରଣ କରାଇ ଦିଅନ୍ତି। – ଶ୍ରୀଅରବିନ୍ଦ

# ଅତୀତରୁ ଆକଳନ



## ଆକାର ପଟେଲ

ଯାଭିତରେ ମୁଁ କେବେ ଉତ୍ତରପ୍ରଦେଶ ଯାଇନାହିଁ ଏବଂ ସେଠାରେ ହେଉଥିବା ବିଧାନସଭା ନିର୍ବାଚନ ସମ୍ପର୍କରେ ମୁଁ ଯାହା କହୁଛି ତାହା ଏବକାର ତଥ୍ୟ କିମ୍ବା ମୁଁ କରିଥିବା କୌଣସି ତୃଣମୂଳସ୍ତରୀୟ ପ୍ରସ୍ତୁତିଉପରେ ଆଧାରିତ ନୁହେଁ। ତେବେ ଏହି ନିର୍ବାଚନର ସମ୍ଭାବ୍ୟ ନିଷ୍କର୍ଷରେ ପହଞ୍ଚିବା ପାଇଁ ଅତୀତର ଭୋଟିଂ ଧାରାକୁ ଉପସ୍ଥାପନ କରୁଛି। ଏହାକୁ ଦେଖିଲେ ଖୁବ୍ ଆଶ୍ଚର୍ଯ୍ୟ ଲାଗେ। ୨୦୧୨ରେ ସମାଜବାଦୀ ପାର୍ଟି (ଏସ୍‌ପି) ୨୯% ଭୋଟ ପାଇ ପୂର୍ଣ୍ଣ ବହୁମତ ହାସଲ କରିଥିଲା। ଉଲ୍ଲେଖନୀୟ, ସେତେବେଳେ ଭାଜପା ନୁହେଁ, ବରଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ୨୬% ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଥିଲା। ସେହି ନିର୍ବାଚନରେ ଉମା ଭାରତୀଙ୍କ ନେତୃତ୍ୱରେ ଭାଜପା ୧୫% ଭୋଟ ପାଇଥିଲା। ଏହାର ଦୁଇ ବର୍ଷ ପରେ ଅର୍ଥାତ୍ ୨୦୧୪ ସାଧାରଣ ନିର୍ବାଚନରେ, ଭାରତୀୟ ଜନତା ପାର୍ଟି (ଭାଜପା) ଆପନା ଦଳ ସହ ମେଣ୍ଟ କରି ଭୋଟ ହାର ତିନିଗୁଣ ବୃଦ୍ଧି କରିଥିଲା। ହେଲେ ଭାଜପା ଏକାକୀ ୪୦% ଭୋଟ ପାଇଥିଲା। ଏହା ଦୁଇଟି କାରଣରୁ ହୋଇଥିଲା ବୋଲି କହିପାରିବା। ଗୋଟିଏ ହେଲା ନେତୃତ୍ୱ ଏବଂ ନରେନ୍ଦ୍ର ମୋଦିଙ୍କ ଆକର୍ଷଣ, ଯାହା ଉତ୍ତର ଭାରତର ଭୋଟରମାନଙ୍କୁ ଭାଜପା ମୁହାଁ କରିଥିଲା। ଦ୍ୱିତୀୟଟି ଥିଲା ପଶ୍ଚିମ ଉତ୍ତରପ୍ରଦେଶ(ୟୁପି)ର ସାମ୍ପ୍ରଦାୟିକ ହିଂସା। ୨୦୧୩ ଅଗଷ୍ଟ ଏବଂ ସେପ୍ଟେମ୍ବରରେ ମୁଜାଫର୍ ନଗର ଏବଂ ଶାମଲିରେ ଅନେକଥର ଭୟଙ୍କର ହିଂସା ଓ ବଳାତ୍କାର ଘଟିଥିଲା। ଫଳରେ ସେହି ଅଞ୍ଚଳରେ ଧ୍ରୁବୀକରଣ ସୃଷ୍ଟି ହୋଇଥିଲା ଏବଂ ହଜାର ହଜାର ମୁସଲମାନଙ୍କୁ ରିଲିଫ୍ କ୍ୟାମ୍ପକୁ ପଠାଯାଇଥିଲା। ଉକ୍ତ ଧ୍ରୁବୀକରଣ ବହୁଦିନ ଲାଗି ରହିଥିଲା ଏବଂ ୨୦୧୪ ସାଧାରଣ ନିର୍ବାଚନ ଓ ୨୦୧୭ର ୟୁପି ବିଧାନସଭା ନିର୍ବାଚନ ପ୍ରଚାରରେ ଭାଜପା ଲୋକମାନଙ୍କୁ ସଂଗଠିତ କରିବା ଲାଗି ଏହାକୁ ଗତିଶୀଳ କରିଥିଲା। ଏହାକୁ ଲକ୍ଷ୍ୟ କରି ମାର୍ଚ୍ଚ ୨୦୧୭ରେ ହିନ୍ଦୁ ଖବରକାଗଜ ଏକ ରିପୋର୍ଟ ପ୍ରକାଶ କରିଥିଲା। ଜାଠ ଭୋଟ ବିଭାଜନ ହେଲା ଏବଂ ଲୋକ ଦଳରୁ ଏହାର ଭୋଟରମାନଙ୍କୁ ଭାଜପା ନେଇଗଲା ବୋଲି ରିପୋର୍ଟ ଦର୍ଶାଇଥିଲା। ଜାଠମାନେ ଭାଜପା ବିରୋଧରେ ଭୋଟ ଦେବା ଅର୍ଥ ମୁସଲମାନଙ୍କ ଦ୍ୱାରା ଗଠିତ ଏକ ସରକାରକୁ ନିଶ୍ଚିତ କରିବା ବୋଲି ଉକ୍ତ ରିପୋର୍ଟରେ କୁହାଯାଇଥିଲା। ଏହାସହ ଅମିତ ଶାହା ଓ ଜାଠନେତାମାନଙ୍କ ବୈଠକର ଏକ ଅଡିଓ ରେକର୍ଡିଂକୁ ଯୋଜନାବଦ୍ଧ ଭାବେ ପ୍ରକାଶ କରାଗଲା, ଯାହାର ପ୍ରଭାବ ଜାଠ ସମୁଦାୟ ଉପରେ ପଡ଼ିଥିଲା। ବାସ୍ତବରେ ଏହା ଜାଠ ସମୁଦାୟକୁ ଭୟଭୀତ କରିଥିଲା ଏବଂ ସେହି ସମୟରେ ଭାଜପା ସଂଖ୍ୟାବହୁଳ ଜାଠ ଅଞ୍ଚଳରେ ଅତି କମ୍‌ରେ ସେମାନଙ୍କର ଅଧା ଭୋଟ ତା'ପକ୍ଷକୁ ନେଇଥିଲା। ଶେଷରେ ହିନ୍ଦୁ ଧ୍ରୁବୀକରଣ ଭାଜପା ସପକ୍ଷରେ ଯାଇଥିଲା ଓ ଏହାଯୋଗୁ ଭାଜପା ପୁନର୍ବାର ୪୦% ଭୋଟ ପାଇ ନିର୍ବାଚନ ଜିତିଲା। ଏହି ନିର୍ବାଚନରେ ଅର୍ଥ ବ୍ୟବସ୍ଥା ଆଉ ଏକ ବିଷୟ ଥିଲା ବୋଲି ମନେକରାଯାଉଥିଲା। ବିମୁଦ୍ରୀକରଣର କିଛି ସପ୍ତାହ ପରେ ଓ ସାରା ଭାରତରେ ଗରିବମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଥିବାବେଳେ ଫେବୃୟାରୀ ୨୦୧୭ରେ ଭୋଟ ଗ୍ରହଣ କରାଯାଇଥିଲା। କିନ୍ତୁ ସେହି ନିର୍ବାଚନରେ ଏହାର କୌଣସି ନକାରାତ୍ମକ ପ୍ରଭାବ ଭାଜପା ଉପରେ ପଡ଼ି ନ ଥିଲା, ବରଂ ପାର୍ଟି ତା' ପ୍ରଭୁତ୍ୱ ଜାରି ରଖିଲା। ଆଶ୍ଚର୍ଯ୍ୟର କଥା, ଏସ୍‌ପି ପ୍ରତିଦ୍ୱନ୍ଦ୍ୱିତା କରିଥିବା ଆସନଗୁଡ଼ିକରେ ୨୦୧୨ରେ ପାଇଥିବା ଭୋଟହାର ୨୯%କୁ ବଜାୟ ରଖିଥିଲା। ଅନ୍ୟପକ୍ଷରେ ଉକ୍ତ ନିର୍ବାଚନରେ ବିଏସ୍‌ପିର ଭୋଟ ହାର କମିଥିଲା। ତେବେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଏସ୍‌ପି ଓ ବିଏସ୍‌ପି ଏକାଠି ହୋଇ ୨୦୧୯ ସାଧାରଣ ନିର୍ବାଚନ ଲଢିଥିଲେ। ଭାଜପା କଡ଼ା ପ୍ରତିରୋଧର ସମ୍ମୁଖୀନ ହେବ ବୋଲି ବିଚାର କରାଯାଉଥିଲା। କିନ୍ତୁ ଏହା ହେଲା ନାହିଁ। ଭାଜପା ପୁନର୍ବାର ଏହାର ଭୋଟ ହାର ପାଖାପାଖି ୫୦%କୁ ବୃଦ୍ଧି କରିଥିଲା ଓ ଦୁଇ ଦଳକୁ ପ୍ରାୟ ମୂଳପୋଛ କରିଦେଇଥିଲା। ଏହି ନିର୍ବାଚନରେ ପାକିସ୍ତାନ ଉପରେ ଭାରତର ଆକ୍ରମଣ ଏକ କାରଣ ବୋଲି ମନେକରାଗଲା। ଫେବୃୟାରୀ ଶେଷରେ ବାଲାକୋଟ ଉପରେ ଆକ୍ରମଣ କରାଗଲା ଏବଂ ଏହାର କିଛି ସପ୍ତାହ ପରେ ଭୋଟ ଗ୍ରହଣ କରାଯାଇଥିଲା। ୨୦୧୭ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନକୁ ବିମୁଦ୍ରୀକରଣ ପ୍ରଭାବିତ କରିଥିଲା କି ନାହିଁ ତାହା ଆମେ ନିଶ୍ଚିତ ନ ଥିଲୁ। ଠିକ୍ ସେହିଭଳି ୨୦୧୯ ସାଧାରଣ ନିର୍ବାଚନକୁ କେଉଁ ଘଟଣା ପ୍ରଭାବିତ କରିଛି ତାହା ମଧ୍ୟ ଆମେ ଜାଣିନାହୁଁ।

୨୦୧୭ରେ ସାମ୍ପ୍ରଦାୟିକ ଧ୍ରୁବୀକରଣ ଉପରେ ଭାଜପା ଗୁରୁତ୍ୱ ଦେଇଥିଲା । ଏହା ତା'ରାଜନୀତି ଓ ଭୋଟବ୍ୟାଙ୍କଙ୍କୁ ଆଗକୁ ବଢ଼ାଇବାର ପ୍ରମୁଖ କାରଣ। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାଜପା ବିରୋଧୀଙ୍କୁ ଲକ୍ଷ୍ୟ କରି ଜାନୁୟାରୀ ୨୮ରେ ଟୁଇଟ୍ କରିଥିଲେ ଯେ, ସେମାନେ ଜିନ୍ନାଙ୍କ ସେବକ, ଆମେ ସର୍ଦ୍ଦାର ପଟେଲଙ୍କ ଉପାସକ। ପାକିସ୍ତାନ ସେମାନଙ୍କର ପ୍ରିୟ, ଆମେ ମା'ଭାରତୀ ପ୍ରତି ସମର୍ପିତ। ଅତୀତରେ ଜିନ୍ନା, ପାକିସ୍ତାନ ଏବଂ ମୁସଲମାନ ପ୍ରସଙ୍ଗ ଭାଜପା ପାଇଁ କାମ କରିଥିଲା। ଏଥିପାଇଁ ଭାଜପା ଏହି ପ୍ରସଙ୍ଗ ଜାରି ରଖିବ। ବୁଝାପଡୁଛି, ୟୁପି ସୁଇପ୍ କରିବା ଲାଗି ବ୍ୟାପକ ଯୋଜନା କରାଯାଉଛି। ହେଲେ ଏଥିପାଇଁ ଭାଜପାକୁ ଗତ ତିନୋଟି ନିର୍ବାଚନର ଭୋଟ ହାର ଧରି ରଖିବାକୁ ପଡ଼ିବ। କିନ୍ତୁ ଏହା ଲାଗି ପାର୍ଟି ହରାଇଥିବା ସମ୍ଭବତଃ ୧୦% ପର୍ଯ୍ୟନ୍ତ ଭୋଟ ହାସଲ କରିବାକୁ କିଛି ବି କରିପାରେ। ଏସ୍‌ପି ଏବେ ରେକର୍ଡ ସ୍ତରର ଭୋଟ ହାର ହାତେଇବାକୁ ଉଦ୍ୟମ କରୁଥିବା ମନେହେଉଛି। କିନ୍ତୁ ଏହା ଭାଜପାକୁ ରୋକିବାରେ ସକ୍ଷମ ହେବ ବୋଲି ଜଣାପଡୁନାହିଁ। ମୁଁ ଏସବୁ ଯାହା କହୁଛି ତାହା ଅତୀତର ସଂଖ୍ୟାରୁ ଆକଳନ କରି କହୁଛି।

ଶେଷରେ ନିର୍ବାଚନକୁ ପ୍ରଭାବିତ କରିବା ଭଳି କୌଣସି ବାହ୍ୟ କାରଣ ରହିଛି କି ନାହିଁ ଦେଖିବାକୁ ହେବ। ଏହିସବୁ କାରଣଗୁଡ଼ିକ ମଧ୍ୟରେ ରହିଛି ବର୍ଷାଧିକ କାଳ ଚାଲୁରହିବା ପରେ ନଭେମ୍ବରରେ ଶେଷ ହୋଇଥିବା କୃଷକ ଆନ୍ଦୋଳନ, ରେଲୱେ ଏବଂ ଅନ୍ୟ କେନ୍ଦ୍ରୀୟ ଚାକିରିକୁ ନେଇ କେନ୍ଦ୍ର ସରକାରଙ୍କ ବିରୋଧରେ ଏବକାର ଆନ୍ଦୋଳନ ଓ ଗତ ବର୍ଷ କୋଭିଡ୍ ମହାମାରୀ ଦ୍ୱିତୀୟ ଲହରରେ ଗଙ୍ଗାରେ ଭାସୁଥିବା ଶବର ଦୃଶ୍ୟ। ସାମ୍ପ୍ରଦାୟିକ ଧ୍ରୁବୀକରଣ ସମ୍ମୁଖରେ ଏହି ବିଷୟଗୁଡ଼ିକ ପ୍ରାସଙ୍ଗିକତା ହରାଇବ କି? ସମ୍ଭବତଃ, ଉକ୍ତ ପ୍ରଶ୍ନର ଉତ୍ତର ଚଳିତ ନିର୍ବାଚନ ଫଳାଫଳରୁ ହିଁ ମିଳିଯିବ।

Email:aakar.patel@gmail.com

# ବଜେଟକୁ ନେଇ ଆଶା



## ଡ. ଅମିୟ କୁମାର ମହାପାତ୍ର

ଭାରତର ଅର୍ଥମନ୍ତ୍ରୀ ନିର୍ମଳା ସିତାରାମନ ଫେବୃୟାରୀ ୧ରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିବେ। ବିଭିନ୍ନ ସଂସ୍ଥା, ଯୋଜନା ପ୍ରଣୟନକାରୀ, ନୀତି ନିର୍ଦ୍ଧାରକ ଏବଂ ଶିଳ୍ପ ଉଦ୍ୟୋଗୀମାନଙ୍କର ମତାମତ ଏବଂ ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ଆୟ ବ୍ୟୟର ପ୍ରସ୍ତାବକୁ ନେଇ ବିଚାରବିମର୍ଶ କରି ବଜେଟ ପ୍ରସ୍ତୁତ ହୋଇ ସାରିଲାଣି। ହେଲେ ଉପସ୍ଥାପନା ପୂର୍ବରୁ ବଜେଟ ଏବଂ ତା'ର ପ୍ରସ୍ତାବକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା, ଆଲୋଚନା ଏବଂ ଅଟକଳ କରାଯାଉଛି। କୌଣସି ଦେଶର ବଜେଟ କେବଳ ସରକାରଙ୍କ ଆୟ-ବ୍ୟୟର ଚିଠା ଅବା ଆର୍ଥିକ ବିବରଣୀ ନୁହେଁ, ବରଂ ଏହା ଏକ ଶକ୍ତିଶାଳୀ ଏବଂ ଫଳପ୍ରଦ ମାଧ୍ୟମ, ଯାହା ଦେଶର ଭାଗ୍ୟ ଏବଂ ଭବିଷ୍ୟତ ନିର୍ଦ୍ଧାରଣ କରିଥାଏ। ଏହାର ପ୍ରାସଙ୍ଗିକତା ଏବଂ ଉପାଦେୟତା ଯୋଗୁ, ବଜେଟ ଉପସ୍ଥାପନା ପୂର୍ବରୁ ଏବଂ ପରେ ମଧ୍ୟ ଆଲୋଚନା, ସମାଲୋଚନା ଏବଂ ସମୀକ୍ଷା କରାଯାଇଥାଏ। ବଜେଟ ଜରିଆରେ ଦେଶର ଅର୍ଥନୈତିକ ଏବଂ ସାମାଜିକ ପରିବର୍ତ୍ତନ ଏବଂ ଦେଶର ସର୍ବାଙ୍ଗୀନ ଉନ୍ନତି ହୋଇଥାଏ। ଏତଦ୍ ବ୍ୟତୀତ ସମାବେଶି ବିକାଶ ଏବଂ ଆଞ୍ଚଳିକ ବିକାଶରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। କରୋନା ମହାମାରୀ ଜନିତ ସଂକଟ, ଦେଶର ଆର୍ଥିକ ଅବନତି ଏବଂ ତା'ର କୁପ୍ରଭାବକୁ ହ୍ରାସ କରିବା ପାଇଁ ଏହା ଅନ୍ୟ ବଜେଟ ଅପେକ୍ଷା ଭିନ୍ନ ଏବଂ ଦୂରଦୃଷ୍ଟିସମ୍ପନ୍ନ ହେବ ବୋଲି ଆଶା କରାଯାଉଛି।

ଦେଶର ଅର୍ଥନୈତିକ ପରିସ୍ଥିତିକୁ ମୂଲ୍ୟାଙ୍କନ ଏବଂ ଦୀର୍ଘମିଆଦୀ ବୃଦ୍ଧିକୁ ମାପିବା ପାଇଁ ବିତ୍ତୀୟ ନିଅଣ୍ଟକୁ ବ୍ୟବହାର କରାଯାଇଥାଏ। ବିତ୍ତୀୟ ନିଅଣ୍ଟ ଦେଶର ଆର୍ଥିକ ସଂକଟକୁ ଦର୍ଶାଇଥାଏ। ବିତ୍ତୀୟ ଦାୟିତ୍ୱ ଏବଂ ବଜେଟ ପରିଚାଳନା ନିୟମ-୨୦୦୩ ଅନୁଯାୟୀ ବିତ୍ତୀୟ ନିଅଣ୍ଟ ଜିଡିପିର ୩ ପ୍ରତିଶତରୁ ଅଧିକ ହେବା ଉଚିତ ନୁହେଁ। ବିତ୍ତୀୟ ନିଅଣ୍ଟ ବୃଦ୍ଧି ପାଇଲେ ତଦ୍ୱାରା ଆର୍ଥିକ ସଂକଟଜନକ ସମସ୍ୟା ସୃଷ୍ଟି ହୋଇପାରେ। ବିଗତ ଦଶନ୍ଧିରେ ତାହା ଏକ ପ୍ରସ୍ତାବ ମାତ୍ର ହୋଇ ରହିଆସିଛି। କରୋନା ସଂକଟ ଏବଂ ତଦ୍ୱାରା ପ୍ରଭାବିତ ଭାରତରେ ବିତ୍ତୀୟ ନିଅଣ୍ଟକୁ ପ୍ରସ୍ତାବିତ ଜିଡିପିର ୩ ପ୍ରତିଶତ ରଖିବା ଅସମ୍ଭବ ହେବ। ଏହା ୫-୬ ପ୍ରତିଶତ ହେବାର ସମ୍ଭାବନା ଅଛି। ପୁଞ୍ଜି ବ୍ୟୟ ଏବଂ ରାଜସ୍ୱ ନିଅଣ୍ଟ ବିତ୍ତୀୟ ନିଅଣ୍ଟର ମାନ ନିର୍ଦ୍ଧାରଣ କରିଥା'ନ୍ତି। ପୁଞ୍ଜି ବ୍ୟୟ ଦେଶର ଉତ୍ପାଦନ ଏବଂ ରୋଜଗାରରେ ଯୋଗଦାନ କରିଥାଏ। ତେଣୁ ଅଧିକ ବିତ୍ତୀୟ ନିଅଣ୍ଟର କୁପରିଣାମକୁ ଅଧିକ ପୁଞ୍ଜିବ୍ୟୟ ଦ୍ୱାରା କମ କରାଯାଇପାରିବ। ରାଜସ୍ୱ ନିଅଣ୍ଟ ବିତ୍ତୀୟ ନିଅଣ୍ଟର ମୁଖ୍ୟ କାରଣ। ତେଣୁ ବିତ୍ତୀୟ ନିଅଣ୍ଟକୁ କମ୍ କରିବାକୁ ହେଲେ ରାଜସ୍ୱ ନିଅଣ୍ଟକୁ କମ୍ କରିବାକୁ ପଡ଼ିବ। ସେଥିପାଇଁ ଯୋଜନାବଦ୍ଧ ଭାବରେ ଟିକସ ବୃଦ୍ଧି, ଟିକସ ସଂଗ୍ରହରେ ବୃଦ୍ଧି, ଉତ୍ତମ ଟିକସ ପ୍ରଶାସନ, ଏବଂ ଟିକସ-ଜିଡିପିର ଅନୁପାତକୁ ପୁନଃ ନିର୍ଦ୍ଧାରଣ କରିବା ଆବଶ୍ୟକ। ଅପରପକ୍ଷରେ ଅଣ-ଯୋଜନା ରାଜସ୍ୱ ଖର୍ଚ୍ଚକୁ କମ କରିବା ଦରକାର ଏବଂ ଏହାର ଅପକାରିତା ଏବଂ ଉପକାରିତା ବିଶ୍ଳେଷଣ କରିବା ପାଇଁ ବ୍ୟୟ ସଂସ୍କାର ଆୟୋଗ ଗଠନ କରାଯାଇଥିଲେ ମଧ୍ୟ ବିଶେଷ ଫଳପ୍ରଦ ହୋଇନାହିଁ। ଏବେ ବିତ୍ତୀୟ ନିଅଣ୍ଟ ଏକ ଚିନ୍ତାର ବିଷୟ।

ଆର୍ଥିକ ମାନ୍ଦାବସ୍ଥା ଏବଂ କରୋନାଜନିତ ବେକାରିକୁ କମ୍ କରିବାକୁ ସରକାର ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଅଗ୍ରାଧିକାର ଦେଇ ଆସିଛନ୍ତି। ଆର୍ଥିକ ଅଭିବୃଦ୍ଧି ଏବଂ ଗ୍ରାମୀଣ ବିକାଶ ପାଇଁ ସରକାର ବଜେଟରେ ଅଧିକ ଆର୍ଥିକ ପ୍ରବଧାନ କରିଥିବାର ଚର୍ଚ୍ଚା ହେଉଛି। କୃଷି ଏବଂ କୃଷକଙ୍କ ବିକାଶ ଏବଂ ତଜ୍ଜନିତ ଯୋଜନା ଏହି ବଜେଟରେ ଅଗ୍ରାଧିକାର ପାଇବା ସ୍ୱାଭାବିକ ଏବଂ ନ୍ୟାୟସଙ୍ଗତ ମଧ୍ୟ। ସରକାର କୃଷି ନିୟମରେ ପରିବର୍ତ୍ତନ ଏବଂ କୃଷି ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପ୍ରକାର ଯୋଜନା କରିଥିବାର ଆଶା ଅଛି। କିଷାନ କ୍ରେଡିଟ୍ କାର୍ଡ, କୃଷି ବୀମା, କୃଷି ଋଣ, କୃଷିଜନିତ ବଜାର, କୃଷି ଏବଂ ଗ୍ରାମୀଣ ଅର୍ଥ ବ୍ୟବସ୍ଥାରେ ସୁଧାର ଏବଂ ଉନ୍ନତି ଗ୍ରାମୀଣ ଜୀବନକୁ ସମୃଦ୍ଧ କରିବା ସଙ୍ଗେ ସଙ୍ଗେ ଜୀବିକା ବୃଦ୍ଧି ଏବଂ ଜୀବନକୁ ଆନନ୍ଦମୟ କରିବ।

ଆର୍ଥିକ ଅଭିବୃଦ୍ଧି ସହିତ ସାମାଜିକ ସ୍ଥିତିରେ ଦେଶ ସୁଦୃଢ଼ ହେବା ଉଚିତ। ସ୍ୱାସ୍ଥ୍ୟ, ଶିକ୍ଷା, ଗୃହ, ପରିମଳ ଇତ୍ୟାଦି ଏକ ସୁଖଦ ଜୀବନ ନିର୍ବାହ ପାଇଁ ଅପରିହାର୍ଯ୍ୟ। କରୋନା ସମସ୍ତ ମାନବ ସମାଜକୁ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ବୋଲି ପ୍ରମାଣ କରି ଏକ ନୂତନ ସଚେତନତା ସୃଷ୍ଟି କରିଛି। ରାଷ୍ଟ୍ରର ବିକାଶରେ ସ୍ୱାସ୍ଥ୍ୟସେବାକୁ ଅଗ୍ରାଧିକାର ଏହି ବଜେଟରେ ଦିଆଯାଇଥିବାର ବିଶ୍ୱାସ ଅଛି। ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ଉପରେ ସରକାର ବ୍ୟୟ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ଉତ୍ତମ ସ୍ୱାସ୍ଥ୍ୟସେବା, ଭିତ୍ତିଭୂମି ନିର୍ମାଣ, ଉତ୍ତମ ଚିକିତ୍ସକ ଏବଂ ଚିକିତ୍ସା, ଆର୍ଥିକ ସହାୟତା, ବୀମା ଯୋଜନା ଇତ୍ୟାଦି ଯୋଗାଇ ଦେଇ ଏକ ସୁସ୍ଥ ଏବଂ ସ୍ୱଚ୍ଛ ଭାରତ ଗଠନରେ ଏହି ବଜେଟର ଆବଶ୍ୟକତା ରହିଛି ଏବଂ ଏହି ପରିପ୍ରେକ୍ଷୀରେ ଜାତୀୟ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନାକୁ ସୁଦୃଢ଼ କରିବା ଅତି ଆବଶ୍ୟକ।

ଶିକ୍ଷା କ୍ଷେତ୍ରରେ ଡିଜିଟାଲ ଏବଂ ଅନ୍‌ଲାଇନ୍ ଶିକ୍ଷା ଯୋଗୁ ଶିକ୍ଷାନୁଷ୍ଠାନମାନଙ୍କୁ ଆଧୁନିକୀକରଣ କରିବା ସହିତ ବୈଷୟିକ ଜ୍ଞାନ କୌଶଳ ଯୋଗାଇଦେବା ଦରକାର। ଗାଁଠାରୁ ସହର ପର୍ଯ୍ୟନ୍ତ ଶିକ୍ଷାର ମାନ ଏବଂ ଗୁଣବତ୍ତା ବଢ଼ାଇବାକୁ ହେଲେ ଏହି କ୍ଷେତ୍ରରେ ଅଧିକ ନିବେଶ ଆବଶ୍ୟକ। ନୂତନ ଶିକ୍ଷାନୀତି, ଶିକ୍ଷାର ପ୍ରସାର ଏବଂ ମାନ ବୃଦ୍ଧି ପାଇଁ ବର୍ତ୍ତମାନ ସରକାର ସଂକଳ୍ପବଦ୍ଧ। ତେଣୁ ଶିକ୍ଷା ଏବଂ ଅନୁସନ୍ଧାନ ବିଶେଷ ରୂପରେ ବଜେଟରେ ଅଗ୍ରାଧିକାର ପାଇଥିବ ବୋଲି ଆଶା ଓ ବିଶ୍ୱାସ।

ଅର୍ଥନୈତିକ ବିକାଶ, ଅଧିକ ରୋଜଗାର ଏବଂ ନିଯୁକ୍ତି ବଢ଼ାଇବା ପାଇଁ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗମାନଙ୍କର ଯୋଗଦାନ ଅତ୍ୟନ୍ତ ଜରୁରୀ। ଏହି ବଜେଟରେ ଋଣ, ସହାୟତା ଏବଂ ସବ୍‌ସିଡି ଆଦି ପ୍ରାବଧାନ ରହିଥିବାର ଆଶା ଅଛି। ଏହାଦ୍ୱାରା ରପ୍ତାନିରେ ବୃଦ୍ଧି ହେବ ଏବଂ ଉତ୍ପାଦନ ବଢ଼ିବ। ଯୁବ ଗୋଷ୍ଠୀମାନେ ମଧ୍ୟ ନିଜର ଷ୍ଟାର୍ଟଅପ୍ କରି ନିଜେ ରୋଜଗାରକ୍ଷମ ହେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି କରିପାରିବେ। ଏହା ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ସୁଗମ କରିବ।

ଜାତିସଂଘର ନିରନ୍ତର ବିକାଶ ଯୋଜନା ଅନ୍ତର୍ଗତ ସମସ୍ତ ୧୭ଟି ଲକ୍ଷ୍ୟକୁ ଆଖି ଆଗରେ ରଖି ବଜେଟରେ ଆୟ ବ୍ୟୟ ଏବଂ ନିରନ୍ତର ପ୍ରଗତି ଉପରେ ଗୁରୁତ୍ୱ ଦିଆଯିବା ଉଚିତ। ବିଶ୍ୱର ଜଳବାୟୁ ପରିବର୍ତ୍ତନ ପରିପ୍ରେକ୍ଷୀରେ ଭାରତକୁ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଡିକାର୍ବୋନାଇଜ କରିବାକୁ ପଡ଼ିବ। ସେଥିପାଇଁ ବଜେଟ ଜରିଆରେ ବ୍ୟାପକ କାର୍ବନ ବାଣିଜ୍ୟ ନୀତି ଏବଂ ପ୍ଲାଟଫର୍ମକୁ ସୁଦୃଢ଼ କରିବାକୁ ପଡ଼ିବ। ଅକ୍ଷୟ ଶକ୍ତିର ଉତ୍ପାଦନ ଏବଂ ତାହାର ବ୍ୟବହାରକୁ ବଜେଟ ପାଣ୍ଠି ଆବଣ୍ଟନ ଦ୍ୱାରା ପ୍ରୋତ୍ସାହିତ କରିବା ଉଚିତ। ଜାତୀୟ ହାଇଡ୍ରୋଜେନ ମିଶନ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଶକ୍ତି କ୍ଷେତ୍ରରେ ଅକ୍ଷୟ ଶକ୍ତିର ପ୍ରୋତ୍ସାହନ, ପୁଞ୍ଜି ବିନିଯୋଗ, କର୍ପୋରେଟ୍ ଟିକସ ହ୍ରାସ, ଘରୋଇ ଉତ୍ପାଦନକୁ ପ୍ରୋତ୍ସାହନ, ଆତ୍ମନିର୍ଭର ଭାରତକୁ ସୁଦୃଢ଼ କରିବ। ଏହି ପରିପ୍ରେକ୍ଷୀରେ ଇଲେକ୍ଟ୍ରିକ ଗାଡ଼ି ଏବଂ ତା'ର ଉତ୍ପାଦନକୁ ସରକାର ପ୍ରୋତ୍ସାହନ ଦେବା ଉଚିତ।

ଦେଶର ସମବେଶି ବିକାଶ ପାଇଁ ଦାରିଦ୍ର୍ୟ ଏବଂ ଅସମାନତା ଦୂରହେବା ଦରକାର। ସୁଶାସନ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ଦ୍ୱାରା ତାହା ସମ୍ଭବ ହୋଇପାରିବ। ମୂଳ ଭିତ୍ତିଭୂମିର ବିକାଶ ଓ ପୁଞ୍ଜିଗତ ପରିବର୍ତ୍ତନ ଜୀବନର ମାନ ବୃଦ୍ଧି କରିବ ଏବଂ ରୋଜଗାର ମଧ୍ୟ। ତେଣୁ ଦେଶରେ ଉତ୍ପାଦନ ଏବଂ ଉତ୍ପାଦକତା ବୃଦ୍ଧିରେ ଏହି ବଜେଟ ସହାୟକ ହେବ ବୋଲି ଆଶା କରାଯାଏ। ସମବେଶି ବିକାଶ, ତଜ୍ଜନିତ ଲାଭ ସମସ୍ତ ନାଗରିକଙ୍କ ପାଖରେ ପହଞ୍ଚିବା ଦରକାର। ଏହା ଦ୍ୱାରା ଜନତାଙ୍କ ଜାତୀୟ ବିକାଶରେ ଅଂଶଗ୍ରହଣ ଏବଂ ଭାଗୀଦାରି ବଢ଼ିବ। ସେଥିପାଇଁ ଡିଜିଟାଲ ଇଣ୍ଡିଆ ଏବଂ ଡିଜିଟାଲ ଭିତ୍ତିଭୂମିକୁ ପ୍ରୋତ୍ସାହନ ଦେବା ଦରକାର, ଯାହା ଭାରତକୁ ଆତ୍ମନିର୍ଭରଶୀଳ କରିବାରେ ସାହାଯ୍ୟ କରିବ।

ବରିଷ୍ଠ ନାଗରିକଙ୍କୁ ସହାୟତା, ମହିଳା ସଶକ୍ତୀକରଣକୁ ପ୍ରୋତ୍ସାହନ, ଶିଶୁ ଏବଂ ମହିଳା କଲ୍ୟାଣ ମଧ୍ୟ ଆସନ୍ତା ବଜେଟରେ ଅଗ୍ରାଧିକାର ପାଇବାର ଆଶା ରହିଛି। ଏହି ବଜେଟ କରୋନା ପ୍ରଭାବିତ ଭାରତର ବିକାଶକୁ ତ୍ୱରାନ୍ୱିତ କରିବା ସହ ଗ୍ରାମୀଣ ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଭିତ୍ତିଭୂମିର ବିକାଶ ଏବଂ ରୋଜଗାର ପ୍ରଦାନକୁ ଅଗ୍ରାଧିକାର ଦେବ ବୋଲି ଆଶା କରାଯାଉଛି।

– ଉପନିର୍ଦ୍ଦେଶକ
ଫୋଷ୍ଟିମା ବିଜ୍‌ନେସ ସ୍କୁଲ, ନୂଆଦିଲ୍ଲୀ

# ପାରଦର୍ଶୀ ଉପଦେଷ୍ଟା

ଭାରତର ଅର୍ଥନୀତି ୨୦୧୬ର ବିମୁଦ୍ରୀକରଣ ଓ ଏହାର ୪ ବର୍ଷ ପରେ କରୋନା ମହାମାରୀ ଯୋଗୁ ଦୁର୍ବଳ ହୋଇପଡ଼ିଛି। ଇନ୍ଧନଠାରୁ ଆରମ୍ଭ କରି ନିତ୍ୟ ବ୍ୟବହାର୍ଯ୍ୟ ଖାଦ୍ୟ ସାମଗ୍ରୀ ଦର ନେଇ ପ୍ରତିକ୍ଷଣରେ ନାଗରିକ ସନ୍ତୁଳି ହେଉଛି। ନିଯୁକ୍ତି ସଙ୍କୁଚିତ ହୋଇଯାଇଥିବାରୁ ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢ଼ିଚାଲିଛି। ଅର୍ଥନୀତିର ପ୍ରତିଟି ବିଭାଗକୁ ଏହିଭଳି ତର୍ଜମା କଲେ ସକାରାତ୍ମକ ଅପେକ୍ଷା ନକାରାତ୍ମକ ଦିଗ ଅଧିକ ସାମ୍ନାକୁ ଆସୁଛି। ଏଭଳି ସ୍ଥିତିକୁ ସୁଧାରିବା ଲାଗି ଅର୍ଥନୀତିଜ୍ଞ ଓ ବିଶେଷଜ୍ଞମାନେ ଲାଗି ଥିଲେ ମଧ୍ୟ ସହସା ସମାଧାନର ବାଟ ଦେଖାଯାଉ ନାହିଁ। ୧ ଫେବୃୟାରୀରେ କେନ୍ଦ୍ର ସରକାର ୨୦୨୨-୨୩ ଆର୍ଥିକ ବର୍ଷ ସକାଶେ ବଜେଟ ଉପସ୍ଥାପନ କରିବେ। ତା' ପୂର୍ବରୁ ଅର୍ଥନୈତିକ ସର୍ଭେ ଗୁରୁତ୍ୱ ବହନ କରିଥାଏ। ଇତିମଧ୍ୟରେ ପ୍ରଧାନ ଅର୍ଥନୈତିକ ଉପଦେଷ୍ଟା ସଞ୍ଜୀବ ସାନ୍ୟାଲଙ୍କ ନେତୃତ୍ୱରେ ସର୍ଭେ ଚିଠା ପ୍ରସ୍ତୁତ କରାଯାଇଛି। ୩୧ ଜାନୁୟାରୀରେ ଅର୍ଥନୈତିକ ସର୍ଭେ ପାର୍ଲାମେଣ୍ଟରେ ଉପସ୍ଥାପନ ହେବା ପୂର୍ବରୁ କେନ୍ଦ୍ର ସରକାର ଅର୍ଥନୀତିଜ୍ଞ ଭି. ଅନନ୍ତ ନାଗେଶ୍ୱରନ୍‌ଙ୍କୁ ୨୮ ଜାନୁୟାରୀରେ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା (ସିଇଏ) ଭାବେ ନିଯୁକ୍ତି ଦେଇଛନ୍ତି। ଡିସେମ୍ବର ୨୦୨୧ରେ କ୍ରିଷ୍ଣମୂର୍ତ୍ତି ସୁବ୍ରମନ୍ୟନ୍‌ଙ୍କ ୩ ବର୍ଷୀୟା କାର୍ଯ୍ୟକାଳ ଶେଷ ହେବା ପରେ ଏହି ପଦବୀ ଖାଲିପଡ଼ିଥିଲା। ତେବେ ବଜେଟ ପୂର୍ବରୁ ନାଗେଶ୍ୱରନ୍‌ଙ୍କ ଯୋଗଦାନ ଆର୍ଥିକ ପରିଚାଳନାରେ ସହାୟକ ହେବ ବୋଲି ଆଶା କରାଯାଉଛି। ଏଭଳି ପରିପ୍ରେକ୍ଷୀରେ

**ବ୍ୟକ୍ତିତ୍ୱ**



ଭି. ଅନନ୍ତ ନାଗେଶ୍ୱରନ୍

ନୂଆ ଅର୍ଥନୈତିକ ଉପଦେଷ୍ଟାଙ୍କ ବିଷୟରେ ଅନେକେ ଜାଣିବାକୁ ଆଗ୍ରହ ରଖିବା ସ୍ୱାଭାବିକ।

୧୯୬୨ରେ ଜନ୍ମିତ ନାଗେଶ୍ୱରନ୍‌ଙ୍କ କ୍ୟାରିୟର ଦେଖିଲେ ସେ ୧୯୮୩ରେ ମଦୁରାଇର ଆମେରିକାନ୍ କଲେଜରୁ ସ୍ନାତକ ଡିଗ୍ରୀ ଅର୍ଜନ କରିଥିଲେ। ୧୯୮୬ରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ, ଅହମ୍ମଦାବାଦରୁ ସେ ପୋଷ୍ଟ ଗ୍ରାଜୁଏଟ୍ ଡିପ୍ଲୋମା ଇନ୍ ମ୍ୟାନେଜମେଣ୍ଟ କରିବା ପରେ ୟୁନିଭର୍ସିଟି ଅଫ୍ ମାସାଚ୍ୟୁସେଟ୍‌ସ ଆମ୍‌ହର୍ଷ୍ଟରୁ ଡକ୍ଟରେଟ୍ ଉପାଧି ଅର୍ଜନ କରିଥିଲେ। କର୍ପୋରେଟ୍ ପରିଚାଳନା ଦିଗରେ ତାଙ୍କ ଆଗ୍ରହ ତାଙ୍କୁ ସୁଇଜରଲାଣ୍ଡର ଅନ୍ୟତମ ପ୍ରମୁଖ ବିତ୍ତୀୟ ସେବା ସଂସ୍ଥା 'କ୍ରେଡିଟ୍ ସ୍ୟୁସେ ଗ୍ରୁପ୍ ଏଜି' ଏବଂ ସିଙ୍ଗାପୁରର 'ଜୁଲିୟସ୍ ବଏର୍ ଗ୍ରୁପ୍'ରେ କାର୍ଯ୍ୟ କରିବା ଲାଗି ସୁଯୋଗ ଦେଇଥିଲା। ପରେ ସେ 'ଦି ତକ୍ଷଶୀଳା ସଂସ୍ଥା'ର ସହ-ପ୍ରତିଷ୍ଠାତା ହୋଇଥିଲେ ଓ ସେଥିରେ ପ୍ରଥମ ଥର ଲାଗି ଆବିଷ୍କାର ଗ୍ରୁପ୍‌ର ବିନିଯୋଗ ପାଣ୍ଠିର ଶୁଭାରମ୍ଭ କରିଥିଲେ। ଆନ୍ଧ୍ରପ୍ରଦେଶର କେରା ବିଶ୍ୱବିଦ୍ୟାଳୟର ଆଇଏଫ୍‌ଏମ୍‌ଆର୍ ଗ୍ରାଜୁଏଟ୍ ସ୍କୁଲ ଅଫ୍ ବିଜ୍‌ନେସରେ ସେ ଡିନ୍ ମଧ୍ୟ ରହିଥିଲେ। ମ୍ୟାନେଜମେଣ୍ଟ ସଂସ୍ଥା ଗଢ଼ିବା ଓ ସେଥିରେ କାମ କରିବା ବେଳେ ସେ ସମ୍ମୁଖୀନ ହୋଇଥିବା ସମସ୍ୟା ସମାଧାନ କରିବାର କୌଶଳ ଜାଣିଥିଲେ। ସମ୍ଭବତଃ ନାଗେଶ୍ୱରନ୍‌ଙ୍କ ପାରଦର୍ଶିତାକୁ ସରକାରୀ କାର୍ଯ୍ୟରେ ବିନିଯୋଗ କରିବା ଲକ୍ଷ୍ୟ ରଖାଯାଇ ତାଙ୍କୁ ୨୦୧୯ରୁ ୨୦୨୧ ଯାଏ ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ଉପଦେଷ୍ଟା ପରିଷଦରେ ସାମୟିକ ସଦସ୍ୟ ରଖାଯାଇଥିଲା। ବିଶ୍ୱ ସମ୍ପର୍କ ସମ୍ବନ୍ଧିତ ଭାରତୀୟ ପରିଷଦ, 'ଗେଟ୍‌ୱେ ହାଉସ୍'ରେ ଜିଓଇକୋନମିକ୍ସ ଷ୍ଟଡିଜ୍‌ର ପୂର୍ବତନ ଆଡଜଙ୍କଟ୍ ସିନିୟର ଫେଲୋ ଭାବେ କାର୍ଯ୍ୟ କରିବା ପୂର୍ବରୁ ନାଗେଶ୍ୱରନ୍ ସ୍ୱାଧୀନ ପରାମର୍ଶଦାତା ଭାବେ ୬ ବର୍ଷ କାର୍ଯ୍ୟ କରିଥିଲେ।

ଜଣେ ଅର୍ଥନୀତିଜ୍ଞ ଓ କର୍ପୋରେଟ୍ ପରିଚାଳକ ସହିତ ଲେଖକ, ଓ ମ୍ୟାନେଜମେଣ୍ଟ ଗୁରୁ ଭାବେ ନାଗେଶ୍ୱରନ୍‌ଙ୍କ ବିଶେଷ ଦକ୍ଷତା ରହିଥିବାରୁ ସେ ଦେଶର ଅର୍ଥନୈତିକ ଅସଙ୍ଗତିକୁ ଚିହ୍ନଟ କରି ସମାଧାନର ନୂଆ ସୂତ୍ର ବାହାର କରିବେ ବୋଲି ଆଶା ରହୁଛି। 'ଇକୋନମିକ୍ସ ଅଫ୍ ଡେରିଭେଟିଭ୍' ଓ 'କ୍ୟାନ୍ ଇଣ୍ଡିଆ ଗ୍ରୋ'ର ସହ-ଲେଖକ ନାଗେଶ୍ୱରନ୍‌ଙ୍କ କ୍ୟାରିୟର ଗ୍ରାଫ୍‌ର ସଫଳତାକୁ ଦେଖିଲେ ତାଙ୍କ ବ୍ୟକ୍ତିତ୍ୱ ନିଶ୍ଚିତ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ।

– ଜିତେନ୍ଦ୍ର କୁମାର ନାୟକ

# ଧଳା ବଦଳରେ...

## ତୁଷାରକାନ୍ତ

ମହାଭାରତ ଯୁଦ୍ଧ ସରିଗଲା। ରାଜଗାଦିରେ ଅଧିଷ୍ଠିତ ହେବାକୁ ଥିବା ଧର୍ମାତ୍ମା ଯୁଧିଷ୍ଠିର କିନ୍ତୁ ଅତ୍ୟନ୍ତ ବିମର୍ଷ ଥାଇ ଚିନ୍ତା କରୁଥାନ୍ତି "ଭାଇ, ବନ୍ଧୁ, ଗୁରୁ ଓ ଦୁଇପଟରୁ ଅସଂଖ୍ୟ ସୈନିକ ତଥା ହାତୀ, ଘୋଡ଼ା ଇତ୍ୟାଦିଙ୍କ ମୃତ୍ୟୁରୁ ପାଇଲି କ'ଣ? ବରଂ ଭିକ୍ଷା ମାଗି ଚଳିଯିବି, କିନ୍ତୁ ରାଜଗାଦି ଦରକାର ନାହିଁ। ସୂର୍ଯ୍ୟାଲୋକରେ ଭିକ ମାଗିବାକୁ ଗଲେ ଲାଜ ଲାଗିବ। ତେଣୁ ସୂର୍ଯ୍ୟାସ୍ତ ପରେ ଅନ୍ଧାରରେ ମୁହଁ ଲୁଚେଇ, ଦୁଇତିନି ଘରୁ ଯାହା ମିଳିବ ସେଇଥିରେ ଚଳିଯିବି।"

କେହି କେହି ଏହି ଯୁଦ୍ଧଟି ଖ୍ରୀଷ୍ଟପୂର୍ବ ୩୧୦୨ ବା ଆଜକୁ ପ୍ରାୟ ୫୩୦୦ ବର୍ଷ ତଳେ ସଂଗଠିତ ହୋଇଥିଲା ବୋଲି କହିଥା'ନ୍ତି। ତାହାର ପ୍ରାୟ ୫୨୨୬ ବର୍ଷ ପରେ ୧୯୪୭ ଅଗଷ୍ଟ ୧୪/୧୫ ତାରିଖ ସନ୍ଧିକ୍ଷଣରେ ସମଗ୍ର ଭାରତବାସୀ ସ୍ୱାଧୀନତାପ୍ରାପ୍ତି ଅବସରରେ ଆତ୍ମହରା ହୋଇ ଖୁସିରେ ମସ୍‌ଗୁଲ ହେଉଥିବା ସମୟରେ, ଏହି ସଂଗ୍ରାମର କର୍ଣ୍ଣଧାର ତଥା ଏ ଯୁଗର ମହାତ୍ମା, ଗାନ୍ଧିଜୀ ଦଙ୍ଗାଗ୍ରସ୍ତ କଲିକତାରେ ଅଳ୍ପ କିଛି ସହକର୍ମୀଙ୍କ ସହ ବୁଲି ବୁଲି ସେଥିରୁ ନିବୃତ୍ତ ରହିବାକୁ ଲୋକଙ୍କୁ ବୁଝାଉଥିଲେ। ମହାତ୍ମା ଯୁଧିଷ୍ଠିର ଏତେ ବୈରାଗ୍ୟ ସତ୍ତ୍ୱେ ପୁଣି ରାଜା ହୋଇଥିଲେ। କିନ୍ତୁ ମହାତ୍ମା ଗାନ୍ଧୀ ରାଜଗାଦିକୁ ତୁଚ୍ଛ ମଣିଥିଲେ। ଏବେ ତ ତାଙ୍କ ପୁଣ୍ୟତିଥିରେ ତାଙ୍କ ଫଟୋକୁ ନକଲି ପିସ୍ତଲରୁ ଗୁଳି ମରାଯାଇ, ତାଙ୍କ ଶରୀରରୁ ନକଲି ରକ୍ତ ବୁହାଯାଇ ଓ 'ଜୟ ଗଡ୍‌ସେ' ଧ୍ୱନି ପକାଯାଇ, ଲଡୁ ବଣ୍ଟାଯାଇ ଖୁସିର ମାହୋଲ ସୃଷ୍ଟି କରାଯାଉଛି। ଗାନ୍ଧିବାଦକୁ ଧ୍ୱଂସ କରିବାକୁ ପ୍ରୟାସ କରାଯାଉଛି। ମହାତ୍ମା ଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇ ଅନେକେ ଗୁଳିବରଣ କରିଥିଲେ, ଫାଶୀ ପାଇଥିଲେ ଓ ସବୁକିଛି ହରେଇଥିଲେ। ସେହି ସଂଗ୍ରାମରେ ଭାଗ ନେଇଥିବା ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ବାଗଲପୁରର ଅଠରଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ଭିତରୁ ଦଳିତବର୍ଗର ତଥା ଅତି ଗରିବ ଚନ୍ଦ୍ରମଣି ସାମଲଙ୍କ ସ୍ମୃତି ଲଗାଏତ ସମସ୍ତଙ୍କ ପାଇଁ ସମର୍ପିତ ବୋଲି ମୋର ମତ। ସେହି ତିନିଜଣଙ୍କ ଭିତରୁ ରାଜେନ୍ଦ୍ର ନାଥ ଲାହାଡ଼ି ଓ ଠାକୁର ରୋଶନ ସିଂହ ଫାଶୀ ପାଇଥିଲେ। ଶ୍ରୀମତୀ ବୀଣା ଦାସ, ବି.ଏ. ପାସ୍ କରି ସମାବର୍ତ୍ତନ ଉତ୍ସବରେ ପ୍ରମାଣପତ୍ର ନେବା ବଦଳରେ ସେଠାରେ ଉପସ୍ଥିତ ବଙ୍ଗପ୍ରଦେଶର ତତ୍କାଳୀନ ଗଭର୍ନର ଷ୍ଟାନ୍‌ଲି ଜାକ୍‌ସନଙ୍କ ଉପରକୁ ଗୁଳି ଚଳାଇ ନଅବର୍ଷ ଜେଲ ଯାଇଥିଲେ। ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇ ସେ ପୁଣି ତିନିବର୍ଷ ଜେଲ ଯାଇଥିଲେ।

ସ୍ୱାଧୀନତା ସଂଗ୍ରାମୀ ଜାତୀୟ କବି ବୀରକିଶୋର ଦାସ ଲେଖିଥିଲେ "ଧଳା (ବ୍ରିଟିଶ୍) ବଦଳରେ କଳା (ଭାରତୀୟ) ହେଲେ ଜୋକ (ଶାସକ ରହି), କଟିବ କି କୋଟି ଜନତାଙ୍କ ଦୁଃଖ, ଚାଷୀମୂଲିଆଙ୍କ ଖପୁରିକୁ ଚିରି, ଦିଲ୍ଲୀ ଦରବାର ଗଢ଼ିବା କି, ତୁମେ କେତେଜଣ ଜୀବନକୁ ପାଣି ଛଡ଼େଇ ନ ଦେଲେ ଚଳିବ କି?" 'ଧଳାବର୍ଗ' ତ ଗଲେ, କିନ୍ତୁ କଳାବର୍ଗ ଯାହା କରୁଛନ୍ତି, ତାହା ଅନୁଧ୍ୟାନ କଲେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିବା 'ମହାତ୍ମା କଷଣ, ମହାତ୍ମା ସାଧନ-ନଯାଏ ଜଗତେ କେବେ ଅକାରଣ' ଆମ ଦେଶର ପରିସ୍ଥିତି ପରିପ୍ରେକ୍ଷୀରେ 'ଅକାରଣ' ହୋଇଛି କି? ଯଦି ଏହାର ଉତ୍ତର 'ନା', ତେବେ ତ ଭଲକଥା; କିନ୍ତୁ ଯଦି 'ହଁ', ତେବେ ଏଥିରୁ ରକ୍ଷା ପାଇବାର ବାଟ କ'ଣ।

ମୋ: ୮୮୯୫୮୫୭୩୧୮

## ଏଇ ଭାରତରେ

କୃଷିର ମୋହ ଆଗରେ ପିଏଚ୍‌ଡିର ଆକର୍ଷଣ ଫିକା ପଡ଼ିଛି ଇନ୍‌ଶାହା ରସୁଲଙ୍କ ଜୀବନରେ। କଶ୍ମୀରର ଏହି ମହିଳା ବେଙ୍ଗାଲୁରୁର ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସରେ ଶିକ୍ଷା ଶେଷ କରି ଦକ୍ଷିଣ କୋରିଆରେ ପିଏଚ୍‌ଡି କରୁଥିଲେ। କିନ୍ତୁ ଜୈବିକ ଚାଷର ବିକାଶ ପାଇଁ ସେ ତାହା ଛାଡ଼ି ଭାରତର ଜମ୍ମୁ-କଶ୍ମୀରର ବୁଡ଼ଗାମକୁ ଫେରି ଆସି ଜୈବିକ ଚାଷରେ ମନୋନିବେଶ କଲେ। ଏଥିରେ ସଫଳତା ପାଇବା ପରେ ସେ 'ହୋମ୍‌ଗ୍ରୀନ୍ସ' ଆରମ୍ଭ କରି ସାରା ଭାରତରେ ଜୈବିକ ପରିବା ବିକ୍ରି କରୁଛନ୍ତି। ବିଭିନ୍ନ ପ୍ରକାର ପରିବା ଉପରେ ସେ ଗବେଷଣା କରୁଛନ୍ତି। ପ୍ରଥମେ ସେ ୩.୫ ଏକରରେ ଚାଷ ଆରମ୍ଭ କରି ଏବେ ୧୦ ଏକରକୁ ବୃଦ୍ଧି କରିଛନ୍ତି। ଗତ ନଭେମ୍ବର ଓ ଡିସେମ୍ବରରେ ରସୁଲ ୮ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିପାରିଛନ୍ତି। ଶହ ଶହ କୃଷକଙ୍କୁ ତାଙ୍କ ପଦ୍ଧତିରେ ଜୈବିକ ଚାଷ କରିବାକୁ ପ୍ରୋତ୍ସାହିତ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଜାନୁୟାରୀ ୧୯୯୭

- ଆଲଜେରିଆ ରାଜଧାନୀ ଆଲଜିୟର୍ସରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୧୫ ନିହତ।
- ପାକିସ୍ତାନ ରାଷ୍ଟ୍ରପତି ଫାରୁକ୍ ଅହମ୍ମଦ ଖାଁ ଲେଘାରୀଙ୍କ ଦ୍ୱାରା ବେନଜୀର ଭୁଟ୍ଟୋ ସରକାର ବରଖାସ୍ତ ହେବା ଘଟଣାକୁ ଦେଶର ସର୍ବୋଚ୍ଚ ଅଦାଲତ କାଏମ ରଖିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | | | 6 | 9 | 4 | 8 | |
| 9 | 1 | | 3 | | | 7 | | |
| | | 2 | | | 8 | | 9 | 6 |
| 4 | | | 7 | 1 | 2 | 5 | | |
| | | | | | | | | |
| 2 | 7 | | | 4 | | | | |
| | 6 | | | | 1 | | | |
| | | 5 | 2 | | | 8 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 7 | 2 | 9 | 6 | 3 | 8 | 4 | 5 |
| 3 | 9 | 4 | 8 | 2 | 5 | 1 | 7 | 6 |
| 6 | 8 | 5 | 1 | 4 | 7 | 9 | 3 | 2 |
| 7 | 2 | 8 | 5 | 9 | 6 | 4 | 1 | 3 |
| 5 | 1 | 3 | 4 | 8 | 2 | 6 | 9 | 7 |
| 9 | 4 | 6 | 3 | 7 | 1 | 2 | 5 | 8 |
| 8 | 3 | 7 | 2 | 1 | 9 | 5 | 6 | 4 |
| 4 | 6 | 9 | 7 | 5 | 8 | 3 | 2 | 1 |
| 2 | 5 | 1 | 6 | 3 | 4 | 7 | 8 | 9 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଓଡ଼ିଶାରେ ଇଂଲିଶ ପ୍ରୀତି

ମହାଶୟ,

ଓଡ଼ିଶାରେ ମାତୃଭାଷା ପରିବର୍ତ୍ତେ ଇଂଲିଶରେ ନଥିପତ୍ର ଓ ସରକାରୀ କାର୍ଯ୍ୟ ଚାଲିଛି। ଏଥିପ୍ରତି ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କୌଣସି ସୁଫଳ ନାହିଁ, ଯାହା 'ଯଥା ପୂର୍ବଂ ତଥା ପରମ୍' ନୀତିରେ ଚାଲୁଛି। ଆମେ ବିଦେଶୀ ଭାଷାକୁ ଅନୁକରଣ କରି ପୂର୍ବ ପୁରୁଷଙ୍କୁ ହତାଦର କରିବାକୁ ପଛାଉନାହୁଁ। ଶାସ୍ତ୍ରୀୟ ମାନ୍ୟତା କେବଳ ପୂର୍ବ ଭାଷାବିତ୍‌ମାନଙ୍କ ଅବଦାନ। କେବଳ କଥାରେ ନୁହେଁ, କାମରେ ଭାଷାପ୍ରୀତି ନାହିଁ। ଭାଷାର ଉତ୍‌ଥାନ ପ୍ରତି ଗୁରୁତ୍ୱ ନ ଦେଲେ ମାତୃଭାଷାର ଅଧୋଗତି ହେବ।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୋ ପ୍ରିୟ ସାଗରତୀରେ ନିରେଖିଛି
ସୁଦୂର ପଥେ
କେତେରେ ବିଳାପ କେତେ ହସଖେଳ
ବାଲୁକା ଚରେ।
ସାକ୍ଷୀ ତାହାର ଏ ନୀଳ ଆକାଶେ
ଶୁକ୍ର ତାରା
କରୁଣ ବେଦନା ଲୁଚାଇ ଚାହିଁଚି
ମରମଗତେ।
(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସମାନ୍ତରାଳ ପ୍ରଚାର କରିପାରେ ଅଡୁଆ

**ବରୀ ବ୍ଲକ ନିର୍ବାଚନ**
- ପ୍ରାର୍ଥୀଙ୍କ ପୋଷ୍ଟରରେ ନାହିଁ ବିଧାୟିକାଙ୍କ ଫଟୋ
- ବିରୋଧୀ କର୍ମୀ, ପ୍ରାର୍ଥୀ ଉତ୍ସାହିତ

ଯାଜପୁର ଅଫିସ/ବରୀ(ଡି.ଏନ୍.ଏ.),୨୯।୧

ଯାଜପୁର ଜିଲା ବରୀ ବ୍ଲକ ପଞ୍ଚାୟତ ନିର୍ବାଚନରେ ବିଜେଡିର ସମାନ୍ତରାଳ ପ୍ରଚାର ଏବେ ଦଳର ବରିଷ୍ଠ ନେତା ଏବଂ କର୍ମୀଙ୍କୁ ଅଡୁଆରେ ପକାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବିଧାୟିକା ସୁନନ୍ଦା ଦାସ ଓ ଭାଜପାର ପୂର୍ବତନ ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଏବେ ବିଜେଡିରେ ନିଜ ଢଙ୍ଗରେ ପ୍ରଚାର ଚଳାଇଥିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଏହା ବିଜେଡି ପାଇଁ ଲାଭଦାୟକ ହେବ ବୋଲି ଆଶା କରାଯାଉଥିଲେ ହେଁ ବାସ୍ତବତା କିନ୍ତୁ ଭିନ୍ନ ହୋଇପାରେ ବୋଲି ଚର୍ଚ୍ଚା ହେଉଛି। ଏଠାକାର ପ୍ରଭାବ ଅନ୍ୟ ନିର୍ବାଚନ ମଣ୍ଡଳୀ ଉପରେ ମଧ୍ୟ ପଡ଼ିବାର ସମ୍ଭାବନା ରହିଛି। ବିଶ୍ୱରଞ୍ଜନଙ୍କ ସମର୍ଥିତ ପ୍ରାର୍ଥୀଙ୍କ ବ୍ୟାନରରେ ବିଧାୟିକା ସୁନନ୍ଦାଙ୍କ ଫଟୋ ନ ରହିବା ଭୋଟରଙ୍କୁ ବିସ୍ମିତ କରିଛି। ଏହିସବୁ ଚିତ୍ରକୁ ଦେଖିଲେ ବିଜେଡି ୨ ଫାଳ ହୋଇଥିବା କୁହାଯାଉଛି।

୨୯ ପଞ୍ଚାୟତକୁ ନେଇ ଗଠିତ ବରୀ ବ୍ଲକ ଅଧୀନରେ ୨୧, ୨୨, ୨୩ ଓ ୨୪ ନମ୍ବର ଜିଲା ପରିଷଦ ଜୋନ୍ ରହିଛି। ବରୀ ନିର୍ବାଚନ ମଣ୍ଡଳୀରେ ଏବେ ୨ ଟାଣୁଆ ବିଜେଡି ନେତା ରହିଛନ୍ତି। ବିଶ୍ୱରଞ୍ଜନଙ୍କ ସମର୍ଥନରେ ୨୨ ନମ୍ବର ଜୋନ୍‌ରୁ ଦିଲୀପ କୁମାର ମହାନ୍ତି ଓ ୨୩ ନମ୍ବର ଜୋନ୍‌ରୁ ସୁମିତ୍ରା ଯାଦବ ବିଜେଡି ଟିକେଟରୁ ଲଢୁଛନ୍ତି। ସେହିପରି ବିଧାୟିକା ସୁନନ୍ଦାଙ୍କ ସମର୍ଥନରେ ୨୧ ନମ୍ବର ଜୋନରୁ ଅଶୋକ ସାମଲ ଓ ୨୪ନମ୍ବର ଜୋନରୁ ସନ୍ତୋଷ ସାମଲ ପ୍ରାର୍ଥୀ ହୋଇଛନ୍ତି। ୨୨ ଓ ୨୩ ନମ୍ବର ଜୋନ୍ ପ୍ରାର୍ଥୀଙ୍କ ବ୍ୟାନରରେ ବର୍ତ୍ତମାନର ବିଧାୟିକା ସୁନନ୍ଦା ଦାସଙ୍କ ଫଟୋ ରହି ନ ଥିବାବେଳେ ନବୀନ ପଟ୍ଟନାୟକ, ପ୍ରଣବପ୍ରକାଶ ଦାସ, ପ୍ରଣବ ବଳବନ୍ତରାୟ ଓ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଫଟୋ ଦେଖାଯାଇଛି, ଯାହାକୁ ନେଇ ବିଧାୟିକା ସମର୍ଥକଙ୍କ ମହଲରେ ଅସନ୍ତୋଷ ଦେଖା ଦେବା ସହ ସେହି ପ୍ରାର୍ଥୀମାନଙ୍କୁ ସହଯୋଗ କରିବେ ନାହିଁ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ବିଶ୍ୱରଞ୍ଜନଙ୍କ ସମର୍ଥକମାନେ ମଧ୍ୟ ବିଧାୟିକା ସୁନନ୍ଦାଙ୍କ ସମର୍ଥକ ପ୍ରାର୍ଥୀଙ୍କୁ କିପରି ସହଯୋଗ କରିବେ ତାହା ଏଠାରେ ସନ୍ଦିହାନ ହୋଇଛି। ବିଜେଡି ପ୍ରାର୍ଥୀଙ୍କ ବ୍ୟାନରରେ ବିଧାୟିକାଙ୍କ ଫଟୋ ନ ରହିବା ଭୋଟରଙ୍କୁ ଅଡୁଆରେ ପକାଇଥିବାବେଳେ ବିରୋଧୀ ଶିବିରରେ ଏନେଇ ଉତ୍ସାହ ଦେଖାଦେଇଛି। ଏହାର ସୁଯୋଗରେ ବିରୋଧୀ ଭୋଟରଙ୍କ ନିକଟରେ ବିଜେଡି କିପରି ଫାଳଫାଳ ହୋଇଛି ତାହା ବର୍ଣ୍ଣନା କରି ନିଜ ଆଡକୁ ଟାଣିବାରେ ଭରପୂର ଚେଷ୍ଟା ଚଳାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୧୭ରେ ବିଧାୟିକା ସୁନନ୍ଦା ଭାଜପା ସମର୍ଥନରେ ବ୍ଲକ ଅଧ୍ୟକ୍ଷା ହୋଇଥିଲେ। ୨୦୧୯ରେ ବିଜେଡିରୁ ପ୍ରାର୍ଥିନୀ ହୋଇ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନଙ୍କୁ ମାତ୍ର ୪,୦୬୨ ଭୋଟ ବ୍ୟବଧାନରେ ହରାଇଥିଲେ। ଇତିମଧ୍ୟରେ ଗତ ୨୯।୧୨।୨୦୨୧ରେ ଭାଜପା ଛାଡ଼ି ବିଶ୍ୱରଞ୍ଜନ ବିଜେଡିରେ ଯୋଗ ଦେଇଥିଲେ। ବିଜେଡିରେ ୨ ନେତାଙ୍କ ନିଜସ୍ୱ ଢଙ୍ଗରେ ପ୍ରଚାର ଦଳର ଅନେକ ବରିଷ୍ଠ ନେତାଙ୍କୁ ଅଡୁଆରେ ପକାଇଥିବାବେଳେ ବିରୋଧୀ ଅଧିକ ଶକ୍ତିଶାଳୀ ହେବାର ସୁଯୋଗ ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରୁଛନ୍ତି।



ବିଜେଡି ଜିଲା ପରିଷଦ ପ୍ରାର୍ଥିନୀଙ୍କ ପୋଷ୍ଟରରେ ବିଧାୟିକାଙ୍କ ଫଟୋ ନାହିଁ।

# ଏମ୍‌ପିଙ୍କ ଉପସ୍ଥିତିରେ ଭୋଜିଭାତ, ଶୋଭାଯାତ୍ରା

**ନିର୍ବାଚନ ଆଚରଣବିଧି, କରୋନା କଟକଣାକୁ ଫୁଃ ବିରୋଧୀ**

ଉମରକୋଟ, ୨୯।୧(ସ୍ୱ.ପ୍ର.)

ତ୍ରିସ୍ତରୀୟ ନିର୍ବାଚନ ପାଇଁ ଲାଗୁ ହୋଇଛି କଟକଣା ଓ ଜାରି କରାଯାଇଛି ଗାଇଡ୍‌ଲାଇନ୍। ଚଳିତ ପଞ୍ଚାୟତ ନିର୍ବାଚନରେ ସଭାସମିତିକୁ ସମ୍ପୂର୍ଣ୍ଣ ମନା କରାଯାଇଥିବା ବେଳେ କେବଳ ୫ଜଣ ବ୍ୟକ୍ତିଙ୍କୁ ନେଇ ଘରକୁ ଘର ବୁଲି ପ୍ରଚାର କରିବା ପାଇଁ ପ୍ରାର୍ଥୀଙ୍କୁ ଅନୁମତି ଦେଇଛନ୍ତି ରାଜ୍ୟ ନିର୍ବାଚନ କମିଶନ। କରୋନା କଟକଣା କାରଣରୁ ଗାଇଡଲାଇନ ପାଳନ କରି ପ୍ରଚାର କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ରହିଛି। ହେଲେ ନବରଙ୍ଗପୁର ଉମରକୋଟ ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସ୍ଥାନୀୟ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଉପସ୍ଥିତିରେ ବିଶାଳ ଶୋଭାଯାତ୍ରା, ସଭା ଓ ଭୋଜିଭାତର ଆୟୋଜନ କରାଯାଇଥିବା ଅଭିଯୋଗ ହୋଇଛି।

ଶନିବାର ଉମରକୋଟ ଜୋନ୍ ୨ ଜିଲା ପରିଷଦ ବିଜେଡି ପ୍ରାର୍ଥୀ ଛାୟା ବିଶ୍ୱାସଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ ନବରଙ୍ଗପୁର ଏମ୍‌ପି ରମେଶ ମାଝି। ଗତ ନିର୍ବାଚନରେ ଏହି ଜୋନ ବିଜେଡି ହାତରୁ ଖସିଯାଇଥିଲା। ତେଣୁ ଚଳିତ ନିର୍ବାଚନରେ ଏହାକୁ ହାତେଇବା ପାଇଁ ପ୍ରଚାର ଆରମ୍ଭ କରିଛନ୍ତି ଏମ୍‌ପି। ଉମରକୋଟ ବ୍ଲକ ସୁନାବେଢ଼ା ପଞ୍ଚାୟତ ନାୟକଗୁଡାରେ ଏହି ଅବସରରେ ଏକ ସଭା କରାଯାଇଥିଲା। ଏଥିରେ ପ୍ରାୟ ୨ହଜାର ଲୋକଙ୍କ ସମାଗମ ହୋଇଥିଲା। ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଦଳୀୟ କର୍ମୀ ଓ ସମର୍ଥକଙ୍କ ଶୋଭାଯାତ୍ରା ଲମ୍ବିଥିଲା। ସଭା ପରେ ଭୋଜିଭାତର ଆସର ଜମିଥିଲା। ୯ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁ କର୍ମୀମାନେ ଲୋକଙ୍କୁ ଗାଡ଼ି ଭଡ଼ା କରି ଆଣିଥିଲେ। ଏହି ସମାବେଶରେ ଛୋଟ ଛୋଟ ପିଲାଙ୍କୁ ମଧ୍ୟ ଦଳୀୟ ଉତ୍ତରୀୟ ପିନ୍ଧାଇ ବସାଯାଇଥିବା ଦେଖିବାକୁ ମିଳିଥିଲା। ସାମାଜିକ ଦୂରତା କଥା ଦୂରରେ ଥାଉ ଅଧିକାଂଶ ଲୋକଙ୍କ ମୁହଁରେ ମାସ୍କ ମଧ୍ୟ ନ ଥିଲା। ଏ ସମ୍ପର୍କରେ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

ସମାବେଶ ପରେ ଅନ୍ୟ ରାଜନୈତିକ ଦଳ ଏବଂ ବୁଦ୍ଧିଜୀବୀ ଏହାକୁ ନିନ୍ଦା କରିଛନ୍ତି। ଶାସକ ଦଳରେ ରହି ଏମ୍‌ପି ଯଦି ନିୟମ ଉଲ୍ଲଂଘନ କରୁଛନ୍ତି, ତା'ହେଲେ ବିରୋଧୀ ଦଳ ମଧ୍ୟ ନିୟମ ମାନିବେ ନାହିଁ। ଏଥିପାଇଁ ତାଙ୍କୁ କେହି ବାଧା ଦେଇପାରିବେ ନାହିଁ ବୋଲି କଂଗ୍ରେସ ଜିଲା ସଭାପତି ମନୋରଞ୍ଜନ ତ୍ରିପାଠୀ କହିଛନ୍ତି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଏହାକୁ ନିନ୍ଦା କରି କହିଛନ୍ତି, ଏମ୍‌ପି ଏବଂ ଉପସ୍ଥିତ ସମସ୍ତ ବିଜେଡି ନେତାଙ୍କ ଉପରେ ନିର୍ବାଚନ କମିଶନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ। ନଚେତ୍ ଆଗାମୀ ଦିନରେ ଭାଜପା ମଧ୍ୟ ନିୟମ ଉଲ୍ଲଂଘନ କରିବ ବୋଲି ସେ କହିଛନ୍ତି।

**PUBLIC NOTICE**
U/S 32 (3) OF THE INDIAN PARTNERSHIP ACT, 1932.

This is to inform by this public notice to all concerned that I, Bikash Chandra Dash, S/o- Nandalal Dash, At- Marwari Dharmasala Lane, Golebazar, Sambalpur- 768001, give this public notice to all concerned (the Managing Partner of M/S P. Pratyasha and Associates, Chawl Depot, Rengali, At/PO. Rengali, Dist. Sambalpur, Pin-768212) the Banker of the Firm (i) Kotak Mahindra Bank, B.K. Building, Sarbahal Road, Marwaripara, Jharsuguda, (ii) H.D.B. Financial Services Limited, Jharsuguda- CV, 1st Floor, Plot No. 2376/6716, Main Road, Beheramal Chowk, Jharsuguda- 768201, and all the parties erstwhile dealing with the Firm M/S P. Pratyasha and Associates and others whoever may be in any way related to the Firm in connection with any sort of transaction. I have already issued a legal notice to the Managing Partner Krishna Chandra Maharana on 08.09.2021 expressing my willingness to retire from the Firm due to our internal misunderstanding and the betrayal and non-cooperation of the Managing Partner in all business matters relating to the Firm

I therefore, inform and intimate through this notice to all above concerned that with effect from 08.09.2021 I shall not be held responsible personally and legally for all the acts/ conduct/ misconduct committed by the Managing Partner hampering my financial interest as the second partner.

I have also intimated the Banks, G.S.T. Authorities and Income Tax Authorities separately for their information and favour of necessary action in this regard.

**Bikash Chandra Dash**
**Second Partner of Firm M/S P. Pratyasha**

# ନିର୍ବାଚନ ବର୍ଜନ ପାଇଁ ମାଓବାଦୀଙ୍କ ଆହ୍ୱାନ

**ବିଜ୍ଞପ୍ତି ଜାରିକଲେ ଆନ୍ଧ୍ର-ଓଡ଼ିଶା ବର୍ଡର ଜୋନାଲ କମିଟିର ସମ୍ପାଦକ**

ମାଲକାନଗିରି,୨୯।୧(ଡି.ଏନ୍.ଏ.)

ଆନ୍ଧ୍ର-ଓଡ଼ିଶା ମାଓବାଦୀ ସଙ୍ଗଠନ ସୀମାନ୍ତ ବର୍ଡର ଜୋନାଲ କମିଟିର ସମ୍ପାଦକ ଗଣେଶ ଶନିବାର ଏକ ପ୍ରେସ୍ ବିଜ୍ଞପ୍ତି ଜାରିକରି ସାଧାରଣ ଜନତାଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ନ କରିବା ଏବଂ ଭୋଟ ବର୍ଜନ କରିବାକୁ ଆହ୍ୱାନ କରିଛନ୍ତି। ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଶାସନରେ ଥିବା ରାଜ୍ୟ ସରକାର ନିର୍ବାଚନ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ଅର୍ଥ ଲୋକଙ୍କ ବିକାଶ ପାଇଁ ଖର୍ଚ୍ଚ କରନ୍ତୁ ବୋଲି ଗଣେଶ ଜାରି ବିଜ୍ଞପ୍ତିରେ ଉଲ୍ଲେଖ କରିଛନ୍ତି। ଆଦିବାସୀମାନେ ଏବେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଏଭଳି ସ୍ଥିତିରେ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତଭାବେ ଖଣି ଖାଦାନ ବିକ୍ରିକରି କମ୍ପାନୀଗୁଡ଼ିକର ଗୋଲାମ ସାଜିଛନ୍ତି। ରାଜନେତାଙ୍କ ଭ୍ରଷ୍ଟାଚାର ସୀମା ଲଂଘିଛି। ନିର୍ବାଚନ ସମୟରେ ନେତାମାନେ ଆସି ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି। ନିର୍ବାଚନରେ ଖର୍ଚ୍ଚ ହୋଇଥିବା ଟଙ୍କା ଆଗକୁ ଲୋକଙ୍କଠାରୁ ଶୋଷିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି।


ମାଓବାଦୀଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି।

# ମଇଦାନରେ ଭଉଣୀ, ଭାଇ

ଆଳି,୨୯।୧(ଡି.ଏନ.ଏ.)

ଆଳି ବ୍ଲକର ୩୪ ପଞ୍ଚାୟତରେ ନିର୍ବାଚନ ଉଷ୍ମତା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ୪ ନଂ. ଜୋନ୍ ଅଧୀନରେ ଥିବା ମହୁ ପଞ୍ଚାୟତରେ ଭାଇ ଭଉଣୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଭାଇ ଜଗବନ୍ଧୁ ତ୍ରିପାଠୀ ସରପଞ୍ଚ ପଦବୀ ପାଇଁ ନିର୍ବାଚନ ଲଢୁଥିବା ବେଳେ ଭଉଣୀ ପ୍ରଜ୍ଞାସ୍ମିତା ତ୍ରିପାଠୀ ସମିତିସଭ୍ୟ ପଦବୀ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ଚଳିତ ନିର୍ବାଚନରେ ସରପଞ୍ଚ ପଦବୀ ପାଇଁ ୬ ପ୍ରାର୍ଥୀ ଥିବା ବେଳେ ସମିତିସଭ୍ୟ ପଦବୀ ନିମନ୍ତେ ୫ ମହିଳା ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି।


ପ୍ରଚାର କରୁଛନ୍ତି ଜଗବନ୍ଧୁ ଓ ପ୍ରଜ୍ଞାସ୍ମିତା।

# କମିଶନଙ୍କୁ ଭେଟିଲେ ଭାଜପା, କଂଗ୍ରେସ

**ଆଚରଣ ବିଧି ଉଲ୍ଲଂଘନ**
- ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସମର୍ଥନ କରୁଥିବା ସରକାରୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି
- ଶତାଧିକ ଲୋକଙ୍କୁ ନେଇ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର ଅଭିଯୋଗ

ଭୁବନେଶ୍ୱର,୨୯।୧(ବ୍ୟୁରୋ)

ସରକାରୀ ଅମଲାତନ୍ତ୍ରର ଅପବ୍ୟବହାର ତଥା ନିର୍ବାଚନ ଆଚରଣ ବିଧିକୁ ଶାସକ ବିଜେଡି ପକ୍ଷରୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଭାଜପା ଓ କଂଗ୍ରେସ ଅଭିଯୋଗ କରିଛି। ଏନେଇ ଶନିବାର ଦୁଇ ଦଳର ପ୍ରତିନିଧି ମଣ୍ଡଳୀ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛନ୍ତି।

ପ୍ରଥମେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ମୁଖପାତ୍ର ସୋନାଲୀ ସାହୁ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଲିଗାଲ ସେଲ୍ ସଂଯୋଜକ ଜୟନ୍ତ ଜେନା, ରବିଶଙ୍କର ପଟ୍ଟନାୟକ ଓ ମହେନ୍ଦ୍ର ପ୍ରଧାନ ପ୍ରମୁଖ ରାଜ୍ୟପାଳଙ୍କୁ ଭେଟିଥିଲେ। ଶାସନ କ୍ଷମତାର ଚାପ ପ୍ରୟୋଗ କରି ସରକାରୀ ଅଫିସରଙ୍କୁ ବିଜେଡି ସପକ୍ଷରେ ଭୋଟ କରାଇବା କାର୍ଯ୍ୟରେ ବ୍ୟବହାର କରାଯାଉଛି ବୋଲି ସେମାନେ କମିଶନଙ୍କୁ ଜଣାଇବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏ ସମ୍ପର୍କରେ ମହାପାତ୍ର କହିଛନ୍ତି, ନୟାଗଡ ଜିଲା ଓଡଗାଁ ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶରେ ପନ୍ତିକାରୀ ଗ୍ରାମ ପଞ୍ଚାୟତର ଭିଏଲଡବ୍ଲ୍ୟୁ ବ୍ଲକ କାର୍ଯ୍ୟାଳୟରୁ କାର୍ଡ ପାଇ ନ ଥିବା ହିତାଧିକାରୀ ତଥା ଭୋଟରଙ୍କୁ ଡାକି ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରି ଶାସକ ବିଜେଡି ସପକ୍ଷରେ ଭୋଟ ଦେବା ପାଇଁ ପ୍ରବର୍ତ୍ତାଉଛନ୍ତି। ଭାଜପା ନିର୍ବାଚନ କମିଶନଙ୍କ ନିକଟରେ ଏହାର ତଥ୍ୟ ଓ ପ୍ରମାଣ ସହ ଅଭିଯୋଗ କରିଛି। ରାଜ୍ୟ ନିର୍ବାଚନ କମିଶନ ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ ବିରୋଧରେ ସମ୍ପୃକ୍ତ ସରକାରୀ କର୍ମଚାରୀ ଓ ଅଫିସରଙ୍କ ବିରୋଧରେ କଠୋର ତଥା ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉଦାହରଣ ସୃଷ୍ଟି କରନ୍ତୁ। ନଚେତ୍ ଭାଜପା ଏହା ବିରୋଧରେ ଧାରଣା ଦେବ ବୋଲି ମହାପାତ୍ର ଚେତାବନୀ ଦେଇଛନ୍ତି।

ସେହିପରି ଶତାଧିକ ଦଳୀୟ କର୍ମୀଙ୍କ ଗ୍ରହଣରେ କଟକ ଜିଲା ବାଙ୍କୀ ନିର୍ବାଚନମଣ୍ଡଳୀର ଡମପଡା ବ୍ଲକ ୩୮ ନମ୍ବର ଜୋନ୍‌ରେ ବିଜେଡି ପ୍ରାର୍ଥୀ ଆଶିଷ କୁମାର ସାହୁ ଏବଂ ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀ ୩୦ ନମ୍ବର ଜୋନ୍‌ର ବିଜେଡି ପ୍ରାର୍ଥୀ ବବିତା ରାଉତଙ୍କ ନିର୍ବାଚନ ପ୍ରଚାର କରାଯାଉଛି। ଏଥିରେ କୋଭିଡ୍ ଗାଇଡଲାଇନ ଓ ରାଜ୍ୟ ନିର୍ବାଚନ କମିଶନ ଗାଇଡ୍‌ଲାଇନର ଉଲ୍ଲଂଘନ ହେଉଥିବାରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକତା ଥିବା ଭାଜପା ଦାବି ଉପସ୍ଥାପନ କରିଥିବା ମହାପାତ୍ର କହିଛନ୍ତି।

ସେହିପରି ଅଶୋକ ଦାସଙ୍କ ନେତୃତ୍ୱରେ ବ୍ଲକ ସଭାପତି ମନୋରଞ୍ଜନ ଜେନା, ବ୍ରହ୍ମାନନ୍ଦ ସାହୁ, ମିହିର ଆଚାର୍ଯ୍ୟ ପ୍ରମୁଖଙ୍କୁ ନେଇ କଂଗ୍ରେସର ୪ଜଣିଆ ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କୁ ଭେଟି ସମାନ ଅଭିଯୋଗ ଆଣିଛନ୍ତି। ନିର୍ବାଚନୀ ନିୟମର ଖୋଲାଖୋଲି ଉଲ୍ଲଂଘନ କରି ଭୁବନେଶ୍ୱର ୩୦ ନଂ. ଜୋନ୍‌ର ବିଜେଡି ପ୍ରାର୍ଥିନୀ ବବିତା ରାଉତ ଶତାଧିକ କର୍ମୀଙ୍କୁ ଧରି ପ୍ରଚାର କରୁଛନ୍ତି। ଏହି ପ୍ରଚାରରେ ପୂର୍ବତନ କର୍ପୋରେଟର ତଥା ବିଜୁ ଛାତ୍ର ଜନତା ଦଳର ସୁବାସ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ କୁନାଲ ରାଉତ ଏପରି ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି। ତେଣୁ ବବିତାଙ୍କ ସହ ଅନ୍ୟ ସମସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦାବି ରଖିଛି।


ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟିବାକୁ ଆସିଥିବା ଭାଜପା ପ୍ରତିନିଧି ଦଳ।

**ODISHA PUBLIC SERVICE COMMISSION**
**NOTICE**
No. 824/P.S.C. Dt.29.01.2022

**Addendum to Advertisement No. 23 of 2021-22, for recruitment to the Post of Civil Judges in Odisha Judicial Service, 2021**

No. D-294: It is for information of all concerned that in the **Para 6 "Plan of Examination"** at sub-para (I) for **Preliminary Written Examination**, the Sl. No. and corresponding subject shall be "read" as following:
a. Constitution of India;
b. Code of Civil Procedure;
c. Code of Criminal Procedure;
d. Evidence Act;
e. Indian Penal Code;
f. Limitation Act;
g. Transfer of Property Act;
h. Contract Act;
i. Law of Succession (Indian Succession Act and Hindu Succession Act);
j. Specific Relief Act.

In addition to above, Sl. No. (k) with subject **"The Protection of Women from Domestic Violence Act, 2005"** is inserted.
All other conditions of the advertisement remain unchanged.
The concerned candidates are advised to visit the website of the Commission at **www.opsc.gov.in**.

OIPR-12002/11/0229/2122 Sd./- Secretary

**The Odisha State Co-Operative Spinning Mills Federation Limited**
Qtr. No.E-2 & E-4, Sikharachandi, Patia, Post- KIIT, Bhubaneswar- 751024
Phone No.- 0674-2540432, email- spinfedodisha@gmail.com
No.210 date 24.01.2022

**TENDER CALL NOTICE**

No.CAD-2842:- Offers are invited from interested parties / individuals to take away the damaged / defunct vehicles parked in the old premises of Odisha State Handloom Development Corporation Ltd. at Janpath, Unit-9, Bhubaneswar. The interested bidders may inspect the vehicles between 10 A.M. to 4 P.M. in any working day, as is where is basis. Offers should reach in the below mentioned address on or before 09.02.2022, through registered post. The authority reserves the right to cancel the tender without assigning any reason thereof.

Sd./- MANAGING DIRECTOR
SPINFED

Address for communication:
Managing Director, SPINFED
C/o Office of the Asst. Director of Sericulture Campus
Qtr. No. E-2 & E-4, Sikharachandi, Patia, Post-KIIT,
Bhubaneswar-751024

OIPR-31002/11/0003/2122

**DIRECTORATE OF SOIL CONSERVATION AND WATERSHED DEVELOPMENT ODISHA, BHUBANESWAR (DSC & WD)**
**Department of Agriculture & Farmers' Empowerment, Government of Odisha**
Krushi Bhawan, Keshari Nagar, Bhubaneswar - 751001
Contact No.: 0674-2391840, email ID: iwmporissa@gmail.com
**EOI No. 01/REWARD, DSC&WD(O), Dt.20.01.2022 & 02/REWARD, DSC&WD(O) Dt.20.01.2022**

No. L-125: Request for Expression of Interest (REOI) towards Hiring of Consultancy Agencies for:
(i) Impact Evaluation Assignment
(ii) Project Process Monitoring Assignment
for Rejuvenating Watersheds for Agricultural Resilience through innovative Development (REWARD) programme, Govt. of Odisha.

DSC&WD seeks to invite proposal from consultance agencies for Impact Evaluation Assignment & Project Process Monitoring Assignment for Rejuvenating Watersheds for Agricultural Resilience through innovative Development (REWARD) programme, Govt. of Odisha. The bidder can access & download the complete REOI & TOR documents with other details from website **https://www.soilodisha.nic.in/**. The consultancy agencies can either apply one or both the proposals separately. The REOI complete in all respects must reach the undersigned by Registered Post/ Speed Post/Courier only latest by 21.02.2022, 05.00 P.M. in a sealed envelope clearly mentioning on the top of it "Request for Expression of Interest (REOI) for Hiring of Consultancy Agency for Impact Evaluation Assignment/Project Process Monitoring Assignment for Rejuvenating Watershed for Agricultural Resilience through innovative Development (REWARD) Programme, Govt. of Odisha. **"To the Director, Directorate of Soil Conservation and Watershed Development Odisha, Bhubaneswar (DSC & WD) Department of Agriculture & Farmers" Empowerment, Government of Odisha, Krushi Bhawan, Keshari Nagar, Bhubaneswar - 751001**.

The proposal received beyond the last date & time will be rejected. The authority reserves the right to reject any/all proposals without assigning any reason thereof.

OIPR-01039/11/0003/2122 Sd./- Director

See Career Appointment on every Wednesday & Saturday

**ODISHA SCHOOL EDUCATION PROGRAMME AUTHORITY**
"SHIKSHA SOUDHA", UNIT-V, BHUBANESWAR-751001

**ନୋଟିସ**

**ନିରଞ୍ଜନ ନାୟକ,** ବୈଷୟିକ ପରାମର୍ଶଦାତା
ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ନୂଆପଡ଼ା
ସ୍ଥାୟୀ ଠିକଣା: ଗ୍ରାମ– ବଳରାମପୁର, ପୋଷ୍ଟ– ଜଙ୍କୋଟି
ଜିଲ୍ଲା: ଜଗତ୍‌ସିଂହପୁର, ପିନ୍: ୭୫୪୧୧୪

No.n-92: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆପଣ ତା୨୦।୦୨।୨୦୧୭ରିଖଠାରୁ ଅନଧିକୃତଭାବେ ବିନା ଛୁଟି ଦରଖାସ୍ତରେ ରହିଗଲେ, ଫଳରେ ନିର୍ଦ୍ଦିଷ୍ଟ ଅବଧି ସମୟ ମଧ୍ୟରେ ଆପଣ ଯେଉଁ ସିଭିଲ କାର୍ଯ୍ୟ ସମ୍ପାଦନ କରିବାପାଇଁ ଦିଆଯାଇଥିଲା, ତାହା ହୋଇପାରିନାହିଁ। ଆପଣଙ୍କୁ ଦିଆଯାଇଥିବା କାର୍ଯ୍ୟ ଏବଂ ତତ୍‌ସମ୍ବନ୍ଧୀୟ Files, MB, Register ଇତ୍ୟାଦି ଆଜି ପର୍ଯ୍ୟନ୍ତ ହସ୍ତାନ୍ତର କରିନାହାନ୍ତି। ଫଳରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର କାର୍ଯ୍ୟରେ ବହୁତ ବ୍ୟାଘାତ ହେଉଛି।

ଏହି ନୋଟିସ ଜାରିକରି ଜଣାଇ ଦିଆଯାଉଅଛି ଯେ, ଆପଣ ନିଜେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ନୂଆପଡ଼ାରେ ପନ୍ଦର ଦିନ ମଧ୍ୟରେ ହାଜର ହୋଇ କାର୍ଯ୍ୟାଳୟର ସମସ୍ତ କାଗଜପତ୍ର ହସ୍ତାନ୍ତର କରିବା ସହିତ ନିଜର ଜବାବ ଦାଖଲ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ଅନୁପସ୍ଥିତିରେ ନିୟମ ଅନୁସାରେ ବିଚାର କରାହେବ। ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ ବ୍ୟକ୍ତିଙ୍କର କୌଣସି ସନ୍ଧାନ ପାଆନ୍ତି, ତେବେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ନୂଆପଡ଼ା ଜିଲ୍ଲା ଠିକଣାରେ ଜଣାଇବାକୁ ଅନୁରୋଧ।

ସ୍ୱା./– ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ
ଓସେପା, ଭୁବନେଶ୍ୱର
OIPR-27005/11/0018/2122

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୧୯୩/IND-II-PH-988 ତାରିଖ ୨୭।୦୧।୨୦୨୨
No. CAD-2845

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବଲାଙ୍ଗୀର ତହସିଲଦାର ଓଡ଼ିଶାର ବଲାଙ୍ଗୀର ଜିଲ୍ଲା, ବଲାଙ୍ଗୀର ତହସିଲ ଅନ୍ତର୍ଗତ ବାସୁପାଲି ଗ୍ରାମରେ ୯.୬୭ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ ବାସୁପାଲି କ୍ଲଷ୍ଟର ପଥର ଖଣି ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:
(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୦୪।୦୩।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ **ବଲାଙ୍ଗୀର ଜିଲ୍ଲା, ବଲାଙ୍ଗୀର ତହସିଲ ଅନ୍ତର୍ଗତ ବାସୁପାଲି ସ୍କୁଲ**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ଉକ୍ତ ସର୍ବସାଧାରଣ ଶୁଣାଣି କଠୋର ଭାବରେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ Covid-19 ମହାମାରୀ ପ୍ରତିବନ୍ଧକ ମାର୍ଗଦର୍ଶିକା ନଂ.୨୨-୨୫-IA.III, ତା୦୯।୦୬।୨୦୨୧ରିଖ ତଥା ଓଡ଼ିଶା ସରକାରଙ୍କ ଅନୁଯାୟୀ କାର୍ଯ୍ୟକାରୀ କରାଯିବ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।
୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ବଲାଙ୍ଗୀର** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ବଲାଙ୍ଗୀର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ବଲାଙ୍ଗୀର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ବଲାଙ୍ଗୀର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ବଲାଙ୍ଗୀର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./–ସଦସ୍ୟ ସଚିବ
OIPR-08012/11/0263/2122

**ମତଦାନରୁ ବଞ୍ଚିତ ହେବେ ଶତାଧିକ ଭୋଟର**

ଖପ୍ରାଖୋଲ,(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକର ବିଭିନ୍ନ ଗାଁରେ ଭୋଟର ତାଲିକାରେ ତ୍ରୁଟି ଦେଖାଯାଇଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଓଡ଼ିଆପାଲି ପଞ୍ଚାୟତ ବୁଡ଼ିବାହାଲ ଗାଁ ୱାର୍ଡ ନଂ ୨ର ପ୍ରାୟ ୧୪୨ଜଣ ଭୋଟରଙ୍କ ନାମ ଚୂଡ଼ାନ୍ତ ଭୋଟର ତାଲିକାରେ ନଥିବା ବିଡିଓ ରଶ୍ମି ରଞ୍ଜନ ରାଉତଙ୍କଠାରେ ଅଭିଯୋଗ ହୋଇଛି। ସେହିପରି ନାନ୍ଦୁପଲା ପଞ୍ଚାୟତ ୱାର୍ଡ ନଂ ୩ ମହୁଲପାଲି ଓ କନ୍ଦରାଭଟା ଗାଁର ୧୫୦ରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ ତାଲିକାରୁ ବାଦ ପଡିଛି। ଏନେଇ ବିଡିଓ ରାଉତଙ୍କୁ ପଚାରିବାରୁ ପୂର୍ବରୁ ଆପତ୍ତି ଅଭିଯୋଗ ପାଇଁ ପଞ୍ଚାୟତରେ ତାଲିକା ଝୁଲା ଯାଇଥିଲା। ହେଲେ ବାଦ୍ ପଡିଥିବା ନେଇ କେହି ବି ଅଭିଯୋଗ କରି ନଥିବା ସେ ପ୍ରକାଶ କରିଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ହାୱା ମଇଦାନ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି, ସକାଳ ୧୧ଟା।
- ମେଗା ରକ୍ତଦାନ ଶିବିର, ଗୋବିନ୍ଦ ବିହାର କଲ୍ୟାଣ ମଣ୍ଡପ, ପୂର୍ବାହ୍ନ ୯ଟା।
- ଗାନ୍ଧୀ ବଳିଦାନ ଦିବସ, ଜିଲାପାଳଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

ବଡ଼ଗାଁ, ୨୯।୧(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ତୁଡାଲଗା ଗ୍ରାମର ଜଣେ ନାବାଳକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ଗାଁର ଦୁଷ୍ମନ୍ତ ଭୋଇଙ୍କ ପୁଅ ଠାକୁର (୧୭) ଶନିବାର ଅଢେଇଟାରେ ଘରେ ମୋଟର ମରାମତି କଲାବେଳେ ଦୁର୍ଘଟଣା ଘଟିଥିଲା। ତାଙ୍କୁ ବଡ଼ଗାଁ ମେଡ଼ିକାଲ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ ଯୁକ୍ତ ଦୁଇର ଛାତ୍ର ଥିଲେ।

### ଟ୍ରେନରେ କଟି ୨ ଯୁବକ ମୃତ

ରାଉରକେଲା ଅଫିସ,୨୯।୧: ରାଉରକେଲା ବାସନ୍ତୀ କଲୋନୀ ରେଲୱେ ଗେଟ୍ ନିକଟରେ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାଲଗୋଦାମ ବସ୍ତିର ସି. ପ୍ରସାଦ ସାହୁ (୩୪)। ସେ ଶୁକ୍ରବାର ରାତିରୁ ଘରୁ ବାହାରକୁ ଯାଇ ଆଉ ଫେରି ନ ଥିଲେ। ଶନିବାର ସକାଳ ସାଢ଼େ ୬ଟାରେ ବାସନ୍ତୀ କଲୋନୀ ସ୍ଥିତ ଫ୍ଲାଏ ଓଭରବ୍ରିଜ୍ ରେଳ ଧାରଣାରେ ତାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ସେହିପରି ବନ୍ଧମୁଣ୍ଡା ଫଟାପାଇପ ନିକଟ ରେଳ ଧାରଣାରେ ଜଣେ ଯୁବକଙ୍କ ମୃତଦେହକୁ ଜବତ କରାଯାଇଛି। ମୃତଙ୍କ ବୟସ ପାଖାପାଖି ୩୫ ବର୍ଷ ହେବ। ତାଙ୍କର କୌଣସି ପରିଚୟ ମିଳିନାହିଁ। ରାଉରକେଲା ରେଳ ଷ୍ଟେଶନର ଡାଉନ୍ ଲାଇନରୁ ପୋଲିସ ମୃତଦେହ ଜବତ କରିଛି।

### ଟ୍ରକ୍ ପଛରେ ଧକ୍କା ଦେଲା ଟ୍ରକ, ଡ୍ରାଇଭର ମୃତ

ବଡ଼ଗାଁ, ୨୯।୧(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମଲ ଢ଼ାବା ନିକଟରେ ଶୁକ୍ରବାର ରାତି ୧୧ଟାରେ ଛିଡ଼ା ହୋଇଥିବା ଟ୍ରକ ସିଜି ୧୫ ଡ଼ି ୦୩୮୫ ପଛରେ ଅନ୍ୟ ଏକ ଟ୍ରକ ଓଡ଼ି ୧୬ଜି ୩୦୬୪ ଧକ୍କା ଦେବାରୁ ଡ୍ରାଇଭର ପ୍ରଦୀପ ମାହାର(୩୭)ଙ୍କ ମୃତ୍ୟୁ ଘଟିଛି। ଡ୍ରାଇଭର ପ୍ରଦୀପଙ୍କ ଘର ସଦର ଥାନା ରସରାଜପୁର ବୋଲି ଜଣାପଡିଛି। ପୋଲିସ ରାତିରେ ତାଙ୍କୁ ଉଦ୍ଧାର କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା। ସେ କିଛି ମାସ ପୂର୍ବେ ବିବାହ କରିଥିଲେ।

### ପୂର୍ବତନ କାଉନସିଲରଙ୍କ ପରଲୋକ

ରାଜଗାଙ୍ଗପୁର, ୨୯।୧(ଡି.ଏନ.ଏ.): ରାଜଗାଙ୍ଗପୁର ସହରର ବଗିଚାପଡା ନିବାସୀ ତଥା ୬ନଂ. ୱାଡର ପୂର୍ବତନ କାଉନସିଲର ନାରାୟଣ ପଣ୍ଡାଙ୍କର ୮୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବହୁ ଦିନ ଧରି ବାର୍ଦ୍ଧକ୍ୟ ପାଇଁ ଶଯ୍ୟାଶାୟୀ ଥିଲେ। ମୃତ୍ୟୁବେଳକୁ ତାଙ୍କ ପାଖରେ ସ୍ତ୍ରୀ କୁମୁଦିନୀ ଓ ଅନ୍ୟ ପରିବାରବର୍ଗ ଉପସ୍ଥିତ ରହିଥିଲେ। ସେ ରାଜଗାଙ୍ଗପୁର ପୌରପରିଷଦରେ ୨ଥର କାଉନସିଲର ଭାବେ ନିର୍ବାଚିତ ହୋଇଥିଲେ। ଜୀବନକାଳରେ ସେ କଂଗ୍ରେସ ଓ ବହୁ ଅନୁଷ୍ଠାନ ସହିତ ଜଡିତ ରହି ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ। ତାଙ୍କ ବିୟୋଗର ଖବର ପାଇ ରାଜଗାଙ୍ଗପୁର ବିଧାୟକ ଡାକ୍ତର ସି.ଏସ. ରାଜନ ଏକ୍କା, ରାଜଗାଙ୍ଗପୁର ଟାଉନ କଂଗ୍ରେସ ସଭାପତି ଇଫ୍ତେକାର ଅହମ୍ମଦ (ପାକା ବାବୁ) ଓ ଅନ୍ୟ ବହୁ ନେତୃବୃନ୍ଦ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

### କୁଲତା ସମାଜର ଶୋକ ସଭା

ସମ୍ବଲପୁର,୨୯।୧(ବ୍ୟୁରୋ): ସମ୍ବଲପୁର ମୁଦିପଡା ନିବାସୀ ଚିତ୍ରା ସାହୁ(୯୦)ଙ୍କ ବିୟୋଗରେ ସମ୍ବଲପୁର କୁଲତା ସମାଜ ଶୋକ ପ୍ରକାଶ କରିଛି। ଆଦର୍ଶ ଶିକ୍ଷକ ସ୍ୱର୍ଗତ ହରଶଙ୍କର ସାହୁଙ୍କ ସହଧର୍ମିଣୀ ଚିତ୍ରା ସମ୍ବଲପୁର କୁଲତା ସମାଜର ବିଭିନ୍ନ କାର୍ଯ୍ୟରେ ନିଜକୁ ଜଡିତ ରଖିଥିଲେ। ବିଭିନ୍ନ ସାମାଜିକ କାର୍ଯ୍ୟରେ ମଧ ସାମିଲ ହେଉଥିଲେ। ତାଙ୍କ ଆବର୍ତ୍ତମାନରେ କୁଲତା ସମାଜ ଜଣେ ମୁରବୀଙ୍କୁ ହରାଇଛି ବୋଲି ସମାଜର କର୍ମକର୍ତ୍ତା ଦର୍ଶାଇଥିଲେ। ସମାଜ ସଭାପତି ଯଶୋବନ୍ତି ନାୟକ, ସାଧାରଣ ସମ୍ପାଦକ ଦେବଦତ୍ତ ପ୍ରଧାନ, ଦୟାସାଗର ପ୍ରଧାନ, ଦୁର୍ଯ୍ୟୋଧନ ପ୍ରଧାନ, ନାରଦ ପାତ୍ର, ସରୋଜ କୁମାର ସାହୁ, ଦେବୀ ପ୍ରସାଦ ଭୋଇ ଶୋକ ପ୍ରକାଶ କରିଛନ୍ତି।

# ମଇଦାନରେ ଶାଶୁ, ଶ୍ୱଶୁର, ବୋହୂ

ସମ୍ବଲପୁର,୨୯।୧(ବ୍ୟୁରୋ)



ସୁଦର୍ଶନ ସାହୁ



ଶାନ୍ତି ସାହୁ



ସ୍ୱରୂପାରାଣି ସାହୁ

ଚଳିତ ପଞ୍ଚାୟତ ନିର୍ବାଚନରେ ପରିବାର ରାଜନୀତି ଦେଖିବାକୁ ମିଳିଛି। ନାକଟିଦେଉଳ ବ୍ଲକରେ ଗୋଟିଏ ପରିବାରର ୩ ସଦସ୍ୟ ସମିତି ସଭ୍ୟ ପାଇଁ ପୃଥକ୍ ପଞ୍ଚାୟତରେ ନିର୍ବାଚନକୁ ଓହ୍ଲାଇଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ (ସୁଦେଇ) ଓ ପରିବାରର ଅନ୍ୟ ଦୁଇଜଣ ପ୍ରାର୍ଥୀ ହୋଇଛନ୍ତି। ସୁଦର୍ଶନ ଘୁସୁରାମାଲ ପଞ୍ଚାୟତରୁ ପ୍ରାର୍ଥୀ ହୋଇଥିବା ବେଳେ ସ୍ତ୍ରୀ ଶାନ୍ତି ସାଇବି ପଞ୍ଚାୟତ ଓ ପୁତ୍ରବଧୂ ସ୍ୱରୂପା ରାଣୀ ନାକଟିଦେଉଳ ପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି।

ସୁଦର୍ଶନ ପୂର୍ବରୁ ବ୍ଲକ ଅଧ୍ୟକ୍ଷ ରହିଥିବା ବେଳେ ବିଜେଡିର ଜଣେ ଟାଣୁଆ ନେତା। ହେଲେ ଗତ ନିର୍ବାଚନରେ ନାକଟିଦେଉଳ ବ୍ଲକ ଅଧ୍ୟକ୍ଷ ପଦକୁ ନେଇ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ ଲଢେଇ ହୋଇଥିଲା। ମୋଟ ୧୪ ସମିତି ସଭ୍ୟଙ୍କ ମଧ୍ୟରୁ ସୁଦର୍ଶନଙ୍କ ପାଖରେ ୬ ଓ ଅନ୍ୟଗୋଷ୍ଠୀ ପାଖରେ ୬ ସମିତି ସଭ୍ୟଙ୍କ ସମର୍ଥନ ରହିଥିଲା। ଶେଷରେ ଧର୍ମଗୁଳାର ସହାୟତା ନିଆଯାଇଥିଲା ଓ ସେଥିରେ ସୁଦର୍ଶନ ହାରି ଯାଇଥିଲେ। ଅନ୍ୟ ବିଜେଡି ସମର୍ଥିତ ପ୍ରାର୍ଥି ମନ୍ଦାକିନୀ ରାଉଳ ଅଧ୍ୟକ୍ଷା ହୋଇଥିଲେ। ଚଳିତ ନିର୍ବାଚନରେ ସୁଦର୍ଶନ ବ୍ଲକ ଅଧ୍ୟକ୍ଷ ପଦ ପାଇଁ ପରିବାର ସଦସ୍ୟଙ୍କୁ ପ୍ରାର୍ଥୀ କରିଥିବା ଆଲୋଚନା ହେଉଛି। ଅନ୍ୟପଟେ ବିରୋଧୀ ମଧ ପୁଣିଥରେ ପଦ ଅକ୍ତିଆର କରିବାକୁ ଯୋଜନା କରିଛନ୍ତି। ୫ ବର୍ଷରେ ଉନ୍ନୟନ ମୂଳକ କାମର ହିସାବ ଦେଇ ଭୋଟ ପ୍ରଚାର କରୁଛନ୍ତି। ଭାଜପା ନାକଟିଦେଉଳ ବ୍ଲକରେ ସଙ୍ଗଠିତ ହୋଇଛି। ୨ ଜୋନ ମଧ୍ୟରୁ ଗୋଟିଏରେ ଭାଜପା ଜିଲା ପରିଷଦ ସଭ୍ୟ ବିଜୟୀ ହୋଇଥିଲା। କଂଗ୍ରେସ ଦଳ ମଧ ଗ୍ରାମାଞ୍ଚଳରେ ନିଜ ସମର୍ଥିତ ପ୍ରାର୍ଥୀ ଦେଇଛି। ତେଣୁ ଉଭୟ ଭାଜପା ଓ କଂଗ୍ରେସ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଅଧ୍ୟକ୍ଷ କରି ବ୍ଲକ ଅକ୍ତିଆର କରିବାକୁ ଉଦ୍ୟମ କରୁଛନ୍ତି। ପଞ୍ଚାୟତ ନିର୍ବାଚନର ଫଳାଫଳ ଆଗାମୀ ସାଧାରଣ ନିର୍ବାଚନ ଉପରେ ପଡିବ। ତେଣୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା, କଂଗ୍ରେସ ଲାଗିପଡିଛନ୍ତି। ଏ ସମ୍ପର୍କରେ ସୁଦର୍ଶନ କହିଛନ୍ତି, ଆମ ପରିବାର ରାଜନୀତି କରିଆସୁଛି। ତେଣୁ ସ୍ତ୍ରୀ ଓ ବୋହୂଙ୍କୁ ପ୍ରାର୍ଥୀ କରିଛୁ। ବ୍ଲକବାସୀଙ୍କ ଉପରେ ଆମର ଭରସା ରହିଛି। ସେବା ଓ ଅଞ୍ଚଳର ବିକାଶ କରିବା ନେଇ ସୁଯୋଗ ଦେବେ ବୋଲି ଆଶା ରହିଛି।

## ଶିଶୁକନ୍ୟାକୁ ବଳାତ୍କାର ଉଦ୍ୟମ, ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା ଅଫିସ,୨୯।୧

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଞ୍ଚଳର ଜଣେ ୫ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଅକ୍ଷୟ ପରିଡା (୨୮)। ଏ ନେଇ ପୀଡିତାଙ୍କ ମା'ବାପା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଆଇପିସି ଦଫା ୩୭୬ (ଏବି) ପୋକ୍ସୋ ଆକ୍ଟରେ ମାମଲା (ନଂ୨୭/୨୨) ରୁଜୁକରି ତଦନ୍ତ ଚଳାଇଛି। ପୋଲିସ୍ ସୂତ୍ରରୁ ଜଣାପଡିଛି ପୀଡିତାଙ୍କ ପରିବାର ସହିତ ଅଭିଯୁକ୍ତଙ୍କ ପୂର୍ବରୁ ସମ୍ପର୍କ ରହିଛି। ଏଭଳି ସ୍ଥିତିରେ ଅଭିଯୁକ୍ତ ଜଣଙ୍କ ଗତ ଶୁକ୍ରବାର ପୀଡିତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ତାଙ୍କ ମା' କୌଣସି କାମରେ ବାହାରକୁ ବାହାରିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଶିଶୁକନ୍ୟାକୁ ବଳାତ୍କାର ଉଦ୍ୟମ କରିଥିଲେ। ପରେ ଶିଶୁକନ୍ୟା କାନ୍ଦି କାନ୍ଦି ମା'ଙ୍କୁ ଘଟଣା ସମ୍ପର୍କରେ କହିଥିଲେ।

## ଦୂରଦର୍ଶନ କେନ୍ଦ୍ରର ଗୁଣବତ୍ତାରେ ବିକାଶ କରାଯାଉ

ସମ୍ବଲପୁର,୨୯।୧(ବ୍ୟୁରୋ)

ସମ୍ବଲପୁର ଓଡ଼ିଶା ସାଂସ୍କୃତିକ ସମାଜ ସଂଗ୍ରାମୀ ସ୍ମୃତି ଭବନଠାରେ ହୀରାଖଣ୍ଡ ସାମ୍ମୁଖ୍ୟର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଡ. ପରେଶ ଚନ୍ଦ୍ର ଦାନି ଏଥିରେ ଅଧ୍ୟକ୍ଷତା କରିଥିଲେ। ହୀରାଖଣ୍ଡ ଅଞ୍ଚଳରେ ବରପୁତ୍ରଙ୍କ ପ୍ରତିଭା ପୂଜା, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ପ୍ରତିଭାମାନଙ୍କୁ ସମ୍ମାନିତ କରିବା, କବି ଓ ଲେଖକମାନଙ୍କ ବୈଠକ କରିବାକୁ ମତପ୍ରକାଶ ପାଇଥିଲା। ମୁଖ୍ୟତଃ ସମ୍ବଲପୁର ଦୂରଦର୍ଶନ କେନ୍ଦ୍ରର ବଜେଟ ବୃଦ୍ଧି, ଗୁଣବତ୍ତାରେ ବିକାଶ, ଅଧିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରି ପ୍ରସାରଣ କରିବା, ଖବର ସଂଗ୍ରହ ପାଇଁ ଗାଡି ବ୍ୟବସ୍ଥା ଆଦି ଦାବି କରିଥିଲେ। ଉପସଭାପତି ପ୍ରଶାନ୍ତ କୁମାର ପାଟଯୋଶୀ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରବିନ୍ଦ ମହାପାତ୍ର, ଅଖିଳ ପଟ୍ଟନାୟକ, ନରେନ୍ଦ୍ର ପାଣିଗ୍ରାହୀ, ରାଜେଶ ବେହେରା, ଦୀପକ ପଣ୍ଡା, ଶିବ ମେହେର, ବିପ୍ଳପ ଦଣ୍ଡସେନା, ସୁରେଖା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଥଇଥାନ କରି ବିସ୍ଥାପିତ କରିବାକୁ ଦାବି



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚେପଟିପୁଲିଆବାସୀ ।

ସମ୍ବଲପୁର,୨୯।୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଚେପଟିପୁଲିଆବାସୀ ଶନିବାର ଜିଲା ପ୍ରଶାସନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କ୍ରମେ ସେମାନେ ଦୀର୍ଘ ୨୫ବର୍ଷ ହେଲା ଚେପଟିପୁଲିଆରେ ରହିଆସୁଛନ୍ତି। ହେଲେ ଏବେ ବିସ୍ଥାପିତ କରିବାକୁ ଯୋଜନା କରାଯାଉଛି। ଏପରି କି ବିନା ନୋଟିସରେ କର୍ମଚାରୀମାନେ ଘର ଭାଙ୍ଗିବାକୁ ଆସୁଛନ୍ତି। ଏଭଳି ପରିସ୍ଥିତିରେ ପରିବାର ସହ କୁଆଡେ ଯିବୁ। ସରକାରୀ ନିୟମ ଅନୁସାରେ ବିସ୍ଥାପନ କରିବା ପୂର୍ବରୁ ଥଇଥାନ ସହ ଜାଗା ମିଶନରେ ସାମିଲ କରାଯାଉ ବୋଲି ଦାବି କରିଥିଲେ। ନିତୁରାଜ ହଂସ, ଖୀରବତି ସରାଫ, କଲ୍ୟାଣୀ ବାଗ, ଫୁଲ ସେନାପତି, କୁମାରୀ ଶରାଫ, ରୁପା ଦେବ ପ୍ରମୁଖ ସାମିଲ ହୋଇଥିଲେ। ଜିଲା ଯୁବ କଂଗ୍ରେସର ଆଶୁତୋଷ ସ୍ୱାଇଁ, ମୋହନ ସାହାଙ୍କ ନେତୃତ୍ୱରେ ଏଡିଏମ୍ ଅଜାମିଲ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଅଭିଯୁକ୍ତ ଗିରଫ, ଟାଙ୍ଗିଆ ଜବତ

**ଥାନା ସମ୍ମୁଖରେ ହତ୍ୟା ମାମଲା**

ନାକଟିଦେଉଳ,୨୯।୧(ଡ଼ି.ଏନ.ଏ.)





ଗିରଫ କ୍ଷିରୋଦ ରୋହିଦାସ।

ସମ୍ବଲପୁର ଜିଲା କିସିଣ୍ଡା ଥାନା ସମ୍ମୁଖରେ ଘଟିଥିବା ହତ୍ୟା ଘଟଣାର ୧୦ଦିନ ପରେ ପୋଲିସ ଜଙ୍ଗଲରେ ଲୁଚିଥିବା ଅଭିଯୁକ୍ତ କ୍ଷୀରୋଦଙ୍କୁ ଗିରଫ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରାଯାଇଛି। ଏ ନେଇ ପୋଲିସ ଆଇପିସି ଦଫା ୩୦୨ରେ ମାମଲା (ନଂ ୫/୨୨) ରୁଜୁକରି କ୍ଷୀରୋଦଙ୍କୁ ଶନିବାର ରେଢାଖୋଲ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

କିସିଣ୍ଡା ଥାନା ଲୋଇସିଂ ଗ୍ରାମର କୁମାରୀ ରୋହିଦାସ ଓ ତାଙ୍କ କକାପୁଅ ଭାଇ କ୍ଷୀରୋଦ ରୋହିଦାସଙ୍କ ପରିବାର ମଧ୍ୟରେ କିଛିବର୍ଷ ହେବ ବିବାଦ ଲାଗିରହିଥିଲା। ଗତ ୧୯ ତାରିଖରେ କୁମାରୀ ଓ କ୍ଷୀରୋଦଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ କୁମାରୀ କ୍ଷିରୋଦଙ୍କ ନାମରେ ଅଭିଯୋଗ କରିବାକୁ ଥାନାକୁ ଯାଇଥିଲେ। କ୍ଷିରୋଦ ମଧ ତାଙ୍କ ପଛେ ପଛେ ଯାଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କ୍ଷିରୋଦ ଏକ ଟାଙ୍ଗିଆରେ ଚୋଟ ମାରିବାରୁ ଥାନା ଆଗରେ କୁମାରୀଙ୍କ ମୃତ୍ୟୁ ଘଟିଥିଲା। ହତ୍ୟା ପରେ କ୍ଷୀରୋଦ ସେଠାରୁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ପୋଲିସ ଗତ ୨୧ତାରିଖରେ କ୍ଷୀରୋଦଙ୍କ ବାପା ଓ ଭାଇ ମୋଟ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅନ୍ୟପକ୍ଷେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଅଞ୍ଚଳରେ ବେଆଇନ ମଦ କାରବାର ଯୋଗୁ ଏଭଳି ଘଟଣା ଘଟୁଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ଥାନା ଘେରାଉ କରି ରାସ୍ତା ଅବରୋଧ କରିଥିଲେ।

## ଯୁବତୀଙ୍କୁ ପ୍ରେମ ପ୍ରତାରଣା, ଯୁବକ ଗିରଫ

ରାଉରକେଲା ଅଫିସ,୨୯।୧

ଫେସବୁକ୍‌ରେ ବନ୍ଧୁତା ସ୍ଥାପନ ହେବା ପରେ ଯୁବତୀଙ୍କ ସହ ପ୍ରେମ କରି ଶେଷରେ ପ୍ରତାରଣା ଅଭିଯୋଗରେ ବ୍ରାହ୍ମଣୀତରଙ୍ଗ ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବନ୍ଧୁପଡା ଅଞ୍ଚଳର ବିରେନ୍ଦ୍ର ଲାକ୍ରା(୩୨)। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ବ୍ରାହ୍ମଣୀତରଙ୍ଗ ଥାନା ବଡମାରେନ ଅଞ୍ଚଳର ଉକ୍ତ ଯୁବତୀ ଦିଲ୍ଲୀର ଏକ ଫାର୍ମାସିସ୍ କମ୍ପାନୀରେ ଚାକିରି କରିଛନ୍ତି। ଫେସବୁକ୍‌ରେ ତାଙ୍କ ସହ ବିରେନ୍ଦ୍ରଙ୍କ ବନ୍ଧୁତା ସ୍ଥାପନ ହୋଇଥିଲା ଏବଂ ଉଭୟ ଗତବର୍ଷ ଏପ୍ରିଲ ୯ରେ କୋର୍ଟରେ ବିବାହ କରିଥିଲେ। କରୋନା ମହାମାରୀ ଯୋଗୁ ଯୁବତୀ ଜଣଙ୍କ ଦିଲ୍ଲୀରୁ ନିଜ ଗ୍ରାମକୁ ଆସିବା ପରେ ବିରେନ୍ଦ୍ରଙ୍କ ଘରେ ରହିବାକୁ ଜିଦ୍ କରିଥିଲେ। କିନ୍ତୁ ବିରେନ୍ଦ୍ର ପୂର୍ବରୁ ବିବାହିତ ହୋଇଥିବା କଥା ଜାଣିବା ପରେ ଯୁବତୀ ଜଣଙ୍କ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ବିରେନ୍ଦ୍ରଙ୍କୁ କେ. ବଲାଙ୍ଗ ଅଞ୍ଚଳରୁ ଗିରଫ କରିଛି।

## କୁଚିଣ୍ଡାରେ ଦୋକାନବଜାର, ବସ୍‌ସେବା ବନ୍ଦ

**ଝୁଲେନ ପୋଲ ମରାମତି, ସହରକୁ ବସ୍ ଚଳାଚଳ ଦାବି**

କୁଚିଣ୍ଡା,୨୯।୧(ଡି.ଏନ.ଏ.)



ଦୋକାନ ବନ୍ଦ ଯୋଗୁ ସହର ଜନଶୂନ୍ୟ ହୋଇପଡିଛି।

ଝୁଲେନ ପୋଲ ମରାମତି ସାଙ୍ଗକୁ ସହର ମଧ୍ୟରେ ବସ୍ ଚଳାଚଳ ଦାବିକରି କୁଚିଣ୍ଡା ବ୍ୟବସାୟୀ ସଂଘ ଶନିବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦୋକାନ ବଜାର ଓ ବସ୍ ଚଳାଚଳ ବନ୍ଦ କରାଇଛନ୍ତି। ଆନ୍ଦୋଳନକୁ ସମର୍ଥନ କରି କୁଚିଣ୍ଡା ଘରୋଇ ବସ୍ ମାଲିକ ସଂଘ ଏଥିରେ ସାମିଲ ହୋଇଛି। ମୁଖ୍ୟତଃ ଝୁଲେନ ପୋଲର ମରାମତି ଓ ସହର ଭିତରକୁ ବସ୍ ଚଳାଚଳ ଦାବି ନେଇ ଏହି ବନ୍ଦ ପାଳନ କରାଯାଉଛି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଉଭୟ ସଂଘ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ ଅତ୍ୟାବଶ୍ୟକୀୟ ସେବାକୁ ବାଦ୍ ଦିଆଯାଇଛି। ଦିନତମାମ ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। ବସ୍ ଚଳାଚଳ ବନ୍ଦ ଯୋଗୁ ସରକାରୀ ଅଫିସ ଖୋଲା ରହିଥିଲେ ମଧ ଜନଶୂନ୍ୟ ରହିଥିଲା। ଏପରି କି ଆନ୍ଦୋଳନକାରୀ ନାଇଟ୍ କୋଚ ବସ୍‌ଗୁଡିକୁ କୁଚିଣ୍ଡା ସହରକୁ ଚଳାଚଳ ବନ୍ଦ କରି ଦେଇଥିବାରୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ବିଜେଡିର ଜିଲା, ଜୋନ ସ୍ତରୀୟ ପ୍ରଚାର କମିଟି

ସମ୍ବଲପୁର,୨୯।୧(ବ୍ୟୁରୋ)

ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ଜିଲା ଓ ଜୋନ ସ୍ତରୀୟ ପ୍ରଚାର କମିଟି ଗଠନ କରାଯାଇଛି। ଜିଲା ପ୍ରଚାର କମିଟିରେ ପ୍ରଦୀପ ମିଶ୍ର, ଦେବେନ୍ଦ୍ର କିଶୋର ପତି, ପୂର୍ବତନ ବିଧାୟକ ରମେଶ ପଟୁଆ, ବରୁଣ ଦେହୁରି, ଏମ୍.ବି. ସତ୍ୟେନ, ଫଣିନ୍ଦ୍ର ପଟ୍ଟନାୟକ, ମୋତିଲାଲ ତନ୍ତି, ଦିଲୀପ ଦୁରିଆ, ଭୁବନେଶ୍ୱର କିସାନ, ରାଜକୁମାର ଶୁକ୍ଳା, ଅନାଦି ସାହୁ, ମନୋଜ ଖୁଣ୍ଟିଆଳ, କାହ୍ନୁ ମିଶ୍ର, ବସନ୍ତ ମିଶ୍ର, ଉଷା ପ୍ରଧାନ, କବିତା ପୁରୋହିତ, ମିତାଲି ସାହୁ ପ୍ରମୁଖ ଅଛନ୍ତି। ସେହିପରି ଜୋନ କମିଟିରେ ଜମନକିରା ଜୋନ-୧ରେ ଧିରେନ ଶର୍ମା, ଜମନକିରା ଜୋନ-୨ରେ ଚୁଡାମଣି ପଟେଲ, କୁଚିଣ୍ଡା ଜୋନ ୧ ସୁଶିଲ ନାୟକ, ସହ ସଂଯୋଜକ ସୁଲଗ୍ନା ପଟେଲ, କୁଚିଣ୍ଡା ଜୋନ ୨ରେ ଯୁଧିଷ୍ଠିର ପ୍ରଧାନ, ବାମରା ବ୍ଲକ ଜୋନ ୧ରେ ଅରବିନ୍ଦ ସାହୁ, ଜୋନ ୨ରେ ଭେସଜ ସେଠୀ, ରେଙ୍ଗାଲି ବ୍ଲକ ଜୋନ ୧ରେ ମହେନ୍ଦ୍ର ଓରାମ, ଜୋନ ୨ରେ ପ୍ରଫୁଲ୍ଲ ବିଶ୍ୱାଳ, ଧନକଉଡା ବ୍ଲକ ଜୋନ ୧ରେ ଶାନ୍ତନୁ ହୋତା, ଜୋନ ୨ରେ ହୀରାଲାଲା ବେହେରା, ମାନେଶ୍ୱର ବ୍ଲକ ଜୋନ ୧ରେ ହେମନ୍ତ ପଣ୍ଡା, ସହ ସଂଯୋଜକ ଦିଲୀପ ପ୍ରଧାନ, ମାନେଶ୍ୱର ଜୋନ ୨ରେ ସତ୍ୟନାରାୟଣ ମେଣ୍ଡୁଲିଙ୍କୁ ଦଳ ଦାୟିତ୍ୱ ଦେଇଛି। ଏ ନେଇ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ ସୂଚନା ଦେଇଛନ୍ତି।

## ମିଳିତ ଟ୍ରେଡ ୟୁନିୟନ ବୈଠକ

ରାଉରକେଲା ଅଫିସ,୨୯।୧

ରାଉରକେଲା ସେକ୍ଟର-୧୬ ସ୍ଥିତ ଶ୍ରମିକ ଭବନ ପରିସରରେ ସିଆଇଟିୟୁ ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମିଳିତ ଟ୍ରେଡ ୟୁନିୟନର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ବୈଠକରେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ଓ ଶ୍ରମିକ ବିରୋଧୀ ତଥା କର୍ପୋରେଟ ସପକ୍ଷବାଦୀ ନୀତି ବିରୋଧରେ ଫେବୃଆରୀ ୨୩ ଓ ୨୪ ତାରିଖରେ ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟକୁ ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଦିଲୀପ କୁମାର ମହାପାତ୍ର, ବିଶ୍ୱମୋହନ ପୁହାଣ, ପ୍ରମୋଦ ଦାସ, ବସନ୍ତ ନାୟକ, ବିମାନ ମାଇତି ପ୍ରମୁଖ ଉପସ୍ଥିତ ଥିଲେ।

## ଫୁଟ୍‌ବଲ ଆସୋସିଏଶନର ରେଫରି ଗୋଷ୍ଠୀ ସଭା

**ପରିଚାଳନା କମିଟି ଗଠିତ**

ଝାରସୁଗୁଡ଼ା ଅଫିସ, ୨୯।୧

ଝାରସୁଗୁଡ଼ା ଜିଲାର ଲଇକେରା, ଲଖନପୁର, କୋଲାବିରା, କିର୍ମିରା, ଝାରସୁଗୁଡ଼ା ଆଦି ବ୍ଲକରୁ ଫୁଟ୍‌ବଲ ଆସୋସିଏଶନର ରେଫରିମାନଙ୍କ ଗୋଷ୍ଠୀ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା କ୍ରୀଡ଼ା ପରିଷଦ ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ, କୋଷାଧ୍ୟକ୍ଷ ଗଣେଶ ଚନ୍ଦ୍ର ନାଏକ, ପୁରାତନ ରେଫରି ଶଙ୍କର ପଟେଲ, ଜିଲା କ୍ରୀଡ଼ା ପରିଷଦ ଉପସଭାପତି ବିଜୟ କୁମାର ଦାଶ, ଫୁଟବଲ ସମ୍ପାଦକ ସୁଶାନ୍ତ ମହାନ୍ତି, ଆଥଲେଟିକ ସମ୍ପାଦକ ମାନସ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କ ସହ ବିଚାରବିମର୍ଷ କରିଥିଲେ। ପରେ ସର୍ବସମ୍ମତିକ୍ରମେ ଫୁଟବଲ ପରିଚାଳନା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ବିଜୟ କୁମାର ଦାଶ, ଉପସଭାପତି ରାଜେଶ ପଟେଲ, ସମ୍ପାଦକ କେ. ଜଗନ୍ନାଥ ରାଓ, ଯୁଗ୍ମ ସମ୍ପାଦକ କାର୍ତ୍ତିକେଶ୍ୱର ଦାଶ, କୋଷାଧ୍ୟକ୍ଷ ଭାବେ ତାର୍ଜନ ବିଶ୍ୱାଳ ମନୋନୀତ ହୋଇଛନ୍ତି। ସେହିପରି ଏକଜିକ୍ୟୁଟିଭ ମେମ୍ବର ଭାବେ ଭୁବନେଶ୍ୱର ହାତୀ, ରମଣୀ ମାଝି, ସଞ୍ଜୟ ସାହୁ, ପି. ରାଜେଶ୍ୱର ରାଓ, ନୀଳ ନାଏକ ଓ ମାନସ ରଞ୍ଜନ ଆଚାର୍ଯ୍ୟଙ୍କୁ ମନୋନୀତ କରାଯାଇଛି।

## ହିଣ୍ଡାଲ୍‌କୋ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ସମ୍ବଲପୁର,୨୯।୧(ବ୍ୟୁରୋ)





ଗ୍ରାମରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଶିବିର ।

ସମ୍ବଲପୁର ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ କରୋନା ମହାମାରୀର ମୁକାବିଲା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ରାସ୍ତାଘାଟ, ନାଳ ନର୍ଦ୍ଦମା, ନଳକୂପ ଚତୁଃପାର୍ଶ୍ୱରେ ବ୍ଲିଚିଂ ପକାଇ ବିଶୋଧନ କରାଯାଉଛି। ସେହିପରି ଗ୍ରାମଗୁଡିକରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି। କୋଭିଡ୍ ଲକ୍ଷଣ ଥିଲେ ପରୀକ୍ଷା କରିବା ପାଇଁ ପରାମର୍ଶ ଦିଆଯାଉଛି। ବ୍ୟାନର ପୋଷ୍ଟର ସାହାଯ୍ୟରେ ସଚେତନତା କରାଯାଉଛି। ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶନାଥ ପାଣ୍ଡେଙ୍କ ନିର୍ଦ୍ଦେଶ କ୍ରମେ ହୀରାକୁଦ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢୀ ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ହୀରାକୁଦ ଥାନାରେ ଆମ ପୋଲିସର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସହରକୁ ବିଶୋଧନ କରିବାକୁ ପ୍ରସ୍ତାବ ଦେଇଥିଲେ।

## ସ୍ୱାମୀ ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଆଲୋଚନା ଚକ୍ର

ଝାରସୁଗୁଡା ଅଫିସ, ୨୯।୧

ଝାରସୁଗୁଡା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଶାଖା ପକ୍ଷରୁ ସପ୍ତମ ଇ ପାଠଚକ୍ର ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ବ୍ରଜରାଜନଗର ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରାଧାପିକା ତଥା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଆଜୀବନ ସଦସ୍ୟା ପଦ୍ମାବତୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ବକ୍ତା ଭାବେ ସାହିତ୍ୟିକ, ନାଟ୍ୟକାର ଡ. ଶ୍ୟାମ ସୁନ୍ଦର ଧର ଯୋଗଦେଇ ମଙ୍ଗଳୁ ଚରଣ ବିଶାଳଙ୍କ ନାଟକରେ ଦଳିତ ଜୀବନର ଚିତ୍ର ଉପରେ ବକ୍ତବ୍ୟ ରଖିଥିଲେ। କବି ଅନ୍ତର୍ଯାମୀ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ଦେବାଶିଷ ଦାସ ବିବେକ ବାଣୀ ପାଠ କରିଥଲେ। ଶେଷରେ କବି ଅକ୍ଷୟ କୁମାର ପତି ଧନ୍ୟବାଦ ଦେଇଥିଲେ।

# ମାଳବିକାଙ୍କୁ ହରାଇ ଫାଇନାଲରେ ଉନ୍ନତି

ଭୁବନେଶ୍ୱର, ୨୯।୧ (କ୍ରୀଡ଼ା ପ୍ରତିନିଧି)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ବିପର୍ଯ୍ୟୟ ଘଟାଇଛନ୍ତି ୧୪ ବର୍ଷୀୟା ଉନ୍ନତି ହୋଦା। ଶନିବାର ଅନୁଷ୍ଠିତ ମ୍ୟାଚରେ ସେ ଇଣ୍ଡିଆନ ଓପନ ଫାଇନାଲିଷ୍ଟ ମାଳବିକା ବନସୋଦଙ୍କୁ ୨୪-୨୨, ୨୪-୨୨ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ମିକ୍ସଡ ଡବଲ୍ସରେ ବାଲକେଶରୀ ଯାଦବଙ୍କୁ ସାଥିକରି ଖେଳିଥିବା ଓଡ଼ିଶାର ଶ୍ୱେତପର୍ଣ୍ଣା ପଣ୍ଡାଙ୍କ ଅଭିଯାନ ସେମିଫାଇନାଲରୁ ଶେଷ ହୋଇଛି। ବାଲକେଶରୀ-ଶ୍ୱେତପର୍ଣ୍ଣା ୯-୨୧, ୯-୨୧ରେ ଏମ୍.ଆର. ଅର୍ଜୁନ ଓ ତ୍ରିଶା ଜୋଲିଙ୍କଠାରୁ ହାରି ଯାଇଛନ୍ତି।

ମାଳବିକା ଭଲ ଫର୍ମରେ ଥିଲେ ହେଁ ଉନ୍ନତିଙ୍କ ଆଗରେ ହାର ମାନିଥିଲେ। ସେ ଚଳିତ ମାସ ପ୍ରଥମ ଭାଗରେ ଇଣ୍ଡିଆନ ଓପନରେ ନିଜ ଆଦର୍ଶ ଖେଳାଳି ସାଇନା ନେହ୍ୱାଲଙ୍କୁ ହରାଇଥିଲେ। ଗତ ସପ୍ତାହରେ ସେ ସୟଦ ମୋଦି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରି ପି.ଭି. ସିନ୍ଧୁଙ୍କଠାରୁ ପରାଜିତ ହୋଇଥିଲେ। ଏଠାରେ ସେ ପୂର୍ବତନ ଜୁନିୟର ନମ୍ବରୱାନ ତସନିମ ମିରଙ୍କୁ ପ୍ରି-କ୍ୱାର୍ଟର ଫାଇନାଲରେ ହରାଇଥିଲେ। ପୁରୁଷ ସିଙ୍ଗଲ୍ସରେ ପ୍ରିୟାଂଶୁ ରାଜାୱତ ଓ କିରନ ଜର୍ଜ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ପ୍ରିୟାଂଶୁ ୨୧-୧୭, ୨୧-୧୪ରେ କୌଶଲ ଧରମବୀର ଏବଂ କିରନ ୧୯-୨୧, ୨୧-୧୨, ୨୧-୧୪ରେ ଅନ୍‌ସାଲ ଯାଦବଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସରେ ରବିକ୍ରିଷ୍ଣା ପି.ଏସ. ଓ ଶଙ୍କର ପ୍ରସାଦ ଉଦୟକୁମାର ୨୧-୧୨, ୧୮-୨୧, ୨୧-୧୮ରେ ବସନ୍ତ କୁମାର ରଙ୍ଗନାଥ ଓ ଅସିତ ସୂର୍ଯ୍ୟଙ୍କୁ ହରାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଏହି ଯୋଡ଼ି ଫାଇନାଲରେ ମାଲେସିଆର ନୁର ମହମ୍ମଦ ଆୟୁବ ଆଜରିନ ଓ ଲି ଖିମ୍ ୱଙ୍କୁ ଭେଟିବେ। ମାଲେସିଆ ଯୋଡ଼ି ସେମିଫାଇନାଲରେ ଶ୍ରୀଲଙ୍କାର ସଚିନ ଡିଆସ ଓ ବୁଦ୍ୱେଙ୍କା ଗୁଣତିଲକାଙ୍କୁ ହରାଇ ଦେଇଛନ୍ତି। ସେହିପରି ମହିଳା ଡବଲ୍ସରେ ୮ମ ସିଡ୍ ଭାରତର ସାନ୍ୟୋଗୀତା ଘୋରପଦେ ଓ ଶ୍ରୁତି ମିଶ୍ର ୧୦-୨୧, ୨୧-୧୮, ୨୧-୧୭ରେ ଆମେରିକା ଯୋଡ଼ି ଶ୍ରୀବେଦ୍ୟ ଗୁରାଜାଡ଼ା ଓ ଈଶିକା ଜୟସ୍ୱାଲଙ୍କୁ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ସାନ୍ୟୋଗୀତା-ଶ୍ରୁତି ଫାଇନାଲରେ ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କୁ ଭେଟିବେ। ତ୍ରିଶା-ଗାୟତ୍ରୀ ସେମିରେ ନିଜ ଦେଶର ଅରୁଲ ବାଲା ରାଧାକ୍ରିଷ୍ଣନ ଓ ନିଳା ଭାଲୁଭାନଙ୍କୁ ୨୧-୯, ୨୧-୬ ସେଟ୍‌ରେ ହରାଇଛନ୍ତି।



ଉନ୍ନତି ହୋଦା

## ଓଡ଼ିଶା ଓପନ ବ୍ୟାଡ୍‌ମିଣ୍ଟନ
### ସେମିରୁ ଶ୍ୱେତପର୍ଣ୍ଣାଙ୍କ ଅଭିଯାନ ଶେଷ

# ଭୁବନେଶ୍ୱର ୱାରିୟର୍ସ ବିଜୟୀ

ଭୁବନେଶ୍ୱର, ୨୯।୧ (କ୍ରୀଡ଼ା ପ୍ରତିନିଧି)

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ କ୍ରିକେଟ ଲିଗ୍‌ର ଶନିବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ୱାରିୟର୍ସ ୧ ଉଇକେଟରେ ଆୟୋଜକ କ୍ଲବକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ସ୍ପୋର୍ଟିଂ ୩୯.୪ ଓଭରରେ ୧୬୫ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଆଶୁତୋଷ ସାହୁ ସର୍ବାଧିକ ୬୪ ଓ ସୁଦର୍ଶନ ସ୍ୱାଇଁ ୪୪ ରନ କରିଥିଲେ। ବିପକ୍ଷ ଦଳର ତାରିଣୀ ପ୍ରସାଦ ନାୟକ ୨୬ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିବାବେଳେ ମିତେନ ପଟେଲ ଓ ଅଂଶୁମାନ ବେଜ୍‌ଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ୧୬୬ ରନ ବିଜୟ ଲକ୍ଷ୍ୟ ନେଇ ଭୁବନେଶ୍ୱର ୱାରିୟର୍ସ ୪୮.୫ ଓଭରରେ ୯ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରି ନେଇଥିଲା। ନିତେଶ କୁମାର ସର୍ବାଧିକ ୪୮ ଓ ସୌଭାଗ୍ୟ ବେହେରା ୪୩ ରନ କରିଥିଲେ। ପାରାମାଉଣ୍ଟର ସୟଦ ଟି. ଅହମଦ ୩ଟି ଏବଂ ଅଂଶୁମାନ ସାହୁ, ରିତେଶ ପ୍ରିୟରଞ୍ଜନ ଓ ପ୍ରତ୍ୟୁଷ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ୫ ଉଇକେଟ ସଫଳତା ପାଇଁ ତାରିଣୀ ପ୍ରସାଦ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ୱାରିୟର୍ସର ଜନ୍ମେଜୟ ସାହୁ ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ। ରଣଜୀ ଟ୍ରଫି ଖେଳାଳି ଶାନ୍ତନୁ ମିଶ୍ର ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ତାରିଣୀ ପ୍ରସାଦ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ପ୍ରଦର୍ଶନୀ ମ୍ୟାଚରେ ଭୁବନେଶ୍ୱର ମହିଳା ବ୍ଲୁ ବିଜୟୀ

ଭୁବନେଶ୍ୱର, ୨୯।୧ (କ୍ରୀଡ଼ା ପ୍ରତିନିଧି)

ଗାଡ଼କଣ ଖେଳପଡ଼ିଆରେ ଭୁବନେଶ୍ୱର ମହିଳା ବ୍ଲୁ ଓ ରେଡ୍ ମଧ୍ୟରେ ଶନିବାର ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲୁ ୪୭ ରନରେ ରେଡ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବ୍ଲୁ ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ ବିନିମୟରେ ୧୬୩ ରନ କରିଥିଲା। ପ୍ରିୟଙ୍କା ବିଶ୍ୱାଳ ୨୪, ବର୍ଷାରାଣୀ ସିଂ ୨୫ ଓ ପୁନମ ନାୟକ ଅପରାଜିତ ୫୧ ରନ କରିଥିଲେ। ରେଡ୍ ପକ୍ଷରୁ ସ୍ମୃତିରେଖା ମାହାନ୍ତ ୨ଟି ଓ ସୋନାଲିସା ସାହୁ, ତନ୍ମୟୀ ବେହେରା ଏବଂ ଅନୁଷ୍କା ମିଶ୍ର ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ୧୬୪ ରନ ବିଜୟ ଲକ୍ଷ୍ୟନେଇ ରେଡ୍ ୨୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ତନ୍ମୟୀ ବେହେରା ୨୦, କୁନି ଭଦ୍ରା ୨୨ ରନ କରିଥିଲେ। ବ୍ଲୁ ପକ୍ଷରୁ ଏମ୍‌ଏସ୍ ଶୁଭଶ୍ରୀ ୪ଟି, ବର୍ଷାରାଣୀ ସିଂ ୨ଟି ଏବଂ କୃଷ୍ଣା ପରିଡା ଓ ମିତାଲି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବର୍ଷାରାଣୀ ସିଂ, ଶ୍ରେଷ୍ଠ ବୋଲର ଏମ୍.ଏସ୍. ଶୁଭଶ୍ରୀ ଓ ଶ୍ରେଷ୍ଠ ବ୍ୟାଟର ପୂର୍ଣ୍ଣିମାଙ୍କୁ ପୂର୍ବତନ ରଣଜୀ ଖେଳାଳି ବିବିସିସି ମହାପାତ୍ର ଓ ଅଶୋକ ଜେନା ଟ୍ରଫି ପ୍ରଦାନ କରିଥିଲେ।



ପ୍ରଦର୍ଶନୀ ମ୍ୟାଚ ପୂର୍ବରୁ ଭୁବନେଶ୍ୱର ମହିଳା ବ୍ଲୁ ଓ ରେଡ୍ ଦଳର ଖେଳାଳିମାନେ।

# ଷ୍ଟାର୍କଙ୍କୁ ଆଲାନ ବର୍ଡର ପଦକ

କାନବେରା, ୨୯।୧ (ପି.ଟି.)

## କ୍ରିକେଟ ଅଷ୍ଟ୍ରେଲିଆ ପୁରସ୍କାର

ସିନିୟର ପେସ୍ ବୋଲର ମିଚେଲ ଷ୍ଟାର୍କ କ୍ରିକେଟ ଅଷ୍ଟ୍ରେଲିଆ (ସିଏ)ର ବାର୍ଷିକ ପୁରସ୍କାରରେ ପ୍ରଥମ ଥର ଆଲାନ ବର୍ଡର ପଦକ ଜିତିଛନ୍ତି। ସେହିପରି ଆଶ୍‌ଲେ ଗାର୍ଡନର ମହିଳା ବିଭାଗରେ ବେଲିଣ୍ଡା କ୍ଲାର୍କ ପୁରସ୍କାର ଲାଭ କରିଛନ୍ତି। ଷ୍ଟାର୍କ ଖେଳର ସମସ୍ତ ତିନୋଟି ଫର୍ମାଟରେ ବଳିଷ୍ଠ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ପାଇଛନ୍ତି। ୨୨ବର୍ଷ ମଧ୍ୟରେ ପ୍ରଥମ ବୋଲର ଭାବେ ସେ ଆଲାନ ବର୍ଡର ପଦକ ପାଇଛନ୍ତି। ଗାର୍ଡନର ମଧ୍ୟ ପ୍ରଥମ ଥର ଏହି ସମ୍ମାନ ପାଇଛନ୍ତି। ଖେଳାଳି, ଅମ୍ପାୟର ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ନେଇ ଭୋଟିଂ ପ୍ରକ୍ରିୟା ଜରିଆରେ ପୁରସ୍କାର ବିଜେତା ନିରୂପଣ କରାଯାଇଥାଏ। ଷ୍ଟାର୍କ ଗତ ୧୨ ମାସରେ ସମସ୍ତ ଫର୍ମାଟରେ ୪୩ ଉଇକେଟ ଅକ୍ତିଆର କରିଛନ୍ତି। ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ସେ ଗୋଟିଏ ଭୋଟ ପଛରେ ପକାଇ ପୁରସ୍କାର ଜିତିଛନ୍ତି। ଭୋଟିଂ ପିରିୟଡରେ ଗାର୍ଡନର ଅଷ୍ଟ୍ରେଲିଆର ତୃତୀୟ ସର୍ବାଧିକ ରନ ସ୍କୋରର ଏବଂ ୫ମ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବିବେଚିତ ହୋଇଥିଲେ। ସେ ୩୫.୧ ଆଭରେଜରେ ୨୮୧ ରନ କରିଥିଲେ। ତନ୍ମଧ୍ୟରେ ତାଙ୍କର ଚାରୋଟି ଅର୍ଦ୍ଧଶତକ ସାମିଲ ରହିଥିଲା। ସେ ୯ଟି ଉଇକେଟ ମଧ୍ୟ ଅକ୍ତିଆର କରିଥିଲେ। ସେ ବେଥ୍ ମୁନି (୪୭) ଓ ଏଲିସା ହିଲି (୩୯)ଙ୍କୁ ପଛରେ ପକାଇ ୫୪ ଭୋଟ ସହ ବେଲିଣ୍ଡା କ୍ଲାର୍କ ପୁରସ୍କାର ଜିତିଥିଲେ। ଷ୍ଟାର୍କ ଆହୁରି ମଧ୍ୟ ବର୍ଷର ଶ୍ରେଷ୍ଠ ପୁରୁଷ ଅନ୍ତର୍ଜାତୀୟ ଦିନିକିଆ ଖେଳାଳି ବିବେଚିତ ହୋଇଛନ୍ତି।

## ଅଷ୍ଟ୍ରେଲିଆ ସୁପର ଲିଗ୍ ସେମିରେ

ନର୍ଥ ସାଉଣ୍ଡ (ଆଣ୍ଟିଗୁଆ), ୨୯।୧ (ପି.ଟି.)

### ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍

ପାକିସ୍ତାନ ବିପକ୍ଷରେ ୧୧୯ ରନରେ ବିଜୟ ହାସଲ କରି ଅଷ୍ଟ୍ରେଲିଆ ତୃତୀୟ ଦଳ ଭାବେ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ସୁପର ଲିଗ୍ ସେମିଫାଇନାଲରେ ପ୍ରବେଶ କରିଛି। ଇଂଲଣ୍ଡ ଓ ଆଫଗାନିସ୍ତାନ ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ଅଷ୍ଟ୍ରେଲିଆ ନିର୍ଦ୍ଧାରିତ ୫୦ଓଭରରେ ୭ ଉଇକେଟ ବିନିମୟରେ ୨୭୬ରନ କରିଥିଲା। ଜବାବରେ ପାକିସ୍ତାନ ୩୫.୧ ଓଭରରେ ୧୫୭ ରନରେ ଅଲଆଉଟ ହୋଇଯାଇଥିଲା।

## ରାଜ୍ୟ ଖବର

### ସ୍ତ୍ରୀ ହତ୍ୟା ମାମଲା
# ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

**ବାଲେଶ୍ୱର ଅଫିସ, ୨୯।୧:** ଜଣେ ମହିଳାଙ୍କୁ ହତ୍ୟା ମାମଲାର ବିଚାର କରି ବାଲେଶ୍ୱର ଜିଲା ଜଜ୍ ଭଗବାନ ପ୍ରଧାନ ଶନିବାର ଅଭିଯୁକ୍ତ ସ୍ୱାମୀ ଯଦୁନାଥ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦାୟେ ଆଉ ୩ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ୨୦୧୬ ଜୁଲାଇ ୨୦ତାରିଖରେ ଖନ୍ତାପଡ଼ା ଥାନା ଅଧୀନ ମାଣକାହାଣୀ ଗ୍ରାମର ଯଦୁନାଥ ନାୟକ ତାଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ ଯୌତୁକ ନିର୍ଯାତନା ଦେବା ସହ ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏନେଇ ସୁକାନ୍ତିଙ୍କ ଭାଇ ମୁକ୍ତିକାନ୍ତ ଦାସ ଖନ୍ତାପଡା ଥାନାରେ ସ୍ୱାମୀ ଯଦୁନାଥ ନାୟକ, ଶ୍ୱଶୁର ଜଳଧର ନାୟକ, ଶାଶୁ ସରସ୍ୱତୀ ନାୟକଙ୍କ ସମେତ ପରିବାରର ୫ଜଣଙ୍କ ବିରୋଧରେ ଏତଲା ଦେଇଥିଲେ। ଥାନା ପକ୍ଷରୁ ମାମଲା (ନଂ.୩୧୦/୧୬) ରୁଜୁ କରାଯାଇ ମୁଖ୍ୟ ଅଭିଯୁକ୍ତ ଯଦୁନାଥ ନାୟକଙ୍କ ବିରୋଧରେ ଚାର୍ଜଫ୍ରେମ୍ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଜିଲା ଜଜ୍ ପ୍ରଧାନ ଅଭିଯୁକ୍ତ ଯଦୁନାଥଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ କୁମାର ମଲ୍ଲିକ ଏହି ମାମଲା ପରିଚାଳନା କରୁଥିଲେ।

# ମାର୍ଚ୍ଚ ୪ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**କଟକ ଅଫିସ, ୨୯।୧:** ଆସନ୍ତା ମାର୍ଚ୍ଚ ୪ ତାରିଖରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ହେବ। ଷଷ୍ଠ ଶ୍ରେଣୀରେ ସିଧାସଳଖ ପ୍ରବେଶ ପାଇଁ ଏହି ପରୀକ୍ଷା ହେବା ସହ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ପାଇଁ ଲାଟେରାଲ ଏଣ୍ଟ୍ରି କରାଯିବ। ଉକ୍ତ ପରୀକ୍ଷା ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତି ପରୀକ୍ଷା କେନ୍ଦ୍ରରେ ୨୦୦ ପରୀକ୍ଷାର୍ଥୀ ରହିପାରିବେ। ଯଦି ଅଧିକ ସଂଖ୍ୟକ ପରୀକ୍ଷାର୍ଥୀ ହୁଅନ୍ତି ତେବେ ଉକ୍ତ ବ୍ଲକରେ ଥିବା ହାଇସ୍କୁଲଗୁଡ଼ିକୁ ପରୀକ୍ଷା କେନ୍ଦ୍ର ପାଇଁ ବିବେଚନା କରାଯାଇପାରିବ। ତେବେ ପରୀକ୍ଷା କେନ୍ଦ୍ର ଓ ବିଭିନ୍ନ ଶ୍ରେଣୀର ପରୀକ୍ଷାର୍ଥୀଙ୍କ ତାଲିକା ମାଇକ୍ରୋସଫ୍ଟ ଏକ୍ସେଲ୍ ଫାଇଲରେ ପଠାଇବାକୁ ବୋର୍ଡ ପକ୍ଷରୁ କୁହାଯାଇଛି।

# ଭୁବନେଶ୍ୱରରେ ଆଡ୍ଡା ଜମାଇଥିଲେ ଝାଡ଼ଖଣ୍ଡ ସାଇବର ଠକ

ଭୁବନେଶ୍ୱର, ୨୯।୧ (ବ୍ୟୁରୋ)

## ଜମତରା ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

ଭୁବନେଶ୍ୱରରେ ଆଡ୍ଡା ଜମାଇଥିଲେ ଝାଡ଼ଖଣ୍ଡର ସାଇବର ଠକ। ରସୁଲଗଡ଼ରେ ଘର ଭଡ଼ା ନେଇ ଆଖି ପିଛୁଳାକେ ଲୋକଙ୍କ ଆକାଉଣ୍ଟରୁ ଲୁଟୁଥିଲେ କୋଟି କୋଟି ଟଙ୍କା। ଏଭଳି ଏକ ସାଇବର ଠକେଇ ର୍‍ୟାକେଟକୁ ଧରିଛି କ୍ରାଇମବ୍ରାଞ୍ଚର ସାଇବର ଟିମ୍। ଝାଡ଼ଖଣ୍ଡ ଜମତରା ଗ୍ୟାଙ୍ଗର ୩ଜଣଙ୍କୁ ଗିରଫ କରିବା ପରେ ସେମାନଙ୍କ ଠକେଇ ର୍‍ୟାକେଟର ପର୍ଦ୍ଦାଫାସ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଝାଡ଼ଖଣ୍ଡ ଗିରିଡିହି ଜିଲାର ପ୍ରଧୁମ କୁମାର ମଣ୍ଡଳ(୨୦), କ୍ରିଷ୍ଣାକୁମାର ମଣ୍ଡଳ(୧୯) ଓ ଧାନବାଦ ଜିଲାର ଚେତଲାଲ୍ ମଣ୍ଡଳ(୨୮)। ସେମାନଙ୍କଠାରୁ ୧୧ଟି ମୋବାଇଲ ଫୋନ୍, ୨ଟି ଲାପ୍‌ଟପ୍, ଗୋଟିଏ ଟ୍ୟାବ୍ ସମେତ ବିହାର, ପଶ୍ଚିମବଙ୍ଗ, ଝାରଖଣ୍ଡର ପଞ୍ଜୀକୃତ ୩୩ଟି ସିମ୍ ଜବତ କରାଯାଇଛି। କ୍ରାଇମବ୍ରାଞ୍ଚର ସାଇବର ଥାନା ପୋଲିସ ଅଭିଯୁକ୍ତଙ୍କ ନାମରେ ଆଇପିସିର ବିଭିନ୍ନ ଦଫା ଏବଂ ଆଇଟି ଆକ୍ଟରେ ଏକ ମାମଲା (ନଂ.୨/୨୦୨୨) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ତେବେ ପଚରାଉଚରା ପରେ ସମସ୍ତ ୩ ଜଣଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଅଭିଯୁକ୍ତମାନେ ଗତ ଡିସେମ୍ବର ୨୮ରୁ ଓଡ଼ିଶା ଆସି ଭୁବନେଶ୍ୱର ରସୁଲଗଡ଼ ଅଞ୍ଚଳରେ ଘରଭଡ଼ା ନେଇ ରହୁଥିଲେ। ସେମାନେ କୌଣସି କାମ କରୁ ନ ଥିଲେ। ସୌଖିନ ଢଙ୍ଗରେ ଚଳାଚଳ କରୁଥିଲେ। ଏମାନଙ୍କ ହାବଭାବ ଦେଖି ଘର ମାଲିକ ଓ ଆଖପାଖରେ ରହୁଥିବା ଲୋକଙ୍କ ମନରେ ସନ୍ଦେହ ଉପୁଜିଥିଲା। ରାଜ୍ୟ ବାହାରର ଅପରାଧୀ ଭାବି ସେମାନେ ପୋଲିସକୁ ଖବର ଦେଇଥିଲେ। ସ୍ଥାନୀୟ ପୋଲିସ କ୍ରାଇମବ୍ରାଞ୍ଚକୁ ସୂଚନା ଦେଇଥିଲା। କ୍ରାଇମବ୍ରାଞ୍ଚର ପୋଲିସ ସେମାନଙ୍କ ଉପରେ ନଜର ରଖୁଥିଲା। ପୋଲିସ କଡ଼ା ନଜର ରଖୁଥିବା ସେମାନେ ଜାଣିପାରିଥିଲେ। ତେଣୁ ଶୁକ୍ରବାର ବିଳମ୍ବିତ ରାତିରେ ସେମାନେ ଘର ଛାଡ଼ିବାକୁ ପ୍ରସ୍ତୁତ ହେଉଥିବାବେଳେ କ୍ରାଇମବ୍ରାଞ୍ଚର ସାଇବର ଟିମ୍ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା ବୋଲି ଏଡିଜି ସଞ୍ଜୀବ ପଣ୍ଡା ସୂଚନା ଦେଇଛନ୍ତି।

ସେ କହିଛନ୍ତି, ଓଡ଼ିଶା ସମେତ ଦେଶର ୨୦ଟି ରାଜ୍ୟରେ ୧୭୧ଟି ସାଇବର ଲୁଟ୍‌ରେ ଏମାନଙ୍କର ସମ୍ପୃକ୍ତି ରହିଛି। ଏଥିସହ ଜବତ ହୋଇଥିବା ୩୩ଟି ସିମ୍‌ରେ ଅଭିଯୁକ୍ତମାନେ ଏଯାବତ ୪ ଲକ୍ଷ ୩୮ ହଜାର ୮୩୪ ଜଣଙ୍କୁ ଯୋଗାଯୋଗ କରିଥିବା ଜଣାପଡ଼ିଛି। ଏହି ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବା ସହ ସାଇବର ଠକେଇ ଘଟଣାରେ ଅଧିକ ତଥ୍ୟ ହାସଲ କରିବାକୁ ଏମାନଙ୍କୁ ୭ଦିନିଆ ରିମାଣ୍ଡରେ ଆଣିବାକୁ ସୋମବାର କୋର୍ଟରେ ଆବେଦନ କରାଯିବ। ଏହି ଗ୍ୟାଙ୍ଗ କୋଲକାତାରୁ ବ୍ୟାଙ୍କ ଗ୍ରାହକଙ୍କ ତଥ୍ୟ ସଂଗ୍ରହ କରୁଥିବା ଜଣାପଡ଼ିଛି। ତେଣୁ ଆବଶ୍ୟକ ପଡ଼ିଲେ କ୍ରାଇମବ୍ରାଞ୍ଚର ଟିମ୍ ଝାଡ଼ଖଣ୍ଡ ଓ କୋଲକାତା ଯାଇ ତଦନ୍ତ କରିବ ବୋଲି ସେ କହିଛନ୍ତି।







# ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର, ୨୯।୧ (ବ୍ୟୁରୋ)

## ସୂଚନା ପୁସ୍ତିକା ଉନ୍ମୋଚନ କଲେ ପ୍ରମୁଖ ଶାସନ ସଚିବ

ଦଶମ ଓ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଦିବ୍ୟାଙ୍ଗ ପିଲାମାନେ କିପରି ସୁବିଧାରେ ପରୀକ୍ଷା ଦେଇପାରିବେ ତାହା ଉପରେ ଗୁରୁତ୍ୱ ଦେଇଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏନେଇ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀଙ୍କ ଅଧ୍ୟକ୍ଷତାରେ ଶନିବାର ଓସେପା ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପାଇଁ ପରୀକ୍ଷାରେ ଉପଲବ୍ଧ ସୁବିଧା ସୁଯୋଗ ସମ୍ପର୍କରେ ଆଲୋଚନା ହୋଇଥିଲା। ସହାୟକ ଲେଖାଳି, ଏକ ଘଣ୍ଟାର ପରୀକ୍ଷା ସମୟ ଅବଧି ପାଇଁ ଅତିରିକ୍ତ ୨୦ ମିନିଟ, ଯଥା ସମ୍ଭବ ତଳ ମହଲାରେ ପରୀକ୍ଷା ସ୍ଥାନର ବ୍ୟବସ୍ଥା, ଶ୍ରବଣ ବାଧିତଙ୍କ ନିମନ୍ତେ ଦ୍ୱିତୀୟ ଭାଷା ଏସ୍‌ଇପି ଓ ତୃତୀୟ ଭାଷା ଭାବେ ଭିଜୁଆଲ ଆର୍ଟ ଚୟନ କରିବାର ବିକଳ୍ପ ବ୍ୟବସ୍ଥା ଓ ଶତକଡା ୫୦ ଭାଗ ପର୍ଯ୍ୟନ୍ତ ଶ୍ରେଣୀ ଉପସ୍ଥାନରେ କୋହଳ ଆଦି ସୁବିଧା ଉପଲବ୍ଧ ରହିଛି। ଦ୍ୱାଦଶ ଶ୍ରେଣୀର ସମସ୍ତ ବର୍ଗର ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ନିମନ୍ତେ ଉପରୋକ୍ତ ସୁବିଧା ସହ ପରୀକ୍ଷା ଫିରେ କୋହଳ ଏବଂ ଶ୍ରବଣ ବାଧିତ ପରୀକ୍ଷାର୍ଥୀଙ୍କ ନିମନ୍ତେ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନୋତ୍ତର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଅଧିକ ସଂଖ୍ୟକ ଦିବ୍ୟାଙ୍ଗ ପରୀକ୍ଷାର୍ଥୀ କିଭଳି ଏହି ସୁବିଧା ସୁଯୋଗ ପାଇପାରିବେ, ସେଥିପାଇଁ ବିହିତ ପଦକ୍ଷେପ ନେବାକୁ ନିଷ୍ପତ୍ତି ନିଆଯାଇଛି। ଦଶମ ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bse-odisha.ac.in ଏବଂ ଦ୍ୱାଦଶ ପରୀକ୍ଷାର୍ଥୀମାନେ www.chseodisha.nic.inରେ ଲଗ୍ ଇନ୍ କରି ଅଧିକ ବିବରଣୀ ହାସଲ କରିପାରିବେ। ଏହି ପରିପ୍ରେକ୍ଷୀରେ ଓସେପା ଦ୍ୱାରା ଦିବ୍ୟାଙ୍ଗ ପରୀକ୍ଷାର୍ଥୀଙ୍କ ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ପ୍ରଦତ୍ତ ରିହାତି/ସୁବିଧା ସମ୍ପର୍କିତ ଏକ ସୂଚନା ପୁସ୍ତିକାକୁ ପ୍ରମୁଖ ଶାସନ ସଚିବ ଉନ୍ମୋଚନ କରିଥିଲେ। ବୈଠକରେ ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା, ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଏବଂ ସମ୍ପାଦକ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଉପାଧ୍ୟକ୍ଷ ଏବଂ ଉପ ପରୀକ୍ଷା ନିୟନ୍ତ୍ରକ ପ୍ରମୁଖ ଉପସ୍ଥିତ ଥିଲେ।



# ସୀମାନ୍ତ ଗ୍ରାମରେ ଝାଡ଼ାବାନ୍ତି, ଜଣେ ମୃତ



ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆକ୍ରାନ୍ତମାନେ।

ଝାରସୁଗୁଡ଼ା ଅଫିସ, ୨୯।୧

- ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ, ଡାକ୍ତରଖାନାରେ ଭର୍ତ୍ତି
- ଗ୍ରାମରେ ପହଞ୍ଚିଲେ ଡାକ୍ତରୀ ଦଳ

ଝାରସୁଗୁଡ଼ା ଜିଲା ଛତିଶଗଡ ସୀମାନ୍ତ ଲଖନପୁର ବ୍ଲକ୍ କନକତୋରା ପଞ୍ଚାୟତର କୁହାକୁଣ୍ଡା ଗ୍ରାମରେ ଶୁକ୍ରବାର ରାତିରୁ ଝାଡ଼ାବାନ୍ତି ଲାଗିରହିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ ଗ୍ରାମର ଉମେଶ ଗୌଡ଼ (୨୨)। ଆକ୍ରାନ୍ତଙ୍କ ମଧ୍ୟରେ ସରୋଜ ପ୍ରଧାନ, ଗୋଲାପି ପ୍ରଧାନ, ଜ୍ଞାନ ଯାଦବ, ଗୋପୀ କିଷାନ, ସରିତା ବାରିକ, ଉପାସିନୀ କିଷାନ, ପଞ୍ଚା ଭୋଇ, ମୁଗେଇ ଖମାରୀ, କୁଳମଣି ଭୋଇ, ସସ୍ମିତା ହରିଜନ ପ୍ରମୁଖ ରହିଛନ୍ତି। ଏମାନେ ଜିଲା ମୁଖ୍ୟ ଚିକିତ୍ସାଳୟ, ବୁର୍ଲା ଭିମ୍‌ସାର, ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ଜିଲା ମୁଖ୍ୟ ଚିକିତ୍ସକ ଡା.ଡୋଲାମଣି ପଟେଲ, ଡା. ବି.କେ. ଭୋଇ, ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସକ ଡା. ବୈକୁଣ୍ଠ ନାଥ କଶ୍ୟପ, ଡା. ହିମାଂଶୁ ଶେଖର ପଶାୟତ, ବିଡିଓ ସଞ୍ଜୀବ ପଟେଲ ପ୍ରମୁଖ ଗ୍ରାମରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗ୍ରାମରେ କ୍ୟାମ୍ପ କରାଯାଇ ଗ୍ରାମବାସୀଙ୍କୁ ଓଆର୍‌ଏସ୍, ହାଲୋଜିନ୍ ଟାବ୍ଲେଟ୍ ଆଦି ବଣ୍ଟନ ସହ ପରିଷ୍କାର ପରିଚ୍ଛନ୍ନ ରହିବାକୁ ସଚେତନ କରାଯାଉଛି। ସଂକ୍ରମଣ ରୋକିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗ୍ରାମର ନାଳ, ନର୍ଦ୍ଦମା, କୂଅ, ନଳକୂପ ଆଦି ସ୍ଥାନରେ ବ୍ଲିଚିଂ ପାଉଡର ପକାଯାଇଛି। ଗ୍ରାମରେ ପାନୀୟଜଳ ଦୂଷିତ ହୋଇଥିବା ଆଶଙ୍କାକରି ବ୍ଲକ୍ ତରଫରୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଇ ଦିଆଯାଉଛି। ଏହାସହ ବିଭାଗ ତରଫରୁ ଗ୍ରାମରୁ ପାନୀୟଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ସଂକ୍ରମଣ ନେଇ ଗ୍ରାମରେ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି। କିଛିଦିନ ତଳେ ଗ୍ରାମରୁ ଏକ ପରିବାର ଆଲ୍ଲାହାବାଦ ଯାଇ ଫେରିଥିଲେ। ଏମାନଙ୍କ ଦ୍ୱାରା ଦୂଷିତ ପାନୀୟଜଳରୁ ସଂକ୍ରମଣ ହୋଇପାରିଥାଏ ବୋଲି ଜିଲା ମୁଖ୍ୟ ଚିକିତ୍ସକ ଡା. ପଟେଲ ସନ୍ଦେହ କରୁଛନ୍ତି। ବିଭାଗ ତରଫରୁ ପରୀକ୍ଷାନିରୀକ୍ଷା ଚାଲିଛି। ପାନୀୟଜଳ ପରୀକ୍ଷା ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।

# ୩ ଟ୍ରକ୍ ଜାଳିଦେଲେ ମାଓବାଦୀ

ମାଲକାନଗିରି, ୨୯।୧ (ଡି.ଏନ୍.ଏ.)

ମାଲକାନଗିରି ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ଶୁକ୍ରବାର ସନ୍ଧ୍ୟାରେ ମାଓବାଦୀମାନେ ହିଂସାକାଣ୍ଡ ଘଟାଇଛନ୍ତି। ଖଣି ଉତ୍ତୋଳନକୁ ବିରୋଧକରି ୩ ଟ୍ରକ୍ ଜାଳିଦେଇଛନ୍ତି। ନାରାୟଣପୁର ଜିଲା ମୁଖ୍ୟାଳୟଠାରୁ ମାତ୍ର ୫୦ କିଲୋମିଟର ଦୂରରେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ ଜଗଦଲପୁରରୁ ୩ ଟ୍ରକ୍ କାଠ ନେବାପାଇଁ ନାରାୟଣପୁର ଆସିଥିଲେ। କିନ୍ତୁ ରାଜପୁର ଅଞ୍ଚଳରେ ଆରମ୍ଭ ହେବାକୁ ଥିବା ଖଣି ଉତ୍ତୋଳନକୁ ବିରୋଧକରି ମାଓବାଦୀମାନେ ଏହି କାଣ୍ଡ ଘଟାଇଥିବା ଜଣାପଡ଼ିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଥିବା ନାରାୟଣପୁର ଏସ୍‌ପି ଗିରିଜା ଶଙ୍କର ସୂଚନା ଦେଇଛନ୍ତି। ଘଟଣାକୁ ନେଇ ଅଞ୍ଚଳରେ ଭୟ ସୃଷ୍ଟି ହୋଇଛି।

## ଗ୍ରାହକଙ୍କୁ ସୁବିଧା ଦେବାକୁ ଟେଲିକମ୍ କମ୍ପାନୀଙ୍କୁ ଟ୍ରାଇର ନିର୍ଦ୍ଦେଶ

ଦେଶର ସମସ୍ତ ମୋବାଇଲ ଗ୍ରାହକଙ୍କ ପାଇଁ ଖୁସି ଖବର ଆଣିଛି ଟ୍ରାଇ। ଟେଲିକମ୍ କମ୍ପାନୀଗୁଡ଼ିକୁ ଟ୍ରାଇ ୨୮ ଦିନ ବଦଳରେ ୩୦ଦିନିଆ ବୈଧତା ଥିବା ପ୍ଲାନ୍ ଆଣିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଦୂରସଞ୍ଚାର ନିର୍ଦ୍ଦେଶ ୧୯୯୯ରେ ପରିବର୍ତ୍ତନ ଆଣିବା ସହିତ ନିକଟରେ ଟ୍ରାଇ କମ୍ପାନୀଗୁଡ଼ିକୁ କହିଛି, ଅତିକମ୍‌ରେ ସେବା ପ୍ରଦାନକାରୀମାନେ ଗୋଟିଏ ପ୍ଲାନ୍ ଭାଉଚର, ଗୋଟିଏ ସ୍ପେଶାଲ ଟାରିଫ୍ ଭାଉଚର ଏବଂ ଗୋଟିଏ କମ୍ବୋ ଭାଉଚର ଆଣିବେ, ଯାହାର ବୈଧତା ୩୦ଦିନ ରହିବା ଆବଶ୍ୟକ। ଭାରତରେ ଟେଲିକମ୍ କମ୍ପାନୀଗୁଡ଼ିକ ମୁଖ୍ୟତଃ ୨୮ ଦିନ, ୫୪ ଦିନ କିମ୍ବା ୮୪ ଦିନର ବୈଧତା ଥିବା ପ୍ୟାକେଜ୍ ଗ୍ରାହକଙ୍କୁ ପ୍ରଦାନ କରୁଛନ୍ତି।

# ସଂକ୍ଷେପରେ

## ବେଦାନ୍ତ ଫ୍ୟାଶନ୍ସ ଲିମିଟେଡ୍‌ର ଆଇପିଓ

**ନୂଆଦିଲ୍ଲୀ,୨୯।୧:** ବେଦାନ୍ତ ଫ୍ୟାଶନ୍ସ ଲିମିଟେଡ୍ ପକ୍ଷରୁ ଏହାର ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଫେବୃୟାରୀ ୪ରେ ଖୋଲିବ ଓ ୮ରେ ବନ୍ଦ ହେବ। ଆଙ୍କର ନିବେଶକମାନଙ୍କ ଲାଗି ବିଡିଂ ତାରିଖ ହେଉଛି ଫେବୃୟାରୀ ୩। ଏହି ଅଫରର ମୂଲ୍ୟ ବ୍ୟାଣ୍ଡ ହେଉଛି ଇକ୍ୱିଟି ଶେୟାର ପିଛା ୮୨୪ ଟଙ୍କାରୁ ୮୬୬ ଟଙ୍କା। ସର୍ବନିମ୍ନ ୧୭ଟି ଇକ୍ୱିଟି ଶେୟାର ପାଇଁ ବିଡ୍ ଦାଖଲ କରିହେବ ଏବଂ ଏହା ପରେ ୧୭ଟି ଇକ୍ୱିଟି ଶେୟାରର ଗୁଣିତକ ହିସାବରେ ଆଗକୁ ବଢ଼ିବ। ଏହି ଅଫରରେ ୧ ଟଙ୍କିଆ ଫେସ୍ ଭ୍ୟାଲୁ ଥିବା ୩୬,୩୬୪,୮୩୮ ଇକ୍ୱିଟି ଶେୟାର ଜାରି କରାଯିବ। ସେଥିରେ ରହିଛି ରିନେ ହୋଲ୍‌ଡିଂସ୍ ଲିମିଟେଡ୍‌ର ୧୭,୪୫୯,୩୯୨ ଇକ୍ୱିଟି ଶେୟାର, କେଦାର କ୍ୟାପିଟାଲ ଅଲ୍‌ଟରନେଟିଭ୍ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ-କେଦାର କ୍ୟାପିଟାଲ ଏଆଇଏଫ୍ ୧ର ୭୨୩,୦୧୪ ଇକ୍ୱିଟି ଶେୟାର ଓ ରବି ମୋଦି ଫାମିଲି ଟ୍ରଷ୍ଟର ୧୮,୧୮୨,୪୩୨ ଇକ୍ୱିଟି ଶେୟାର।

## ସଂସଦର ହାଲୁଆ ଉତ୍ସବ ବନ୍ଦ

**ନୂଆଦିଲ୍ଲୀ,୨୯।୧:** ଚଳିତ ବର୍ଷର (୨୦୨୨-୨୩) ସାଧାରଣ ବଜେଟ ଫେବୃୟାରୀ ପହିଲାରେ ସଂସଦରେ ଉପସ୍ଥାପନ ହେବ। ପ୍ରତିବର୍ଷ ବଜେଟ ପୂର୍ବରୁ ହେଉଥିବା ହାଲୁଆ ଉତ୍ସବକୁ ଚଳିତ ବର୍ଷ ବନ୍ଦ କରିଦିଆଯାଇଛି। ବଜେଟର ଚୂଡ଼ାନ୍ତ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଏଭଳି ଏକ ଉତ୍ସବ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଇଥାଏ। ଚଳିତ ବର୍ଷ କୋଭିଡ୍ ମହାମାରୀକୁ ନଜରରେ ରଖି ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସୂଚନା ମିଳିଛି। ମହାମାରୀର ବର୍ତ୍ତମାନ ସ୍ଥିତିକୁ ଆଖି ଆଗରେ ରଖି କେବଳ ବଜେଟ ପ୍ରସ୍ତୁତିରେ ସାମିଲ କର୍ମଚାରୀମାନଙ୍କୁ ହାଲୁଆ ବଦଳରେ କୋଭିଡ୍ ନିୟମ ପାଳନ ପୂର୍ବକ ମିଠା ବଣ୍ଟାଯାଇଛି। ବଜେଟର ଗୋପନୀୟତା ରଖିବା ଲାଗି ଏହା ସହ ଜଡ଼ିତ ସମସ୍ତ କର୍ମଚାରୀ ଓ ବିଶେଷଜ୍ଞଙ୍କୁ ବହୁ ଦିନ ଆଗରୁ ଏକ ଗୁପ୍ତ ସ୍ଥାନରେ ରଖି ବଜେଟ ପ୍ରସ୍ତୁତ କରିଥାନ୍ତି। ସେଥିପାଇଁ ସେମାନଙ୍କ ଖୁସି ପାଇଁ ଏହି ହାଲୁଆ ଉତ୍ସବ ପାଳନ କରାଯାଇଥାଏ।

# ୧୦୦ ଡଲାରର ଛୁଇଁବ ଅଶୋଧିତ ତୈଳ ଦର

ନୂଆଦିଲ୍ଲୀ,୨୯।୧

କୋଭିଡ୍ ମହାମାରୀ ସାରା ବିଶ୍ୱକୁ ଏବେ ବି କବଳିତ କରି ରଖିଛି। ଏହି ସମୟରେ ରୁଷିଆ ଓ ୟୁକ୍ରେନ ମଧ୍ୟରେ ଲାଗି ରହିଥିବା ସମସ୍ୟା କେତେବେଳେ ଯେ ଉଗ୍ରରୂପ ଧାରଣ କରିବ ସେ ନେଇ ବିଶ୍ୱବାସୀ ଚିନ୍ତିତ। ଏହା ମଧ୍ୟରେ ଅଶୋଧିତ ତୈଳ ଦର କ୍ରମାଗତ ୬ ସପ୍ତାହ ଧରି ବଢ଼ି ଚାଲିଛି। ଶନିବାର ଓପେକ ସମୂହର ସୂଚନା ଅନୁସାରେ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ପ୍ରାୟ ୯୧ ଡଲାର ରହିଛି। ଗତ କିଛିଦିନ ହେବ ଲଗାତର କ୍ରୁଡ୍ ମୂଲ୍ୟ ବୃଦ୍ଧି ପାଇବାରୁ ବର୍ତ୍ତମାନ ଏହା ୭ ବର୍ଷର ରେକର୍ଡ ଭାଙ୍ଗି ସର୍ବାଧିକ ଦରରେ କାରବାର କରୁଛି। ଫଳରେ ୨୦୨୨ ଆରମ୍ଭରୁ ଅଶୋଧିତ ମୂଲ୍ୟ ପ୍ରଭାବ ବିସ୍ତାର କରି ଚାଲିଛି। ବିଶେଷ କରି ପଶ୍ଚିମ ଟେକ୍ସାସ୍ ଅଞ୍ଚଳର

### ୬ସପ୍ତାହ ଧରି ବଢ଼ି ଚାଲିଛି କ୍ରୁଡ୍ ମୂଲ୍ୟ

ଅନେକ ସମସ୍ୟା କାରଣରୁ ଆଗାମୀ ସପ୍ତାହଗୁଡ଼ିକ ପାଇଁ ଅତିରିକ୍ତ ୨% ବୃଦ୍ଧି ପାଇବା ସମ୍ଭାବନା ରହିଛି। ଏହି ସମୟରେ କ୍ରୁଡ୍‌ର ଦ୍ରୁତ ଚାହିଦା ଯୋଗୁ ବିଶ୍ୱ ବଜାରକୁ ଏହା ପ୍ରଭାବିତ କରିଛି। ଅପରପକ୍ଷରେ ବିଭିନ୍ନ କାରଣ ପାଇଁ ଏହାର ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଆଗାମୀ ଦିନରେ ମଧ୍ୟ ସମସ୍ୟା ସୃଷ୍ଟି କରିବ। ସେଥିପାଇଁ ୱାଲ୍ ଷ୍ଟ୍ରିଟ୍ ବ୍ୟାଙ୍କ ଏବଂ ସମସ୍ତ ତୈଳ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ଏକ ମିଳିତ ବୈଠକ ହେବା ଯୋଜନା ରହିଛି। ବୈଠକ ପୂର୍ବରୁ ତୈଳ ବିଶେଷଜ୍ଞ ଓ ବରିଷ୍ଠ ଅଧିକାରୀଙ୍କ କହିବା ଅନୁସାରେ କ୍ରୁଡ୍ ମୂଲ୍ୟ ଆଗାମୀ ଦିନରେ ୧୦୦ ଡଲାର ଛୁଇଁବା ଆଶଙ୍କା କରାଯାଉଛି। ସେହିଭଳି




ଭୌଗୋଳିକ, ରାଜନୈତିକ କାରଣ ଯୋଗୁ ତୈଳ ମୂଲ୍ୟ ବୃଦ୍ଧି ହେବା ଯଥେଷ୍ଟ ଆଶଙ୍କା ରହୁଛି। ନିକଟରେ ଏହାର ଚାହିଦା ମଧ୍ୟ ଦ୍ରୁତ ଅଭିବୃଦ୍ଧି କରିଛି। ଏହା ବଜାୟ ରଖିବା ପାଇଁ ଯୋଗାଣ ସଂସ୍ଥାଗୁଡ଼ିକ ମଧ୍ୟ ସଂଘର୍ଷ କରୁଛନ୍ତି। କୋଭିଡ୍‌ଠାରୁ ନେଇ ମହାଦେଶୀୟ ସମସ୍ୟା ଓ ରୁଷିଆ ଏବଂ ୟୁକ୍ରେନ୍‌ର ରାଜନୈତିକ ସମସ୍ୟାର ପ୍ରଭାବ ତୈଳ ବଜାରରେ ପ୍ରତିଫଳିତ ହୋଇଛି ବୋଲି ଚେଭ୍ରନ୍ କର୍ପ କହିଛନ୍ତି। ବ୍ଲୁମ୍‌ବର୍ଗ ଟିଭିର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମାଇକ୍ ୱିର୍ଥ କହିଛନ୍ତି, ଭୌଗୋଳିକ ଓ ରାଜନୈତିକ ଘଟଣା ଯୋଗୁ ଅତୀତ ତୁଳନାରେ ବର୍ତ୍ତମାନ ଦ୍ରବ୍ୟ ବଜାର ଉପରେ ଏହା ଅଧିକ ପ୍ରଭାବ ପକାଉଛି ଏବଂ ଆସନ୍ତା କିଛି ମାସ ମଧ୍ୟରେ ଆମେ ଯାହା ଦେଖିପାରୁଛୁ। ତେଣୁ ଏହା ୧୦୦ ଡଲାରକୁ ଛୁଇଁବ। ସେହିପରି ଫେଡେରାଲ୍ ରିଜର୍ଭ ମୁଦ୍ରାସ୍ଫୀତିର ମୁକାବିଲା ପାଇଁ ପ୍ରସ୍ତୁତ ହେବା ପରେ ବିଶ୍ୱର ଇକ୍ୱିଟି ବଜାରରେ ମଧ୍ୟ ଏକ ପ୍ରକାର ଆଶଙ୍କା ଦେଖାଦେଇଛି। ବର୍ତ୍ତମାନ ଅଶୋଧିତ ତୈଳ ମୂଲ୍ୟ ଅନେକଙ୍କୁ ବିପଦ ଆଡ଼କୁ ଟାଣିନେବ। ଏହାଦ୍ୱାରା ପୁଣି ଥରେ ପୂର୍ବ ମହାମାରୀସ୍ତରକୁ ଫେରି ଆସିବ। ପେଟ୍ରୋଲିୟମ ରପ୍ତାନିକାରୀ ଦେଶ ଓ ସଂଗଠନ ଏବଂ ଏହାର ସହଯୋଗୀମାନେ ଫେବୃୟାରୀରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରୁଛନ୍ତି।

# ମୁଦ୍ରା ଭଣ୍ଡାର ୬୩୪ ବିଲିୟନ ଡଲାରକୁ ହ୍ରାସ

ନୂଆଦିଲ୍ଲୀ,୨୯।୧



ଚଳିତ ମାସ ତୃତୀୟ ସପ୍ତାହରେ ଶେଷ ହୋଇଥିବା ଦେଶର ବିଦେଶୀ ମୁଦ୍ରାଭଣ୍ଡାର ୬୩୪.୨୮୭ ବିଲିୟନ ଡଲାରରେ ପହଞ୍ଚିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ସୂଚନା ଅନୁଯାୟୀ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ୬୭୮ ମିଲିୟନ ଡଲାରରୁ ୬୩୪.୨୮୭ ବିଲିୟନ ଡଲାରରେ ପହଞ୍ଚିଛି। ଚଳିତ ମାସ ୧୪ ତାରିଖରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରାଭଣ୍ଡାର ୨.୨୨୯ ବିଲିୟନ ଡଲାର ବୃଦ୍ଧି ସହ ୬୩୪.୯୬୫ ବିଲିୟନ ଡଲାରରେ ପହଞ୍ଚିଥିଲା। ଏହା ପୂର୍ବରୁ ୨୦୨୧ ସେପ୍ଟେମ୍ବର ୩ ରେ ଶେଷ ହୋଇଥିବା ସପ୍ତାହରେ ଦେଶର ବିଦେଶୀ ମୁଦ୍ରାଭଣ୍ଡାର ସର୍ବକାଳୀନ ରେକର୍ଡ ସ୍ତର ୬୪୨.୪୫୩ ବିଲିୟନ ଡଲାରରେ ପହଞ୍ଚିଥିଲା। ଆର୍‌ବିଆଇର ସାପ୍ତାହିକ ତଥ୍ୟ ଅନୁଯାୟୀ ବୈଦେଶିକ ମୁଦ୍ରା ସମ୍ପତ୍ତି (ଏଫ୍‌ସିଏ) ହ୍ରାସ ହେତୁ ସାମଗ୍ରିକ ସଂରକ୍ଷଣର ଏକ ପ୍ରମୁଖ ଉପାଦାନ ହ୍ରାସ ପାଇଥିଲା। ଆର୍‌ବିଆଇର ରିପୋର୍ଟ ଅନୁସାରେ ଜାନୁୟାରୀ ୨୧ରେ ଶେଷ ହୋଇଥିବା ସମୀକ୍ଷା ସପ୍ତାହରେ ମୁଦ୍ରାଭଣ୍ଡାରର ଗୁରୁତ୍ୱପୂର୍ଣ୍ଣ ଅଂଶ ଧରାଯାଉଥିବା ଏଫ୍‌ସିଏରେ ଏହାର ହ୍ରାସ ଘଟିବା ଯୋଗୁ ବିଦେଶୀ ମୁଦ୍ରାଭଣ୍ଡାରରେ ଏହାର ପ୍ରଭାବ ଦେଖାଦେଇଛି। ଆର୍‌ବିଆଇର ତଥ୍ୟ ଅନୁସାରେ ଏହି ସପ୍ତାହର ଏଫ୍‌ସିଏ ୧.୧୫୫ ବିଲିୟନ ଡଲାର ହ୍ରାସ ହୋଇ ୫୬୯.୫୮୨ ବିଲିୟନ ଡଲାର ହୋଇଛି।

# ଏମ୍‌ଏସ୍‌ଏମ୍‌ଇକୁ ବଞ୍ଚାଇବାକୁ ମିଳିତ ଉଦ୍ୟମ

ନୂଆଦିଲ୍ଲୀ,୨୯।୧

ଦେଶର ସମସ୍ତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ର କୋଭିଡ୍ ମହାମାରୀରେ କବଳିତ ହେବା ପରେ ଉଦ୍ୟୋଗଗୁଡ଼ିକୁ ପ୍ରତିଯୋଗିତା ଓ ଉତ୍ପାଦନକ୍ଷମ କରିବାକୁ କ୍ରମେ ନିମ୍ନରୁ ଉଚ୍ଚ ମୂଲ୍ୟଯୁକ୍ତ କାର୍ଯ୍ୟକ୍ରମର ପ୍ରକ୍ରିୟା ଅନୁସରଣ କରାଯାଉଛି। ଏହା ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରି ଅଧିକରୁ ଅଧିକ ଉତ୍ତମ ମାନର କର୍ମସଂସ୍ଥାନ ସୃଷ୍ଟି କରୁଛି। ଆନ୍ତର୍ଜାତିକ ଶ୍ରମ ସଂଗଠନ, କୋରିଆ ଆନ୍ତର୍ଜାତିକ ସମୟ ସଂସ୍ଥା (କୋଇକା) ର ସହାୟତା ଏବଂ ଆନ୍ଧ୍ର ଓ ଓଡ଼ିଶାର ସହଯୋଗିତାରେ କର୍ମସଂସ୍ଥାନ ଓ ପୋଷଣୀୟ ବିକାଶ ପାଇଁ ଏକ ବଜାରମୁଖୀ, ପ୍ରତିରୋଧୀ ଏବଂ ସମାବେଶୀ ଏମ୍‌ଏସ୍‌ଏମ୍‌ଇ ପରିବେଶ ସୃଷ୍ଟି କରିବା ଉପରେ ଏକ ଦିନିକିଆ କର୍ମଶାଳା ଆୟୋଜନ କରାଯାଇଥିଲା। ଏହା ବିଶେଷ ଭାବେ




ଏକ ଜ୍ଞାନ ଆଦାନପ୍ରଦାନ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଦକ୍ଷିଣ କୋରିଆ, ଭିଏତ୍‌ନାମ, ଇଣ୍ଡୋନେସିଆ ଏବଂ ବାଂଲାଦେଶ ଭଳି ରାଷ୍ଟ୍ର ଭାରତର ଆନ୍ଧ୍ର ଓ ଓଡ଼ିଶା ପାଇଁ ସ୍ଥାନୀୟ ଅଞ୍ଚଳର ଅର୍ଥନୈତିକ ବିକାଶ ସମ୍ବନ୍ଧରେ ଜ୍ଞାନ ପ୍ରଦାନ କରିବେ। ଏ ସମସ୍ତ ରାଷ୍ଟ୍ର କିପରି କୃଷି ଅର୍ଥନୀତିରୁ ଉଚ୍ଚ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତିର ପେଣ୍ଠସ୍ଥଳୀ ପାଲଟିଛନ୍ତି, ତାହା ଆଲୋଚନାରେ ସ୍ଥାନ ପାଇଥିଲା। ବିଶେଷକରି କୋଭିଡ୍-୧୯ରେ ପ୍ରାୟତଃ ବନ୍ଦ ହୋଇ ପଡ଼ିଥିବା ଉଦ୍ୟୋଗଗୁଡ଼ିକୁ କିପରି ପୁଣିଥରେ ପୁନର୍ଜୀବିତ କରି ସେଗୁଡ଼ିକୁ ପୋଷଣୀୟ ସଂସ୍ଥା ଭାବେ ବଞ୍ଚାଇ ରଖାଯାଇପାରିବ, ଯାହା ସ୍ଥାନୀୟ ନିଯୁକ୍ତି ସୁଯୋଗ ସହ ଏକ ଔଦ୍ୟୋଗିକ ପରିମଣ୍ଡଳ ସୃଷ୍ଟି କରିପାରୁଛି ସେ ସମ୍ପର୍କରେ ମତ ବିନିମୟ କରାଯାଇଥିଲା।

# ମୋବାଇଲ ଆପ୍ଲିକେଶନରେ ହେବ ଚଳିତ ବର୍ଷର ବଜେଟ

ନୂଆଦିଲ୍ଲୀ,୨୯।୧

ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ କାଗଜ କଲମ ବଦଳରେ ମୋବାଇଲ ଆପ୍ ଜରିଆରେ ବଜେଟ ଉପସ୍ଥାପନ କରାଯିବ। ଦେଶବାସୀ ଓ ସରକାର ଡିଜିଟାଲ ସପକ୍ଷରେ ଥିବାରୁ ୨୦୨୨-୨୩ର ବଜେଟକୁ ମଧ୍ୟ ପେପରଲେସ୍ କରାଯାଉଛି, ଅର୍ଥାତ୍ ବଜେଟ ଦସ୍ତାବିଜ ଆଉ ଛପାଯିବ ନାହିଁ। ଫଳରେ ଏମ୍‌ପିଙ୍କଠାରୁ ସାଧାରଣ ଜନତା, ଯେଭଳି ବଜେଟ ସମ୍ପର୍କିତ ସମସ୍ତ ସୂଚନା ଏବଂ ଦସ୍ତାବିଜ ସହଜରେ ପାଇପାରିବେ ତାକୁ ଧ୍ୟାନରେ ରଖି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସେହିଭଳି ସାଧାରଣ ବଜେଟ ଉପସ୍ଥାପନ ସମ୍ପର୍କିତ ମୋବାଇଲ ଆପ୍ଲିକେଶନର ମଧ୍ୟ ଶୁଭାରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଲୋକମାନେ ଚଳିତ ବର୍ଷର ବଜେଟ ସମ୍ପର୍କିତ ସମସ୍ତ ଦସ୍ତାବିଜ କେନ୍ଦ୍ରୀୟ ବଜେଟର ୱେବ୍‌ପୋର୍ଟାଲ (www.indiabudget.gov.in) ର ସହାୟତା ବା ଡାଉନ୍‌ଲୋଡ୍ କରିପାରିବେ।

# ମାଇକ୍ରୋସଫ୍ଟର ଡିଜିଟାଲ ବିକାଶକୁ ଗୁରୁତ୍ୱ

ନୂଆଦିଲ୍ଲୀ,୨୯।୧

କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ(ଏସ୍‌ଏମ୍‌ବି)କୁ ଠିକ୍ ଡିଜିଟଲ କୌଶଳ ସହିତ ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖି ମାଇକ୍ରୋସଫ୍ଟ ଇଣ୍ଡିଆ ପକ୍ଷରୁ ଏହାର ସମସ୍ତ ପ୍ରାସଙ୍ଗିକ କୌଶଳ-ନିର୍ମାଣ-ସଂସାଧନକୁ କେନ୍ଦ୍ରୀଭୂତ କରି ଏକ ଦକ୍ଷତା ବିକାଶ ପଦକ୍ଷେପ ଆରମ୍ଭ କରାଯାଇଛି । ଦେଶର ଏସ୍‌ଏମ୍‌ବିଗୁଡ଼ିକ ପାଇଁ ଏହି ପ୍ରୟାସ ମହାମାରୀ ସମୟରେ ଭାରତରେ ପ୍ରାୟ ତିନି ନିୟୁତ ଲୋକଙ୍କୁ ଡିଜିଟାଲ କୌଶଳ ହାସଲ କରିବାରେ ସାହାଯ୍ୟ କରିଥିବା ବୈଷୟିକ କୌଶଳ ପଦକ୍ଷେପ ଉପରେ ନିର୍ମିତ ହୋଇଛି। ଭାରତର ଜିଡିପିରେ ୩୦% ଯୋଗଦାନ କରୁଥିବା ଏବଂ ୧୧୪ ମିଲିୟନରୁ ଅଧିକ ଲୋକଙ୍କୁ ରୋଜଗାର ଯୋଗାଉଥିବା କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟ ଦେଶର ଅର୍ଥନୀତିର ମେରୁଦଣ୍ଡ । ଡିଜିଟଲ କୌଶଳ ଗଠନ କରି ଏସ୍‌ଏମ୍‌ବିଗୁଡ଼ିକ ସାଂଗଠନିକ ପ୍ରକ୍ରିୟା ଏବଂ ପୁଞ୍ଜି ବୃଦ୍ଧି କରନ୍ତି। ଏ ସମ୍ପର୍କରେ ମାଇକ୍ରୋସଫ୍ଟ ଇଣ୍ଡିଆର ମୁଖ୍ୟ (କ୍ଷୁଦ୍ର,ମଧ୍ୟମ ଏବଂ କର୍ପୋରେଟ ବ୍ୟବସାୟ) ହରିଶ ଭେଙ୍କଟ କହିଛନ୍ତି, ମହାମାରୀ ପରେ ଆମ ଦେଶର ଆର୍ଥିକ ପୁନଃ ନିର୍ମାଣରେ ଏସ୍‌ଏମ୍‌ବିମାନେ ଆଗରେ ରହିଛନ୍ତି ଏବଂ ଆମର କାର୍ଯ୍ୟ କରିବା ସହ ଆଗକୁ ବଢ଼ିବା ପାଇଁ ପ୍ରବଳ ଚାପର ସମ୍ମୁଖୀନ ହେଉଛନ୍ତି।

Marriage Anniversary



Aswini & Jyotshna
IRC Village, Bhubaneswar
“Here’s to another year of being great together! ...”
Best wishes from:
GUNU & Family
D-22986

ଡକ୍ଟରେଟ୍ ଲାଭ



Mr. Anup Patnaik has been awarded the degree Doctor of Philosophy (Ph.D.) in Computer Science Engineering on the topic “Trust Management Mechanism for Ubiquitous and Pervasive IoT Network” recently. His research findings have been appreciated and published in various reputed international Journals. After successful completion of his Ph.D. program, Dr. Anup has extended his research study by joining the Post-Doctoral Fellow (PDF) research program on “Blockchain-Based Intelligent Machine Learning Support System” from a reputed University, Karnataka. He would like to dedicate his achievements to his parents late Sri P C Patnaik, Smt Sarojini Patnaik, Son-in-law Sri Laxmi Narayan Patnaik, Smt Pratima Patnaik, Supervisors(Dr. Krishna Prasad Sir, Dr. Praveen Sir, Dr. Banita Mam and Dr. Vamshi Sir), and family members (Amar Bhai, Tapan Bhai, Bula Bhai, Punyasloka Bhauja, wife Laxmi, Roni Apa, Simi Apa, Lina Apa, Dhiru, Soni, Honey, Isha, Ayaan and Arshi.
D-22987

## ଫୁରସତ୍

# ଏକଜୁଟ ହେଲେ ଲୋପ ପାଇବ କୁଷ୍ଠ

**କୁ**ଷ୍ଠ ଏକ ଶାରୀରିକ ସମସ୍ୟା। ଏ ନେଇ କୌଣସି ପ୍ରକାର ସାମାଜିକ କୁସଂସ୍କାରର ବଶବର୍ତ୍ତୀ ହେବା ଆଇନ ଅନୁଯାୟୀ ଦଣ୍ଡନୀୟ। ବିଶ୍ୱରେ କୁଷ୍ଠ ବା ହାନସେନ ସମସ୍ୟା ବିଷୟରେ ଜନସଚେତନତା ବୃଦ୍ଧି ପାଇଁ ପ୍ରତିବର୍ଷ ଜାନୁୟାରୀର ଶେଷ ରବିବାରରେ ଅନ୍ତର୍ଜାତୀୟ ସ୍ତରରେ କୁଷ୍ଠ ନିରାକରଣ ଦିବସ ପାଳନ କରାଯାଇଥାଏ। କୁଷ୍ଠ ସମସ୍ୟା ଥିବା ଲୋକଙ୍କ ପ୍ରତି ଦୟା ଦେଖାଇବା ସହିତ ଏକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ପ୍ରଦାନ ନିମନ୍ତେ ୧୯୫୪ରେ ଜାନୁୟାରୀ ମାସ ଶେଷ ରବିବାରକୁ ବିଶ୍ୱ କୁଷ୍ଠ ନିରାକରଣ ଦିବସ ଭାବେ ପାଳନ କରିବା ଲାଗି ଫ୍ରାନ୍ସର ମାନବିକ ଅଧିକାରକର୍ମୀ ରାଓଲ ଫୋଲେରୋ ଘୋଷଣା କରିଥିଲେ।



ଏହାକୁ ପୋପ ଫ୍ରାନ୍ସିସଙ୍କ ପକ୍ଷରୁ ମଧ୍ୟ ସମର୍ଥନ କରାଯାଇଥିଲା। ଚଳିତବର୍ଷ ଏହି ଦିବସ ଜାନୁୟାରୀ ୩୦ରେ ପାଳିତ ହେଉଛି। ଏହି ଦିବସ

### କୁଷ୍ଠ ନିରାକରଣ ଦିବସ

ପାଳନ ଅବସରରେ କୁଷ୍ଠ ବିରୋଧୀ ସଚେତନତା ସୃଷ୍ଟି କରିବା ସହିତ ଏହି ଅବସରରେ କୁଷ୍ଠ ପୀଡ଼ିତ ବ୍ୟକ୍ତିଙ୍କ ପ୍ରତି ସାମାଜିକ କୁସଂସ୍କାରରୁ ଦୂରେଇ ରହିବା ଏବଂ ଭେଦଭାବ ହ୍ରାସ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥାଏ। କୁଷ୍ଠକୁ ପୃଥିବୀର ପୁରାତନ ସ୍ୱାସ୍ଥ୍ୟ ସମସ୍ୟା ଭାବେ ବିବେଚନା କରାଯାଇଥାଏ। ଏହାବିରୋଧରେ ଏକଜୁଟ ହୋଇ ଲଢ଼େଇ କଲେ ଏହା ଲୋପ ପାଇବାର ପଥ ପ୍ରଶସ୍ତ ହୋଇପାରିବ ବୋଲି ଏହି ଦିବସ ଅବସରରେ ସଚେତନତା ସୃଷ୍ଟି କରାଯାଇଥାଏ।

# ୯ବର୍ଷ ବୟସରେ ଜେଟ୍ ମାଲିକ



**ଆବୁଜା:** ବିଳାସପୂର୍ଣ୍ଣ ଜୀବନ ଅତିବାହିତ କରିବାକୁ କିଏ ନ ଚାହେଁ। ଏଥିପାଇଁ ଅନେକ ପରିଶ୍ରମ କରନ୍ତି ତ ଆଉ କିଛି ଲୋକ ଜନ୍ମରୁ ହିଁ ଏହି ସୁଖ ପାଇଥାନ୍ତି। ଏପରି ଜଣେ ବାଳକ ହେଲେ ନାଇଜେରିଆର ଲାଗୋସରେ ରହୁଥିବା ମୋମ୍ଫା ଜୁନିୟର। ସେଠାକାର ଇଣ୍ଟରନେଟ୍ ସେଲିବ୍ରିଟି ଇସମାଇଲିଆ ମୁସ୍ତାଫାଙ୍କ ପୁଅ ମହମ୍ମଦ ଆୱାଲ ମୁସ୍ତାଫା ଓରଫ ମୋମ୍ଫା ଜୁନିୟର ଜଣେ କୋଟିପତି। ତାଙ୍କୁ ୯ ବର୍ଷ ବୟସ ହୋଇଥିଲେ ମଧ୍ୟ ସେ ବେଶ୍ ବିଳାସପୂର୍ଣ୍ଣ ଜୀବନ ବିତାଇଥାନ୍ତି। ତାଙ୍କର ବ୍ୟକ୍ତିଗତ ଜେଟ୍ ଅଛି। ଏହାସହ ମୁସ୍ତାଫାଙ୍କର ଅନେକ ଦାମୀ କାର ମଧ୍ୟ ରହିଛି। ମାତ୍ର ୬ ବର୍ଷ ବୟସ ହୋଇଥିବାବେଳେ ସେ ଏକ ବିଳାସପୂର୍ଣ୍ଣ ବଙ୍ଗଳାର ମାଲିକ ହୋଇଥିଲେ। ସମ୍ଭ୍ରାନ୍ତ ଜୀବନଶୈଳୀ ଯୋଗୁ ତାଙ୍କୁ ଦୁନିଆର କନିଷ୍ଠ କୋଟିପତି ବୋଲି କୁହାଯାଏ। ଏତେ ଛୋଟ ବୟସରେ ବି ସୋସିଆଲ ମିଡିଆରେ ମଧ୍ୟ ସେ ବହୁତ ସକ୍ରିୟ। ମୋମ୍ଫା କେବଳ ଡିଜାଇନର୍ ପୋଷାକ ପିନ୍ଧନ୍ତି। ଏପରି ରହଣି ସେ ତାଙ୍କ ବାପାଙ୍କ ଯୋଗୁ ପାଇଛନ୍ତି। ତାଙ୍କର ଜୀବନଶୈଳୀ ଦେଖି ବଡ ବଡ଼ କୋଟିପତି ଆଶ୍ଚର୍ଯ୍ୟ ହୁଅନ୍ତି। କାରଣ ବହୁତ କମ୍ ଲୋକ ଏତେ କମ ବୟସରେ ଏପରି ଜୀବନ ବିତାନ୍ତି।



# ୱେବ୍ ସିରିଜ୍ ‘ରୁଦ୍ର’ରେ ଅଜୟ

**ମୁମ୍ବାଇ:** ବଡ଼ ପରଦା ପରେ ୱେବ୍ ସିରିଜ୍‌ରେ ମଧ୍ୟ ଅଜୟ ଦେବଗନଙ୍କ ସିଂଘମ୍ ଲୁକ ଦେଖିବାକୁ ମିଳିବ। ୱେବ୍ ସିରିଜ୍ ‘ରୁଦ୍ର- ଦି ଏଜ୍ ଅଫ୍ ଡାର୍କନେସ୍’ରେ ଅଜୟ କ୍ରାଇମ ଡ୍ରାମାରେ ପୋଲିସ ଅବତାରରେ ନଜର ଆସିବେ। ଏହାର ଟ୍ରେଲର ରିଲିଜ୍ ହୋଇଯାଇଛି। ଡିଜ୍‌ନୀ ପ୍ଲସ୍ ହଟ୍‌ଷ୍ଟାରରେ ଏହା ମୁକ୍ତିଲାଭ କରିବ। ୱେବ୍ ସିରିଜ୍‌ଟି ରାଜେଶ ମାପୁସ୍କରଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହୋଇଛି। ଏହି ୱେବ୍ ସିରିଜ୍‌ର ୬ଟି ଏପିସୋଡ ରହିଛି। ବ୍ରିଟିଶ ୱେବ୍ ସିରିଜ୍ ‘ଲୁଥର’ ଅନୁଯାୟୀ ଏହାର ବିଷୟବସ୍ତୁ ଆଧାରିତ। ଏହାକୁ ବିବିସି ଷ୍ଟୁଡିଓ ଇଣ୍ଡିଆ ସହାୟତାରେ ଆପଲୋଜ ଏଣ୍ଟରଟେନମେଣ୍ଟ ତିଆରି କରିଛି। ୱେବ ସିରିଜ୍‌ରେ ଅଜୟଙ୍କ ସହ ରାଶି ଖନ୍ନା, ଈଶା ଦେଓଲ, ଅତୁଲ କୁଲକର୍ନି, ଅଶ୍ୱିନୀ କଲ୍‌ସେକର, ତରୁନ ଗେହଲଟ୍, ଆଶିଷ ବିଦ୍ୟାର୍ଥୀ ଏବଂ ସତ୍ୟଦୀପ ମିଶ୍ରା ନଜର ଆସିବେ। ଏହାର ଶୁଟିଂ ମୁମ୍ବାଇରେ କରାଯାଇଛି। ୱେବ ସିରିଜ୍‌କୁ ନେଇ ଅଜୟ କହିଛନ୍ତି, ମୁଁ ଏଥିରେ ଏକ ଚ୍ୟାଲେଞ୍ଜିଂ ଚରିତ୍ରରେ ଅଭିନୟ କରିଛି। ବଲିଉଡ୍ ପରି ଏଥିରେ ମଧ୍ୟ ତାଙ୍କୁ ଭଲପାଇବା ମିଳିବ ବୋଲି ସେ ଆଶା କରିଛନ୍ତି। ଅଜୟ ପୂର୍ବରୁ ଫିଲ୍ମ ‘ତାନାଜି’ରେ ନଜର ଆସିଥିଲେ।

# ସତ୍ୟାଗ୍ରହୀ ସନ୍ଥ

**ଜା**ତିର ପିତା ମହାତ୍ମା ଗାନ୍ଧୀ ସାରା ପୃଥିବୀରେ ସାବରମତିର ସତ୍ୟାଗ୍ରହୀ ସନ୍ଥ ଭାବେ ବେଶ୍ ଜଣାଶୁଣା। ତାଙ୍କ ଦ୍ୱାରା ପ୍ରଦର୍ଶିତ ଅହିଂସା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ତାଙ୍କ ତିରୋଧାନ ଦିବସ ଜାନୁୟାରୀ ୩୦କୁ ଭାରତରେ ଶହୀଦ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଅବସରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥାଏ। ଶହୀଦ ଦିବସରେ ଜାତିର ପିତାଙ୍କ ବିଶ୍ରାମ ସ୍ଥଳ ରାଜ ଘାଟରେ ଦେଶର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥାନ୍ତି। ମହାତ୍ମାଙ୍କ ଜନ୍ମ ୧୮୬୯ ଅକ୍ଟୋବର ୨ରେ ଗୁଜରାଟର ପୋରବନ୍ଦରଠାରେ ହୋଇଥିଲା। ତାଙ୍କର ନାମ ମୋହନଦାସ କରମଚାନ୍ଦ ଗାନ୍ଧୀ ଥିଲା। ୧୮୮୭ ନଭେମ୍ବରରେ ମହାତ୍ମା ଅହମଦାବାଦ ହାଇସ୍କୁଲରୁ ଶିକ୍ଷା ଶେଷ କରି ସାମଲଦାସ କଲେଜରେ ନାମ ଲେଖାଇଥିଲେ। ପରେ ସେ ଆଇନ ପଢ଼ିବା ପାଇଁ ଲଣ୍ଡନ ଯାତ୍ରା କରିଥିଲେ। ଆଇନ ପଢ଼ିବା ପରେ ଦକ୍ଷିଣ ଆଫ୍ରିକାରେ ସେ ଆଇନଜୀବୀ



### ଶହୀଦ ଦିବସ

ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୧୪ରେ ସେ ପ୍ରଥମ ଥର ପାଇଁ ଦକ୍ଷିଣ ଆଫ୍ରିକାରେ ସତ୍ୟାଗ୍ରହ କରିଥିଲେ। ଏହା ବେଶ୍ ସଫଳ ହୋଇଥିଲା। ୧୯୧୫ରେ ସେ ଭାରତ ପ୍ରତ୍ୟାବର୍ତ୍ତନ କରି ସ୍ୱାଧୀନତା ସଂଗ୍ରାମରେ ସତ୍ୟାଗ୍ରହର ମୂଳଦୁଆ ସ୍ଥାପନ କରିଥିଲେ। ୧୯୪୮ ଜାନୁୟାରୀ ୩୦ରେ ଦିଲ୍ଲୀଠାରେ ୭୮ ବର୍ଷ ବୟସରେ ସେ ଜଣେ ଆତତାୟୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385
8637280816,
7894447167, 9338226625

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ
8882703236
9717049785

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8902923601

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

HINDUSTAN FINANCE LIMITED
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ରବିବାର, ୩୦ ଜାନୁୟାରୀ, ୨୦୨୨



# ଖୁସି ମନ

**ଆଜିର ସମୟରେ ସୁସ୍ଥ ରହିବା ହିଁ ସବୁଠୁ ବଡ଼ ବରଦାନ। ତେବେ ଏଥିପାଇଁ କେବଳ ଶାରୀରିକ ନୁହେଁ ବରଂ ମାନସିକ ସୁସ୍ଥତା ବି ସେତିକି ଗୁରୁତ୍ୱପୂର୍ଣ୍ଣ। କାରଣ, ମାନସିକ ଅସୁସ୍ଥତା ମଣିଷକୁ ଶାରୀରିକ ସୁସ୍ଥତା ଭିତରେ ବି ଏକ ପ୍ରକାରର ଅଚଳ ଅବସ୍ଥାରେ ପହଞ୍ଚାଇଦିଏ। ତେଣୁ ମନକୁ ଖୁସି ଏବଂ ସୁସ୍ଥ ରଖିବା ଲାଗି ବିଭିନ୍ନ ଦିଗ ପ୍ରତି ସଚେତନ ରହିବା ଆବଶ୍ୟକ...**





ବର୍ତ୍ତମାନ ବିଭିନ୍ନ କାରଣରୁ ଏବେ ଅନେକ ଯୁବପିଢ଼ି ଟେନ୍‌ସନ୍‌ରେ ରହୁଥିବା ଦେଖିବାକୁ ମିଳୁଛି। ବିଶେଷକରି କରୋନା ପରଠାରୁ ପାଠପଢ଼ା, ଜବ୍ ଆଦି କ୍ଷେତ୍ରରେ ବ୍ୟାଘାତ ଦେଖାଦେବା କାରଣରୁ ଅନେକେ ମାନସିକ ଚାପରେ ରହୁଛନ୍ତି। ଏହା ବ୍ୟତୀତ କେତେକଙ୍କଠାରେ ପ୍ରେମ ବ୍ୟାପାର, ଆର୍ଥିକ, ପାରିବାରିକ କିମ୍ବା ଅନ୍ୟ କୌଣସି କାରଣକୁ ନେଇ ମଧ୍ୟ ଷ୍ଟ୍ରେସ୍ ରହୁଛି; ଯାହାକି ଧୀରେ ଧୀରେ ସେମାନଙ୍କଠାରେ ବିଭିନ୍ନ ମାନସିକ ସମସ୍ୟାର ରୂପ ନେଉଛି। ତେଣୁ ନିଜ ମନକୁ ଖୁସି ଆଉ ସୁସ୍ଥ ରଖିବା ଲାଗି କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଜାଣିରଖନ୍ତୁ ଟିପ୍ସ...

**ପର୍ଯ୍ୟାପ୍ତ ନିଦ୍ରା:** ସର୍ବପ୍ରଥମେ ମନକୁ ହାଲୁକା କରିବା ଲାଗି ଜୀବନଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ। ଅର୍ଥାତ୍ ସୁଷମ ଖାଦ୍ୟ ଖାଇବା ସହ ପ୍ରତିଦିନ ପର୍ଯ୍ୟାପ୍ତ ନିଦ୍ରା ନିଅନ୍ତୁ। କାରଣ ମସ୍ତିଷ୍କକୁ ବିଶ୍ରାମ ଦେବା ହିଁ ମାନସିକ ସୁସ୍ଥତା ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ।

**କରନ୍ତୁ ଯୋଗ, ବ୍ୟାୟାମ:** ମନ ଭାରାକ୍ରାନ୍ତ କିମ୍ବା ଅବସାଦରେ ଥିଲେ ଏହାକୁ ତୁରନ୍ତ ଦୂର କରିବାକୁ ଚେଷ୍ଟା କରନ୍ତୁ। ଏଥିପାଇଁ ସବୁଠୁ ଭଲ ଉପାୟ ହେଉଛି ଯୋଗ ଏବଂ ବ୍ୟାୟାମ। ଦୈନିକ ଅତିକମ୍‌ରେ ଅଧଘଣ୍ଟାରୁ ଏକ ଘଣ୍ଟା ପର୍ଯ୍ୟନ୍ତ ଏଥିପାଇଁ ସମୟ ବାହାର କରନ୍ତୁ। ମାନସିକ ସ୍ଥିରତା ପାଇଁ ସକାଳୁ ଉଠି ଧ୍ୟାନ କରନ୍ତୁ।



**ଡିଜିଟାଲ୍ ଡିଟକ୍ସ ଭଲ ଉପାୟ:** ଆଜିର ଦିନରେ ମୋବାଇଲ୍ ଫୋନ୍, କମ୍ପ୍ୟୁଟର, ଲାପ୍‌ଟପ୍ ଏବଂ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ସ ଗେଜେଟର ବହୁଳ ବ୍ୟବହାର ଦ୍ୱାରା ଅନେକେ ଡିଜିଟାଲ୍ ଦୁନିଆରେ ଅଧିକ ସମୟ ରହୁଛନ୍ତି। ଧୀରେ ଧୀରେ ଏହା ସେମାନଙ୍କ ଆଡିକ୍ସନରେ ପରିଣତ ହେଉଛି ଏବଂ ସେମାନେ ପରିବାର, ସାଙ୍ଗସାଥୀ ପ୍ରମୁଖଙ୍କଠାରୁ ସମ୍ପୂର୍ଣ୍ଣ ଦୂରେଇ ଯାଉଛନ୍ତି। ଫଳରେ କେତେକଙ୍କଠାରେ ଏହା ପରବର୍ତ୍ତୀ ସମୟରେ ନିଦ୍ରାହୀନତାଠାରୁ ଆରମ୍ଭ କରି ବିଭିନ୍ନ ମାନସିକ ସମସ୍ୟା ଉପୁଜାଉଛି। ତେଣୁ ମାନସିକ ସୁସ୍ଥତା ଲାଗି ଦୈନିକ କିଛି ସମୟ ଡିଜିଟାଲ୍ ଡିଟକ୍ସ ବା ଇ-ଗେଜେଟ୍‌ଠାରୁ ଦୂରେଇ ରହି ପରିବାର ସଦସ୍ୟ ଏବଂ ସାଙ୍ଗସାଥୀଙ୍କ ସହ କ୍ୱାଲିଟି ଟାଇମ୍ ବିତାନ୍ତୁ। ଏହା ଆପଣଙ୍କୁ ସର୍ବଦା ଖୁସି ରଖିବାରେ ସାହାଯ୍ୟ କରିବ।

**ନିଶା ଅଭ୍ୟାସ ଛାଡ଼ନ୍ତୁ:** ବର୍ତ୍ତମାନ ନିଶାସେବନ ଅଭ୍ୟାସ ଅନେକଙ୍କଠାରେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜୁଛି। ଏଥିପାଇଁ କ୍ୟାନ୍‌ସରଠାରୁ ଆରମ୍ଭ କରି ହୃଦ୍‌ଘାତ ପର୍ଯ୍ୟନ୍ତ ମାରାତ୍ମକ ରୋଗ ଉପୁଜୁଛି। ତେବେ ଏହା ଏକ ଏଭଳି ବଦଭ୍ୟାସ, ଯାହା ଥରେ ପୂରଣ ନ ହେଲେ ଅନେକଙ୍କଠାରେ ମାନସିକ ଚାପ, ଡିପ୍ରେଶନ୍ ଭଳି ଲକ୍ଷଣ ବୃଦ୍ଧିପାଉଛି। ତେଣୁ ଏକ ସୁସ୍ଥ ମନ ଆଉ ଖୁସି ଜୀବନ ପାଇଁ ନିଶା ଅଭ୍ୟାସ ଛାଡ଼ିବା ଆବଶ୍ୟକ।

**ମ୍ୟୁଜିକ୍ ଶୁଣନ୍ତୁ:** ସଙ୍ଗୀତରେ ଏଭଳି ଯାଦୁକରି ଶକ୍ତି ରହିଛି, ଯାହାକି ମଣିଷକୁ ମାନସିକ ଶାନ୍ତି ଦେବା ସହ ଶାରୀରିକ ସ୍ଫୁର୍ତ୍ତି ଯୋଗାଇଥାଏ। ତେଣୁ କେବଳ ସାଧାରଣ ଲୋକେ ନୁହନ୍ତି, ଚିକିତ୍ସା ବିଜ୍ଞାନରେ ମଧ୍ୟ ଡିପ୍ରେଶନ୍ ଦୂର କରିବା ଲାଗି ସଂଗୀତର ସାହାଯ୍ୟ ନିଆଯାଇଥାଏ। ଏଥିପାଇଁ ଏହାକୁ ମ୍ୟୁଜିକ୍‌ଥେରାପି ବୋଲି କୁହାଯାଇଥାଏ। ତେଣୁ ମ୍ୟୁଜିକ୍ ଶୁଣିବା ମେଣ୍ଟାଲ୍ ରିଲାକ୍ସେଶନ୍ ଲାଗି ସବୁଠୁ ବେଷ୍ଟ ମାଧ୍ୟମ। କେବଳ ଏଣ୍ଟରଟେନ୍‌ମେଣ୍ଟ ପାଇଁ ନୁହେଁ, ବରଂ ଟେନ୍‌ସନ୍‌ରେ ଥିଲେ କିମ୍ବା କୌଣସି ମାନସିକ ଚାପରେ ଥିଲେ ମଧ୍ୟ ଷ୍ଟ୍ରେସ୍ ଫ୍ରି ରହିବା ଲାଗି ମ୍ୟୁଜିକ୍ ଶୁଣି ମନକୁ ଖୁସି କରିପାରିବେ। ଏହା ବ୍ୟତୀତ କମେଡି ଭିଡିଓ, ମୋଟିଭେଶନାଲ୍ ସ୍ପିଚ୍ ଭିଡିଓ ଆଦି ଦେଖିପାରିବେ।



**ହବି ଉପରେ ଧ୍ୟାନ ଦିଅନ୍ତୁ:** ଯଦି ଆପଣଙ୍କୁ ଲେଖାଲେଖି, ପେଣ୍ଟିଂ, ଡାନ୍ସିଂ, ସିଲେଇ କରିବା ଆଦି କୌଣସି କ୍ଷେତ୍ରରେ ରୁଚି ଅଛି, ତେବେ ଏହା ଉପରେ ଧ୍ୟାନ ଦିଅନ୍ତୁ ଦେଖିବେ ମାନସିକ ଶାନ୍ତି ମିଳିବ। ଗାର୍ଡେନିଂ କରିବାରେ, ନିଜ ଘର ଏବଂ ଆଖପାଖର ପରିବେଶକୁ ସୌନ୍ଦର୍ଯ୍ୟମୟ କରିବା ଲାଗି ଅନେକେ ବିଭିନ୍ନ ପ୍ରକାରର ଫୁଲ, ଫଳ ଏବଂ ଅନ୍ୟାନ୍ୟ ଗଛ ଲଗାନ୍ତୁ। କାରଣ ଏକ ସୁନ୍ଦର ଏବଂ ପରିଷ୍କାର ପରିବେଶ ମନକୁ ଶାନ୍ତ ଏବଂ ସକାରାତ୍ମକ ରଖିବାରେ ବେଶ୍ ସାହାଯ୍ୟ କରିଥାଏ, ଯାହାକି ଅପରପକ୍ଷେ ମାନସିକ ଶାନ୍ତି ଦେବା ସହ ଷ୍ଟ୍ରେସ୍ ଫ୍ରି ମଧ୍ୟ ରଖିଥାଏ।

**ଜଣାନ୍ତୁ ମନକଥା:** ନିଜ ଅସୁବିଧା କିମ୍ବା ମାନସିକ ଚାପର କାରଣ ଅନ୍ୟକୁ ନ ଜଣାଇ ଭିତରେ ଚାପି ରଖିବା ହିଁ ଅନେକଙ୍କ କ୍ଷେତ୍ରରେ ମାନସିକ ସନ୍ତୁଳନ ହରାଇବାର ମୁଖ୍ୟ କାରଣ। ତେଣୁ କୌଣସି କଥାକୁ ନେଇ ମାନସିକ ଚାପ ଥିଲେ ବିଶ୍ୱସ୍ତ ବନ୍ଧୁ କିମ୍ବା ପରିବାର ସଦସ୍ୟଙ୍କ ସହ ଆଲୋଚନା କରନ୍ତୁ। ହୁଏତ, ଏହାଦ୍ୱାରା ଅନ୍ୟମାନଙ୍କଠାରୁ କିଛି ଭଲ ପରାମର୍ଶ ପାଇ ଆପଣଙ୍କ ସମସ୍ୟାର ସମାଧାନ ହୋଇପାରିବ କିମ୍ବା ଆପଣଙ୍କ ମନ ହାଲୁକା ହୋଇଯିବ।

## କ'ଣ କୁହନ୍ତି ଏମାନେ...

**ସୁନୀଲ କୁମାର ସାହୁ** (ରଣପୁର, ନୟାଗଡ଼)
କରୋନା ଲକ୍‌ଡାଉନ ପାଇଁ ଚାକିରି ହରାଇ ବହୁତ ଟେନସନ୍‌ରେ ଥିଲି। ଭାବିଲେ ଚିନ୍ତା ବଢିବ, ହେଲେ କିଛି ଫଳ ମିଳିବ ନାହିଁ, ତେଣୁ ନିଜକୁ ମାନସିକ ସ୍ତରରେ ଦୃଢ କରି ଗୋଟିଏ କୁକୁଡ଼ା ଫାର୍ମ ଓ ଗୋଟିଏ ସ୍ଲିପର୍ ଫ୍ୟାକ୍ଟ୍ରି ଆରମ୍ଭ କଲି। ଯଦ୍ଦ୍ୱାରା ଲକ୍‌ଡାଉନ ଟାଇମ୍‌ରେ ମଧ୍ୟ ମୋର ଭଲ ରୋଜଗାର ହୋଇପାରିଲା । ମୋ ମତରେ ଚିନ୍ତାକୁ ମନ ଭିତରେ ପ୍ରଶ୍ରୟ ଦେଇ ପରବର୍ତ୍ତୀ ସମୟରେ ଜଟିଳ ସମସ୍ୟାର କାରଣ ସାଜିବା ପୂର୍ବରୁ ଏହାର ସମାଧାନ କରି ନେବା ହିଁ ବୁଦ୍ଧିମତାର କାର୍ଯ୍ୟ। ଯାହାକି ମଣିଷକୁ ଖୁସି ରଖିବାର ମାଧ୍ୟମ।



ସୁନୀଲ

**ଉଷାରାଣୀ ସାମଲ** (ଛାତ୍ରୀ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ)
କରୋନା ପାଇଁ ଏବେ ଦୁଇ ବର୍ଷ ହେଲା ଶିକ୍ଷା ବ୍ୟବସ୍ଥା ଠିକ୍ ନ ଥିବାରୁ ମୋ ପାଠପଢ଼ାରେ ବହୁତ ବ୍ୟାଘାତ ସୃଷ୍ଟି ହୋଇଛି। ଅନ୍‌ଲାଇନ୍‌ରେ ପାଠପଢ଼ି ଅଫ୍ ଲାଇନ୍‌ରେ ଏଥର ପରୀକ୍ଷା ଦେଇଥିଲୁ। ପଢ଼ାପଢ଼ି ଠିକ୍ ଭାବେ ହୋଇ ନ ଥିବାରୁ ରେଜଲ୍ଟ ବି ଭଲ ହୋଇନି। ସେଥିପାଇଁ ଟିକେ ଟେନ୍‌ସନ୍‌ରେ ଅଛି। କିନ୍ତୁ ଭାବିଲେ ଆଉ କିଛି ହବନି। ଏବେ ଟେନ୍‌ସନ୍‌ରୁ ବାହାରିବା ପାଇଁ ନିଜ ମନ ପସନ୍ଦର ଗୀତ ଶୁଣୁଛି, ସାଙ୍ଗମାନଙ୍କ ସହ କଥା ମଧ୍ୟ ହେଉଛି। ଯେହେତୁ ଏବେ ଘରେ ରହଥିବାରୁ ସାନ ଭାଇଭଉଣୀମାନଙ୍କ ସହ ମଜାମସ୍ତିରେ ସମୟ ବିତିଯାଉଛି।



ଉଷାରାଣୀ

**ସୁନାମ ଦୀକ୍ଷିତ** (ଛାତ୍ର ରାଜନେତା ସଙ୍ଗଠକ, ବୟାଳିଶ ମୌଜା, କଟକ)–
ଉଭୟ ଛାତ୍ର ଏବଂ ରାଜନେତା ଭାବେ ବହୁତ ଡିପ୍ରେସନ୍‌ରେ ଅଛି। କାରଣ ଗୋଟେପଟେ ଅର୍ଥନୈତିକ ଅବସ୍ଥା ଏବଂ ଛାତ୍ର ସଂଗଠନ ଠିକ୍ ନ ଥିବାରୁ ରାଜନୀତିକୁ ଏବେ ଭଲ ଭାବେ ସକ୍ରିୟ କରିହେଉନି। ଏପଟେ ଜଣେ ଛାତ୍ର ହିସାବରେ ପାଠକୁ ବି ଉଚିତ ସମୟ ଦେଇପାରୁନି। ତେଣୁ ଉଭୟ କ୍ଷେତ୍ରରୁ ମାନସିକ ଚାପ ପଡୁଛି। ମୋଟିଭେସ୍‌ନାଲ୍ ସ୍ପିଚ୍ ଶୁଣି ନିଜକୁ ରିଲାକ୍ସ ବି କରୁଚି। ବେଳେବେଳେ ସାଙ୍ଗମାନଙ୍କ ସହ ମାଇଣ୍ଡ୍ ଫ୍ରେଶ୍ କରିବାକୁ ବାହାରକୁ ବୁଲିବାକୁ ବି ଯାଏ।



ସୁନାମ

## ଏ ସପ୍ତାହର ପ୍ରଶ୍ନ

୧– ନିକଟରେ ......ଙ୍କୁ ଆସାମ ବୈଭବ ପୁରସ୍କାର ପାଇଁ ମନୋନୀତ କରାଯାଇଛି ?
୨– ମୋବାଇଲ୍ ଫୋନ୍ ଆପ୍ଲିକେଶନ୍ 'ଯୋଗ୍ୟତା' ................ ଦ୍ୱାରା ଆରମ୍ଭ କରାଯାଇଛି ?
୩– ନ୍ୟାଶନାଲ୍ ଆଚିଭ୍‌ମେଣ୍ଟ ସର୍ଭେ............... ବର୍ଷରେ ଥରେ କରାଯାଇଥାଏ ?
୪– ସ୍ୱିଡେନ୍ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ............. ?
୫– 'ଆଜାଦ୍ କି ସୌର୍ଯ୍ୟ ଗାଥା' ସ୍ୱାଧୀନତା ସଂଗ୍ରାମୀ ...........ଙ୍କ ଆତ୍ମଜୀବନୀ ?

## ଗତ ଥରର ଉତ୍ତର

୧ ଛତିଶଗଡ
୨ କୋଭାକ୍ସିନ୍
୩ କେରଳ
୪ ଟ୍ୱିଟର
୫ ୩ ବର୍ଷ

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ବାଦଲ ପଲାଇ, ଗଞ୍ଜାମ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସ୍ମାର୍ଟ ୱାଚ୍



(୧)................................... ସାମ୍‌ସଙ୍ଗ୍ ଗାଲାକ୍ସି ୱାଚ୍ ୪ କ୍ଲାସିକ୍
(୨) ...................................ଆପ୍‌ଲ ୱାଚ୍ ସିରିଜ୍ ୭
(୩) ...................................ସାମ୍‌ସଙ୍ଗ୍ ଗାଲାକ୍ସି ୱାଚ୍ ୪
(୪) ...................................ଫିଟ୍‌ବିଟ୍ ସେନ୍ସ
(୫)...................................ପୋଲାର ଗ୍ରିଟ୍ ଏକ୍ସ(X) ପ୍ରୋ
(୬) ..........ଓପୋ ୱାଚ୍–ଦି ଆପ୍‌ଲ ୱାଚ୍ ଫର୍ ଆଣ୍ଡ୍ରେଏଡ୍ ୟୁଜର୍ସ
(୭) ...................................ଆମାଜ୍‌ଫିଟ୍ ଜିଟିଆର୍ ୩ ପ୍ରୋ
(୮) ...................................ଫସିଲ୍ ଜେନ୍ ୫
(୯) ...................................ହୁଆଇ ୱାଚ୍ ଜିଟି ୩
(୧୦) ...................................ସୁଣ୍ଟୁ ୭

# ସେଲର ପ୍ୟାଣ୍ଟ ଫ୍ୟାଶନ୍

**ରେଟ୍ରୋ ଷ୍ଟାଇଲ୍ ବେଲ୍ ବଟମ୍ ପ୍ୟାଣ୍ଟ ଏବେ ପୁଣି ଫେରିଛି ଲାଟେଷ୍ଟ ଫ୍ୟାଶନ୍ ଟ୍ରେଣ୍ଡ ସେଲର୍ ପ୍ୟାଣ୍ଟ ନାଁରେ। ଫର୍ମାଲ, କାଜୁଆଲ ଏବଂ ଷ୍ଟାଇଲିଶ୍ ପୋଷାକ ସବୁଥିରେ ଏହାକୁ ଟିମ୍ ଅପ୍ କରି ହେଉଥିବାରୁ ଏବେ ଯୁବପିଢ଼ିଙ୍କ ମଧ୍ୟରେ ଏହାର ଚାହିଦା ବଢ଼ୁଥିବାର ଦେଖିବାକୁ ମିଳୁଛି। ଆଁଙ୍କେଲ ଟ୍ରାଉଜର୍ ଏବଂ ସ୍କିନ ଫିଟିଂ ଜିନ୍ସ ପରିବର୍ତ୍ତେ ସେମାନେ ଏହି ପ୍ୟାଣ୍ଟକୁ ପିନ୍ଧିବାକୁ ଅଧିକ ପସନ୍ଦ କରୁଛନ୍ତି। ଆସନ୍ତୁ ଜାଣିବା ଏହାର ବିଭିନ୍ନ ଡିଜାଇନ୍ ସମ୍ପର୍କରେ...**



**ଆନିମଲ୍ ପ୍ରିଣ୍ଟେଡ୍ ସେଲର୍ ପ୍ୟାଣ୍ଟ:** ଏହି ପ୍ୟାଣ୍ଟକୁ ପିନ୍ଧି ଆପଣ ପାର୍ଟିଠାରୁ ଆଉଟିଂ ପର୍ଯ୍ୟନ୍ତ ସବୁଆଡ଼େ ଯାଇପାରିବେ। ଆଉ ଅଣ୍ଟାରେ ବେଲ୍ଟ ରହିଲେ ଏହା ଆପଣଙ୍କୁ ପରଫେକ୍ଟ ଲୁକ୍ ଦେବ। ୱିଣ୍ଟର ପାଇଁ ଭେଲଭେଟ୍ ଏବଂ ଉଲେନ୍ ସେଲର୍ ପ୍ୟାଣ୍ଟ ମଧ୍ୟ ବଜାରରେ ଉପଲବ୍ଧ ହେଉଛି।

**ପ୍ଲେନ୍ ସେଲର୍ ପ୍ୟାଣ୍ଟ:** ଏହି ପ୍ୟାଣ୍ଟ ଶାର୍ଟିନ୍ ଏବଂ କ୍ରେପ୍ ଫ୍ୟାବ୍ରିକରେ ଉପଲବ୍ଧ। ହ୍ୱାଇଟ୍ ଲେଗ୍ ପ୍ଲେନ୍ ସେଲର୍ ପ୍ୟାଣ୍ଟ ପାର୍ଟି ପାଇଁ ଆକର୍ଷଣୀୟ ଲୁକ୍ ଦେଇଥାଏ। ଏହି ପ୍ୟାଣ୍ଟ ସହ ଫୁଲ୍ ସ୍ଲିଭସ୍ ୱିଣ୍ଟର କ୍ରପ୍ ଟପ୍ ପିନ୍ଧି ମନ ପସନ୍ଦର ଲୁକ୍ ପାଇପାରିବେ। ଅଫିସ୍‌ରେ ଫର୍ମାଲ୍ ଲୁକ୍ ପାଇଁ ଶାର୍ଟ କିମ୍ବା ଫୁଲ୍ ସ୍ଲିଭ୍ ଟପ୍ ସହ ସେଲର୍ ପ୍ୟାଣ୍ଟକୁ ଟିମ୍ ଅପ୍ କରିପାରିବେ।

**କ୍ରପ୍ ଷ୍ଟାଇଲ୍ ସେଲର୍ ପ୍ୟାଣ୍ଟ:** ଯଦି ଆପଣ ଡେନିମ୍ ଲଭର୍, ତେବେ ଏହି କ୍ରପ୍ ସେଲର୍ ପ୍ୟାଣ୍ଟକୁ ନିଶ୍ଚିତ ଭାବରେ ବ୍ୟବହାର କରନ୍ତୁ। ଏହି ପ୍ୟାଣ୍ଟକୁ ଷ୍ଟାଇଲିସ୍ ସ୍ରଗ୍ ଏବଂ ଜ୍ୟାକେଟ୍ ସହ ପିନ୍ଧିପାରିବେ।



**ଚେକ୍ ପ୍ରିଣ୍ଟ ସେଲର୍ ପ୍ୟାଣ୍ଟ:** କାଜୁଆଲ ଲୁକ୍ ପାଇଁ ଚେକ୍ ପ୍ରିଣ୍ଟର ସେଲର୍ ପ୍ୟାଣ୍ଟ ସବୁବେଳେ ଟ୍ରେଣ୍ଡରେ ରହିଥାଏ। ଶୀତଦିନେ ଏହି ପ୍ୟାଣ୍ଟ ସହ ଲେଦର୍ ଜ୍ୟାକେଟ୍ କ୍ୟାରି କରିପାରିବେ। ବାଇକର୍ ଜ୍ୟାକେଟ ସହ ହାଇ ୱେଷ୍ଟ ସେଲର୍ ପ୍ୟାଣ୍ଟ ଷ୍ଟାଇଲିସ୍ ଲୁକ୍ ଦେବ। ହାଇ ୱେଷ୍ଟ ଚେକ୍ ସେଲର୍ ପ୍ୟାଣ୍ଟରେ ହାଇ ନେକ୍ କ୍ରପ୍ ଟପ୍ ପିନ୍ଧିପାରିବେ। କୁଲ୍ ଲୁକ୍ ପାଇଁ ଡିଜାଇନର୍ ସ୍କାଫ୍ ଟିମ୍‌ଅପ୍ କରିପାରିବେ।

## ଜାଣନ୍ତୁ ଦୁନିଆ



# ହ୍ୟାଣ୍ଡ ସିମ୍ବଲ ; କିଛି କଥା

**ଆଙ୍ଗୁଠିରେ କେତେକ ମୁଦ୍ରାକୁ ଆମେ ବର୍ତ୍ତମାନ ବିଭିନ୍ନ ସିମ୍ବଲ ଭାବେ ବ୍ୟବହାର କରୁଛେ। ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଏସବୁ ଏବେର ନୁହେଁ ବରଂ ବହୁ ପୁରୁଣା ଦିନରୁ ପ୍ରଚଳିତ ହୋଇଆସୁଛି ...**

**ଥମ୍ବସ୍ ଅପ୍:** କାହାରି ଭଲ ପ୍ରଦର୍ଶନରେ ସାଧାରଣତଃ ଆମେ ଥମ୍ବସ୍ ଅପ୍ କରିଥାଉ। ଏହାକୁ ସ୍ୱୀକୃତିର ପ୍ରତୀକ ଭାବେ ଗ୍ରହଣ କରାଯାଇଥାଏ। ଫେସ୍‌ବୁକ୍‌ରେ ମଧ୍ୟ ଲାଇକ୍ ସିମ୍ବଲ ଭାବେ ଏହା ବହୁ ପ୍ରଚଳିତ। ହେଲେ ଆପଣ ଜାଣନ୍ତି କି ଏହା ଆରମ୍ଭ ହେବା ପଛର କାହାଣୀ। ବହୁ ପୁରାତନ କାଳରେ ରୋମ୍‌ରେ ଅନେକ ସମୟରେ ମଲ୍ଲଯୁଦ୍ଧ ହେଉଥିଲା। ଏହାକୁ ଦର୍ଶକେ ମନଭରି ଉପଭୋଗ କରୁଥିଲେ। ଆଉ ଯୁଦ୍ଧରେ ହାରୁଥିବା ଯୋଦ୍ଧାକୁ ମୃତ୍ୟୁ କିମ୍ବା ଛାଡ଼ ଦେବା ଲାଗି ଜିତୁଥିବା ଯୋଦ୍ଧାକୁ ବୁଢ଼ା ଆଙ୍ଗୁଠିରେ ଉପରକୁ କିମ୍ବା ହାରୁଥିବା ବ୍ୟକ୍ତି ତଳକୁ ବା ଥମ୍ବସ୍ ଅପ୍ କିମ୍ବା ଥମ୍ବସ୍ ଡାଉନ୍ କରି ମତ ଜଣାଉଥିଲେ।

**ଫିଙ୍ଗର କ୍ରସ୍:** ମନରେ କିଛି ୱିଶ୍ ଥିଲେ ଅବା କୌଣସି ଭଲ ଖବର କିମ୍ବା ପରୀକ୍ଷା, ଇଣ୍ଟରଭ୍ୟୁ ଆଦିର ରେଜଲ୍ଟ ଆଦି ଶୁଣିବାର ଥିଲେ ଅନେକଙ୍କୁ ହାତର ବିଶି ଏବଂ ମଧ୍ୟମ ଆଙ୍ଗୁଠିକୁ ଛନ୍ଦିଥିବା ବା ଫିଙ୍ଗର କ୍ରସ୍ କରିଥିବା ଦେଖିବାକୁ ମିଳେ। ଏହାଦ୍ୱାରା ଖବର ଶୁଭ ହୁଏ ବା ସୌଭାଗ୍ୟ ପ୍ରାପ୍ତିହୁଏ ବୋଲି ବିଶ୍ୱାସ କରାଯାଏ। ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏହି ପ୍ରଥା ଖ୍ରୀଷ୍ଟଯୁଗ ଆରମ୍ଭ ପୂର୍ବରୁ ଚଳିଆସୁଛି। ହେଲେ ତଫାତ୍ ଏତିକି ସେ ସମୟରେ ଦୁଇଜଣ ନିଜର ବିଶି ଆଙ୍ଗୁଠି ପରସ୍ପର ଛନ୍ଦି କୌଣସି କାମନା କରୁଥିଲେ। ସେ ସମୟରେ ବିଶ୍ୱାସ କରାଯାଉଥିଲା ଯେ, ଦୁଇ ଆଙ୍ଗୁଳି ଛନ୍ଦିବା ସ୍ଥାନ ହେଉଛି ପୁଣ୍ୟାତ୍ମାଙ୍କ ଆବାସସ୍ଥଳ। ତେଣୁ ସେ ସମସ୍ତ ରିଷ୍ଟ ଖଣ୍ଡନକରି ଶୁଭଫଳ ଦେବେ। ଧୀରେ ଧୀରେ ଏହା ଦୁଇଜଣଙ୍କ ବଦଳରେ ଜଣଙ୍କଠାରେ ହିଁ ସୀମିତ ହୋଇଗଲା ଏବଂ ଜଣଙ୍କ ମନ କାମନା ପୂର୍ଣ୍ଣ ଲାଗି ନିଜର ଫିଙ୍ଗର କ୍ରସ୍ କଲେ।



**ଭି' ସାଇନ୍:** ପ୍ରତିଯୋଗିତାରେ କୌଣସି ବିଜେତାଙ୍କୁ ନିଜ ହାତର କେବଳ ବିଶି ଏବଂ ମଧ୍ୟମ ଆଙ୍ଗୁଠି ଉପରକୁ କରି ବା ଭି' ସିମ୍ବଲ୍ ଦେଖାଇ ଖୁସି ମନାଉଥିବା ଦେଖିବାକୁ ମିଳେ। ଭି' ସିମ୍ବଲ୍‌ର ଅର୍ଥ ଭିକ୍ଟୋରୀ ବା ବିଜୟ। ତେବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜଣେ ବେଲ୍‌ଜିଆନ୍ ରାଷ୍ଟ୍ରନେତା ବିବିସି ରେଡିଓ ମାଧ୍ୟମରେ ଜନସାଧାରଣଙ୍କୁ ହାତରେ ଏପରି ଭି' କରିବାକୁ ଅନୁରୋଧ କରିଥିଲେ। ଏହାର ଅର୍ଥ ଫ୍ରେଞ୍ଚରେ ଭିକ୍ଟୋରୀ ବା ବିଜୟ ହୋଇଥିବା ବେଳେ ଡଚ୍‌ରେ ଭ୍ରିଝେଡ୍ ଅର୍ଥାତ୍ ମୁକ୍ତି। ସେବେଠୁ ଏହି ସିମ୍ବଲ ବହୁଳ ଭାବେ ବ୍ୟବହାର କରାଯାଇ ଆସୁଛି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ୩୦ ଜାନୁୟାରୀ, ୨୦୨୨ Sambalpur, Sunday, January 30/2022

# ବାର୍ଟିଙ୍କୁ ପ୍ରଥମ ଅଷ୍ଟ୍ରେଲିଆନ ଓପନ ଟାଇଟଲ


ଆଶ୍‌ଲେ ବାର୍ଟି ।

**ମେଲବୋର୍ନ, ୨୯।୧(ଏପି):** ଘରୋଇ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟରେ ଅଷ୍ଟ୍ରେଲିଆ ପାଇଁ ଦୀର୍ଘ ୪୪ ବର୍ଷର ଟାଇଟଲ ଶୂନ୍ୟତାର ଅନ୍ତ ଘଟାଇଛନ୍ତି ମହିଳା ଟେନିସ ତାରକା ଆଶ୍‌ଲେ ବାର୍ଟି। ଦ୍ୱିତୀୟ ସେଟ୍‌ରେ ଏକଦା ୧-୫ରେ ପଛୁଆ ରହିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ସେ କ୍ୟାରିୟରରେ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ସେ ଆମେରିକାର ଡାନିଏଲ କଲିନ୍ସଙ୍କୁ ୬-୩, ୭-୬(୨) ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ୧୯୮୦ରେ ୱେଣ୍ଡି ଟର୍ନବୁଲଙ୍କ ପରେ ପ୍ରଥମ ଅଷ୍ଟ୍ରେଲୀୟ ମହିଳା ଭାବେ ବାର୍ଟି ଅଷ୍ଟ୍ରେଲିଆନ ଓପନର ଫାଇନାଲରେ ପ୍ରବେଶ କରିଥିଲେ ଏବଂ ୧୯୭୮ରେ କ୍ରିସ୍ ଓ'ନେଲଙ୍କ ପରେ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଛନ୍ତି। ଶୀର୍ଷ ର୍ୟାଙ୍କ୍‌ପ୍ରାପ୍ତ ବାର୍ଟି କ୍ୟାରିୟରରେ ଏହାକୁ ମିଶାଇ ୩ଟି ସର୍ଫେସରେ ବଡ଼ ଟାଇଟଲ ଜିତିଛନ୍ତି। ଏଥର ମେଲବୋର୍ନର ହାର୍ଡକୋର୍ଟରେ ଚାମ୍ପିୟନ ହୋଇଥିବାବେଳେ ଗତବର୍ଷ ଗ୍ରାସ୍‌କୋର୍ଟରେ ୱିମ୍ବେଲଡନ ଏବଂ ୨୦୧୯ରେ କ୍ଲେ କୋର୍ଟରେ ଫ୍ରେଞ୍ଚ୍ ଓପନ ଟାଇଟଲ ଜିତିଥିଲେ।

''ମୋ ପାଇଁ ଏହା ସ୍ୱପ୍ନ ସତ ହେବା ପରି। ଜଣେ ଅଷ୍ଟ୍ରେଲୀୟ ହୋଇଥିବାରୁ ମୁଁ ଗର୍ବ ଅନୁଭବ କରୁଛି'' ବୋଲି ବାର୍ଟି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। କ୍ୟାରିୟରରେ ୭ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତି ଘରୋଇ ଆଥ୍‌ଲେଟଙ୍କ ପାଇଁ ଆଦର୍ଶ ପାଲଟିଥିବା ଅଷ୍ଟ୍ରେଲିଆର ଟେନିସ ଆଇକନ୍ ଇଭୋନି ଗୁଲାଗଙ୍ଗ କାଓ୍ୱଲେ ଅତିଥିଭାବେ ଯୋଗଦେଇ ବାର୍ଟିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ ବାର୍ଟି କୋଚ୍, ସପୋର୍ଟ ଷ୍ଟାଫ୍, ତାଙ୍କ ପରିବାର, ଆୟୋଜକ ଏବଂ ଦର୍ଶକଙ୍କୁ ଧନ୍ୟବାଦ ଜଣାଇଥିଲେ । ''ଏପରି ଭଲପାଇବା ଏବଂ ସମର୍ଥନ ପାଇଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି'' ବୋଲି ସେ କହିଥିଲେ। ୨୮ ବର୍ଷୀୟ କଲିନ୍ସ ୪ର୍ଥ ଆମେରିକୀୟ ଖେଳାଳିଭାବେ ବାର୍ଟିଙ୍କୁ କ୍ରମାଗତ ୪ ରାଉଣ୍ଡରେ ଭେଟିଥିଲେ। ତାଙ୍କ ପୂର୍ବରୁ ଆନିସିମୋଭା, ଜେସିକା ପେଗୁଲା ଏବଂ ୨୦୧୭ ୟୁଏସ୍ ଓପନ ରନର୍ସଅପ୍ ମାଡିସନ କିଜ୍‌ଙ୍କୁ ବାର୍ଟି ଏଠାରେ ହରାଇଥିଲେ। ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଏବଂ ମହିଳା ଡବଲ୍ସ ଫାଇନାଲ ରବିବାର ଅନୁଷ୍ଠିତ ହେବ।

## କିର୍ଗୋସ-କୋକିନାକିସ୍ ଚାମ୍ପିୟନ

**ମେଲବୋର୍ନ, ୨୯।୧(ଏପି):** ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ଡବଲ୍ସରେ ଅଷ୍ଟ୍ରେଲିଆର ନିକ୍ କିର୍ଗୋସ ଓ ଥାନାସି କୋକିନାକିସ୍ ଯୋଡ଼ି ଚାମ୍ପିୟନ ହୋଇଛନ୍ତି। ଶନିବାର ଅନୁଷ୍ଠିତ ଫାଇନାଲରେ ଏହି ଯୋଡ଼ି ନିଜ ଦେଶର ମାଥ୍ୟୁ ଏବ୍‌ଡେନ ଓ ମ୍ୟାକ୍ସ ପୁରସେଲଙ୍କୁ ୭-୫, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। କିର୍ଗୋସଙ୍କ ପାଇଁ ଏହା ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ। ପୂର୍ବରୁ ସେ ୨୦୧୬ ୟୁଏସ୍ ଓପନ ଏବଂ ୨୦୧୭ ଫ୍ରେଞ୍ଚ୍ ଓପନର ପୁରୁଷ ଡବଲ୍ସ ତୃତୀୟ ରାଉଣ୍ଡରୁ ବିଦାୟ ନେଇଥିଲେ। କୋକିନାକିସ୍ ମଧ୍ୟ କ୍ୟାରିୟରରେ ପ୍ରଥମଥର ଗ୍ରାଣ୍ଡସ୍ଲାମ ଟାଇଟଲ ସ୍ୱାଦ ଚାଖିଛନ୍ତି। ପୂର୍ବରୁ ସେ ୨୦୧୫ ପୁରୁଷ ଡବଲ୍ସରେ ଫ୍ରେଞ୍ଚ୍ ଓପନ ଦ୍ୱିତୀୟ ଓ ୱିମ୍ବେଲଡନରେ ୩ୟ ରାଉଣ୍ଡରୁ ବିଦାୟ ନେଇଥିଲେ।

## ଫ୍ରେଞ୍ଚ୍ ଓପନ୍ ଖେଳିବାରୁ ବଞ୍ଚିତ ହୋଇପାରନ୍ତି ଜୋକୋଭିଚ୍

**ପ୍ୟାରିସ୍, ୨୯।୧ (ଏପି):** ଫ୍ରାନ୍ସ ଏହାର ଟିକାକରଣ ନିୟମକୁ କଡ଼ାକଡ଼ି କରିଛି। ଫଳରେ ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଏଥର ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଖେଳିବାରୁ ବଞ୍ଚିତ ହେବାର ସମ୍ଭାବନା ଦେଖାଦେଇଛି। ଫେବୃୟାରୀ ୧୫ରୁ ନୂଆ ନିୟମ କାର୍ଯ୍ୟକାରୀ ହେବ। ତଦନୁସାରେ ଫ୍ରାନ୍ସରେ କୌଣସି କ୍ରୀଡ଼ା ଭେନ୍ୟୁରେ ପ୍ରବେଶ କରିବାକୁ ହେଲେ କରୋନା ଟିକା ନେଇଥିବା ଦରକାର। ନତୁବା ୪ ମାସ ମଧ୍ୟରେ ସମ୍ପୃକ୍ତ ବ୍ୟକ୍ତି କୋଭିଡ୍ ପଜିଟିଭ୍ ହୋଇଥିବା ପ୍ରମାଣପତ୍ର ଦେଖାଇବାକୁ ପଡ଼ିବ। ପୂର୍ବରୁ ଏହି ସମୟ ସୀମା ୬ମାସ ରହିଥିଲା, ଯାହାକି ଜୋକୋଭିଚ୍‌ଙ୍କ ପାଇଁ ଅସୁବିଧା ନ ଥିଲା। ଫ୍ରେଞ୍ଚ୍ ଓପନ ମେ' ୨୨ରୁ ଆରମ୍ଭ ହେବାକୁ ଥିବାବେଳେ କରୋନା ଟିକା ନେଇ ନ ଥିବା ଜୋକୋଭିଚ୍ ଗତ ଡିସେମ୍ବରରେ କରୋନା ପଜିଟିଭ ଥିଲେ। ସୂଚନାଯୋଗ୍ୟ, ଦେଶରେ କରୋନା ମହାମାରୀକୁ ନିୟନ୍ତ୍ରଣ କରିବା ଲାଗି ଫ୍ରାନ୍ସ ସରକାର ଷ୍ଟାଡିୟମ, ରେସ୍ତୋରାଁ, ବାର୍ ଓ ଅନ୍ୟ ସର୍ବସାଧାରଣ ସ୍ଥାନଗୁଡ଼ିକରେ ଟିକା ନେଇ ନ ଥିବା ବ୍ୟକ୍ତିଙ୍କୁ ବାରଣ କରିଛନ୍ତି। କରୋନା ଟିକା ନେଇ ନ ଥିବାରୁ ଜୋକୋଭିଚ୍ ପୂର୍ବରୁ ଅଷ୍ଟ୍ରେଲିଆନ ଓପନ ଖେଳିବାରୁ ବଞ୍ଚିତ ହୋଇସାରିଛନ୍ତି।

## ପ୍ରଫେସନାଲ ହେଲେ ସରଜୁବାଳା

**ନୂଆଦିଲ୍ଲୀ,୨୯।୧(ପି.ଟି):** ଭାରତୀୟ ମହିଳା ବକ୍ସର ତଥା ଅଲିମ୍ପିଆନ ସରଜୁବାଳା ଦେବୀ ପ୍ରଫେସନାଲ ହେବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଇଙ୍ଗ୍ଲାଣ୍ଡସ୍ଥିତ ଗ୍ରାସ୍‌ରୁଟ୍ ବକ୍ସିଂ ପ୍ରମୋଶନ ଆଣ୍ଡ୍ ମ୍ୟାନେଜମେଣ୍ଟ ଏବଂ ଅଗ୍ରଣୀ ଭାରତୀୟ ବକ୍ସିଂ ପ୍ରମୋଟର ମୁଜତାବା କମଲଙ୍କ ସହ ଏକ ଚୁକ୍ତି କରିଛନ୍ତ। ମଣିପୁରର ଏହି ୨୮ ବର୍ଷୀୟା ବକ୍ସର ୨୦୧୪ରେ କୋରିଆରେ ଅନୁଷ୍ଠିତ ଏଆଇବିଏ ୱାର୍ଲ୍ଡ ବକ୍ସିଂ ଚାମ୍ପିୟନଶିପ୍‌ରେ ଏକ ରୌପ୍ୟ ପଦକ ଜିତିଥିଲେ। ପୂର୍ବତନ ୟୁଥ୍ ୱାର୍ଲ୍ଡ ବକ୍ସିଂ ସ୍ୱର୍ଣ୍ଣ ବିଜୟିନୀ ଫେବୃୟାରୀ ୨୬ରେ ଦୁବାଇରେ ପ୍ରଥମ ଥର ଜଣେ ପ୍ରଫେସନାଲ ବକ୍ସର ହିସାବରେ ମୁକାବିଲାରେ ଅବତୀର୍ଣ୍ଣ ହେବେ। ସରଜୁବାଳା ୪ଥର ଜାତୀୟ ଚାମ୍ପିୟନ ହୋଇଛନ୍ତି। ଭାରତ ତରଫରୁ ସେ ବହୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ସେ ଭାଗ ନେଇଥିବା ପ୍ରାୟ ପ୍ରତ୍ୟେକ ପ୍ରତିଯୋଗିତାରେ ପଦକ ଜିତିବାରେ ସଫଳ ହୋଇଛନ୍ତି। ୨୦୧୪ରେ ସେ ତାଙ୍କ ନିଜ କାଟେଗୋରି ର୍ୟାଙ୍କିଙ୍ଗର ଦ୍ୱିତୀୟ ସ୍ଥାନରେ ରହିଥିଲେ। ମୁଜତାବା ବର୍ତ୍ତମାନ ଭାରତର ବହୁ ଟପ୍ ପ୍ରଫେସନାଲ ବକ୍ସରଙ୍କ ପରିଚାଳନା ଦାୟିତ୍ୱ ତୁଲାଉଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଜେ. ସାବାରି(ବର୍ତ୍ତମାନ ଡବ୍ଲ୍ୟୁବିସି ଭାରତ ଚାମ୍ପିୟନ), ଏସ. କାର୍ତ୍ତିକ (ଡବ୍ଲ୍ୟୁବିସି ଏସିଆନ ରୌପ୍ୟ ବିଜେତା), ଫୈଜାନ ଅନୱାର, ଲାଲରିନ୍‌ସାଙ୍ଗା ଟିଲାଉ (ଡବ୍ଲ୍ୟୁବିସି ୟୁଥ୍ ବିଶ୍ୱ ଚାମ୍ପିୟନ), ଅସିଫ୍ ଆସାଦ ଓ ଗୁର୍‌ପ୍ରୀତ ସିଂଙ୍କ ସମେତ ଅନ୍ୟ କେତେଜଣ ବକ୍ସର। ଏହି ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମଣିପୁର ପୋଲିସ୍ ଡିଜି ପି. ଡଙ୍ଗେଲ ଉପସ୍ଥିତ ଥିଲେ। ସରଜୁବାଳାଙ୍କ ଭଳି ଜଣେ ପ୍ରତିଭାସମ୍ପନ୍ନ ବକ୍ସରଙ୍କୁ ପାଇ ସେ ଖୁବ୍ ଆନନ୍ଦିତ ବୋଲି କହିଥିଲେ।

## ଆହାନଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨୯।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାର ଉଦୀୟମାନ ଟେନିସ ପ୍ରତିଭା ଆହାନ ସଫଳତାର ଆଉ ଏକ ପାହାଚ ଚଢ଼ିଛନ୍ତି। କର୍ନାଲର ଚାମୁଣ୍ଡା ଟେନିସ ଏକାଡେମୀରେ ଅନୁଷ୍ଠିତ ନ୍ୟାଶନାଲ ସିରିଜ ଟେନିସ ଟୁର୍ନାମେଣ୍ଟର ୧୨ ବର୍ଷରୁ କମ୍ ବାଳିକା ବିଭାଗରେ ସେ ଡବଲ ଟାଇଟଲ ହାସଲ କରିଛନ୍ତି। ବାଳିକା ସିଙ୍ଗଲ୍ସ ଫାଇନାଲରେ ହରିୟାଣାର ପ୍ରାଚୀ ମଲିକଙ୍କୁ ୬-୦, ୬-୩ ସେଟ୍‌ରେ ହରାଇ ସେ ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସରେ ଆହାନ ଓ ପ୍ରାଚୀ ଯୋଡ଼ି ଫାଇନାଲରେ ହରିୟାଣାର ଆନନ୍ଦିତା ଉପାଧ୍ୟାୟ ଓ ରାଜସ୍ଥାନର ଏଚ୍. ଚୌଧାରୀଙ୍କୁ ୬-୩, ୬-୪ ସେଟ୍‌ରେ ହରାଇ ଟାଇଟଲ ଜିତିଛନ୍ତି। ପ୍ରଥମ ଓଡ଼ିଆ ବାଳିକାଭାବେ ଆହାନ ଏକ ଜାତୀୟ ସିରିଜ ଟୁର୍ନାମେଣ୍ଟର ସିଙ୍ଗଲ୍ସ ଟାଇଟଲ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେ ସମ୍ପ୍ରତି ଏସ୍ ବେସ୍ ଟେନିସ ଏକାଡେମୀରେ ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ଆଗାମୀ ଫେବୃୟାରୀ ୨୧ରୁ ମୁମ୍ବାଇରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ଟୁର୍ନାମେଣ୍ଟରେ ଟାଇଟଲ ଜିତିବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ବୋଲି ଆହାନ ପ୍ରକାଶ କରିଛନ୍ତି।


ଟ୍ରଫି ସହ ଆହାନ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

**ମତଦାନରୁ ବଞ୍ଚିତ ହେବେ ଶତାଧିକ ଭୋଟର**

ଖପ୍ରାଖୋଲ,(ଡି.ଏନ.ଏ.): ଖପ୍ରାଖୋଲ ବ୍ଲକର ବିଭିନ୍ନ ଗାଁରେ ଭୋଟର ତାଲିକାରେ ତ୍ରୁଟି ଦେଖାଯାଇଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଓଡ଼ିଆପାଲି ପଞ୍ଚାୟତ ବୁଢ଼ିବାହାଲ ଗାଁ ୱାର୍ଡ ନଂ ୨ର ପ୍ରାୟ ୧୪୫ଜଣ ଭୋଟରଙ୍କ ନାମ ଚୂଡାନ୍ତ ଭୋଟର ତାଲିକାରେ ନଥିବା ବିଡିଓ ରଶ୍ମି ରଞ୍ଜନ ରାଉତଙ୍କଠାରେ ଅଭିଯୋଗ ହୋଇଛି। ସେହିପରି ନାନ୍ଦୁପଲା ପଞ୍ଚାୟତ ୱାର୍ଡ ନଂ ୩ ମହୁଲପାଲି ଓ କନ୍ଦରାଭଟା ଗାଁର ୧୫୦ରୁ ଉର୍ଦ୍ଧ୍ୱ ଭୋଟରଙ୍କ ନାମ ତାଲିକାରୁ ବାଦ ପଡିଛି। ଏନେଇ ବିଡିଓ ରାଉତଙ୍କୁ ପଚାରିବାରୁ ପୂର୍ବରୁ ଆପତ୍ତି ଅଭିଯୋଗ ପାଇଁ ପଞ୍ଚାୟତରେ ତାଲିକା ଝୁଲା ଯାଇଥିଲା। ହେଲେ ବାଦ୍ ପଡିଥିବା ନେଇ କେହି ବି ଅଭିଯୋଗ କରି ନଥିବା ସେ ପ୍ରକାଶ କରିଛନ୍ତି।

# ଗୃହ ସମ୍ପୂର୍ଣ୍ଣ ନ କରିବାରୁ ଚାଉଳ ବନ୍ଦ

ନୂଆପଡ଼ା ଅଫିସ୍,୨୯।୧


ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

ନୂଆପଡ଼ା ଜିଲା କୋମନା ବ୍ଲକ ଠିକପାଲି ପଞ୍ଚାୟତର ବାବୁପାଲି ଗାଁରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନିର୍ମାଣ କରିବାକୁ କାର୍ଯ୍ୟାଦେଶ ଦିଆଯାଇଛି। ଗୃହ ସମ୍ପୂର୍ଣ୍ଣ ନ କରିବାରୁ ୫ ମାସ ହେଲା ପିଡିଏସ୍ ଓ କୋଭିଡ୍ ସହାୟତା ଚାଉଳ ବନ୍ଦ କରି ଦିଆଯାଇଥିବାରୁ ଗ୍ରାମବାସୀ ନୂଆପଡ଼ା ଯାଇ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ସାକ୍ଷାତ୍‌କରି ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ ବାବୁପାଲି ଗାଁର କମଲସିଂ ଶବର (୬୨) ସ୍ତ୍ରୀ ରୁକ୍ମଣୀ (୫୬) ପୁଅ ଦୈତାରୀଙ୍କୁ ନେଇ ପରିବାର। ଦୈତାରୀ ଶବର ବାହାରେ କାମ କରୁଥିବାରୁ ଘରେ ସ୍ୱାମୀ ସ୍ତ୍ରୀ ରହୁଛନ୍ତି। ୨୦୨୦-୨୧ରେ ରୁକ୍ମଣୀଙ୍କ ନାମରେ ପ୍ରଧାନମନ୍ତ୍ରୀ ଆବାସ ମିଳିଥିଲା। ଗୃହ ସ୍ଲାବ ଲେବଲ ପର୍ଯ୍ୟନ୍ତ ଘର କାମ କରିଥିବା ବେଳେ ଛାତ ପକାଇ ପାରି ନ ଥିଲେ। ଆବାସ ଗୃହ ସମ୍ପୂର୍ଣ୍ଣ କରି ନ ଥିବାରୁ ପ୍ରଶାସନ ତରଫରୁ ମିଳୁଥିବା ପିଡିଏସ୍ ଓ କୋଭିଡ୍ ସହାୟତା ଚାଉଳ ବନ୍ଦ କରି ଦିଆଯାଇଥିଲା। ଗତ ୫ ମାସ ହେଲା ସେମାନଙ୍କୁ ଚାଉଳ ମିଳୁ ନାହିଁ। କେବଳ ବାର୍ଦ୍ଧକ୍ୟ ଭତ୍ତା ମିଳୁଥିବାବେଳେ ଚାଉଳ ମିଳୁ ନ ଥିବାରୁ ସ୍ୱାମୀ ସ୍ତ୍ରୀ ଚଳିବା କଷ୍ଟକର ହେଉଥିଲା। କମଲ ସିଂ ବାର୍ଦ୍ଧକ୍ୟ ହେତୁ କାମ ଧନ୍ଦା କରିପାରୁ ନାହାନ୍ତି। ରୁକ୍ମଣୀ ଭିକ୍ଷାବୃତି କରି ଚଳୁଥିଲେ। ହଠାତ ଅସୁସ୍ଥ ହେବାରୁ ଭିକ୍ଷାବୃତ୍ତି କରିପାରିଲେ ନାହିଁ। ଘରେ ପଡି ରହିଥିଲେ। ୨୭ ତାରିଖ ରାତିରେ ରୁକ୍ମଣୀଙ୍କ ମୃତ୍ୟୁ ହୋଇଥିଲା। ପିଡିଏସ୍ ଚାଉଳ ମିଳୁ ନ ଥିବାରୁ ଭୋକ ଉପାସରେ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି ବୋଲି ସ୍ୱାମୀ ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ଚାଉଳ ଉଠାଣ ହେଉଛି ହେଲେ ଆମକୁ ଦିଆଯାଉ ନ ଥିଲା। କେନ୍ଦ୍ର ତଥା ରାଜ୍ୟ ସରକାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଓ ବିଜୁ ପକ୍କା ଘର ଯୋଜନାରେ ବାସଗୃହ ଯୋଗାଉଛନ୍ତି। ହେଲେ ଅନେକ ଗରିବ ହିତାଧିକାରୀ ଆବାସ ଯୋଜନାରେ ଗୃହ ସମ୍ପୂର୍ଣ୍ଣ କରିପାରୁ ନ ଥିବାରୁ ପ୍ରଶାସନ ତରଫରୁ ପିଡିଏସ ଚାଉଳ ବନ୍ଦ କରୁଛନ୍ତି। ଏଭଳି ସ୍ଥିତିରେ ବାବୁପାଲି ଗାଁର ୨୪ ପରିବାରଙ୍କ ଚାଉଳ ଯୋଗାଣ ବନ୍ଦ ହୋଇଥିବା ଅଭିଯୋଗ ହୋଇଛି। ଯୋଗାଣ ସହାୟକ ଘର ତିଆରି ସମ୍ପୂର୍ଣ୍ଣ ନ ହେବା ଯାଏଁ ଚାଉଳ ମିଳିବ ନାହିଁ ବୋଲି କହୁଥିବାବେଳେ କୋମନା ବିଡିଓ ସୁଶାନ୍ତ ରଣାଙ୍କୁ ପଚାରିବାରୁ ବାବୁପାଲି ଗାଁକୁ ଆବାସ ଯୋଜନା ନିର୍ମାଣ ଉପରେ ସର୍ଭେ କରିବାକୁ ଯାଇଥିଲି। ସେଠାରେ ଆବାସ

## ହିତାଧିକାରୀ ଜିଲାପାଳଙ୍କ ଦ୍ୱାରସ୍ଥ

ଯୋଜନା ସମ୍ପୂର୍ଣ୍ଣ କରି ନ ଥିବାରୁ ଚାଉଳ ମିଳି ନ ଥିବା ଅଭିଯୋଗ କରିଛନ୍ତି। ମୋ ନିର୍ଦ୍ଦେଶ କ୍ରମେ ବଞ୍ଚିତ ହିତାଧିକାରୀଙ୍କୁ ଚାଉଳ ପ୍ରଦାନ କରାଯାଇଛି। ରୁକ୍ମଣୀଙ୍କ ମୃତ୍ୟୁ ଭୋକ ଉପାସରେ ହୋଇ ନାହିଁ। ରୋଗ ବେମାରରେ ହୋଇଛି ବୋଲି ପ୍ରକାଶ କରିଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କହୁଛନ୍ତି ଆମକୁ ଲିଖିତ ଭାବରେ ଦିଆଯାଇନାହିଁ । ମୌଖିକ ଭାବରେ ଜିଲା ପ୍ରଶାସନ ତରଫରୁ ଜଣାଇଥିଲେ। ତଦନ୍ତ କରି ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଖୁମୁ ଶବର, ମନୋହର ଶବର, ସୋହଦ୍ରା ଶବର, ଅମିତ ଶବର, ଚନ୍ଦ୍ରକଳା ଦୁରିଆ, ଶୁଶିଳା ସୁନାନୀ, ଦୌପଦୀ ସୁନାନୀ, ତାରାବତୀ ସୁନାନୀ ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ବଜରଙ୍ଗବଳି ଫୁଟବଲ: କ୍ୱାର୍ଟର ଫାଇନାଲରେ ସୁନାମୁଦି

ଦେଓଗାଁ,୨୯।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ଖେଳ ପଡିଆରେ ୧୭ତମ ବୀର ବଜରଙ୍ଗବଳି ଫୁଟବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଛି। କମିଟି ସଭାପତି ଜୀବନାନନ୍ଦ ବାଗଙ୍କ ସଭାପତିତ୍ୱରେ ଟୁର୍ନାମେଣ୍ଟକୁ ଜିଲା ପରିଷଦ ସଭ୍ୟ ସୁଶିଲ କୁମାର ଚାନ୍ଦ, ସମ୍ମାନିତ ଅତିଥି ବିଜେଡି ଯୁବନେତା ବୁଦ୍ଧଦେବ ପରୁଆ, ପୂର୍ବତନ ଫୁଟବଲ ଖେଳାଳି ମଙ୍ଗଲୁ ବିଶି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଚାଟିମୁଣ୍ଡା ଓ ସୁନାମୁଦି ମଧରେ ହୋଇଥିଲା । ଖେଳ ଅମୀମାଂସିତ ହେବାରୁ ଟାଇବ୍ରେକରରେ ସୁନାମୁଦି ୫-୩ଗୋଲରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ବିଡିଘାଟ ଓ ଖୁଟସମଲେଇ ମଧରେ ହୋଇଥିଲା । ବିଡିଘାଟ ୧-୦ଗୋଲରେ ବିଜୟୀ ହୋଇଥିଲା। ପରେ ସୁନାମୁଦି ଓ ବିଡିଘାଟ ମଧରେ ଅନୁଷ୍ଠିତ ମ୍ୟାଚରେ ସୁନାମୁଦି ୧-୦ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି।

### ବନବିଭାଗ କର୍ମଚାରୀଙ୍କ ନାମରେ ମାମଲା

ଖପ୍ରାଖୋଲ,୨୯।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହରିଶଙ୍କର ଡିଅର ପାର୍କର ଛଟେଇ ଶ୍ରମିକମାନେ ହରିଶଙ୍କର ଫରେଷ୍ଟର ପ୍ରିୟବ୍ରତ ମହାକୁଡ଼, ଫରେଷ୍ଟ ଗାର୍ଡ ମହେନ୍ଦ୍ର କାଲସାଏଙ୍କ ବିରୋଧରେ ଗାଲିଗୁଲଜ ଓ ଜାତିଆଣ ଆକ୍ଷେପ ଆଣିଛନ୍ତି। ଏ ନେଇ ସେମାନେ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରବା ପରେ ଏକ ମାମଲା(୧୭/୨୨)ରୁଜୁ ହୋଇଛି। ପାଟଣାଗଡ଼ ଏସ୍‌ଡିପିଓ ଜୋର୍ତିମୟ ଭୁକ୍ତା ଘଟଣାର ତଦନ୍ତ କରୁଛନ୍ତି। ଅଭିଯୋଗ ଅନୁସାରେ ଡିଅର ପାର୍କରେ ନୀଳାମ୍ବର ବରିହାଙ୍କ ସମେତ ୯ ଶ୍ରମିକ ଦୀର୍ଘବର୍ଷ ଧରି ହରିଣଙ୍କ ଦେଖାରଖା କରିଆସୁଥିଲେ। ପାଞ୍ଚମାସ କାମ କଲା ପରେ ମଜୁରି ନ ମିଳିବାରୁ ଗତ ଅଗଷ୍ଟ ମାସରେ ପ୍ରଶାସନ ଓ ଶ୍ରମ ଅଧିକାରୀଙ୍କଠାରେ ଅଭିଯୋଗ ପରେ ମଜୁରି ପାଇଥିଲେ। ହେଲେ ପରେ ଶ୍ରମିକମାନଙ୍କୁ କାମରୁ ବାହାର କରିଥିଲା ବନ ବିଭାଗ। ଫରେଷ୍ଟର ଓ ଫରେଷ୍ଟର ଗାର୍ଡ ଜାତିଆଣ ଆକ୍ଷେପ କରିଥିବା ନୀଳାମ୍ବର ଓ ଶ୍ରମିକମାନେ ଅଭିଯୋଗ କରିଛନ୍ତି।

### ଆଦିବାସୀଙ୍କ ସରକାର ବିରୋଧୀ ଅଭିଯାନ

ନୂଆପଡ଼ା ଅଫିସ୍,୨୯।୧: ନୂଆପଡା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ସରକାର ବିରୋଧି ଅଭିଯାନ ମେଳି ଅନୁଷ୍ଠିତ ହୋଇଯାଇଛି। ଶନିବାର ସିଆଲଲଟି ପଞ୍ଚାୟତଠାରେ ଭକ୍ତବନ୍ଧୁ ଧରୁଆଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବରେ ଜୟରାମ ଶବର ଓ ଆଦିବାସୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ବାଲକୃଷ୍ଣ ଶବର ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ସିଆଲଲଟି ସରପଞ୍ଚ ରୁଦ୍ରସିଂ ମାଝି, ନୀଳ ବରିହା, ଦୁର୍ଗା ନାଏକ, କପଟ ମାଝି, ଭୋଲାନାଥ ମାଝି, ବଚନ ଧରୁଆ, ଗୌରଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ଆଦିବାସୀମାନଙ୍କର ସଂରକ୍ଷଣ ଆସନକୁ ସରକାର ଅସାମ୍ବିଧାନିକ ଭାବରେ ଉଚ୍ଛେଦ କରିଛନ୍ତି। ସରକାର ଆଦିବାସୀଙ୍କୁ ମୂଳପୋଛ ପାଇଁ ଯେଉଁ ନୀତି ଅବଲମ୍ବନ କରୁଛନ୍ତି ତାହା ବିରୋଧରେ ସେମାନେ ଭୋଟ ମାଧ୍ୟମରେ ଜବାବ ଦେବାକୁ ଚେତାବନୀ ଦେଇଛନ୍ତି।

### ଏଆଇଏସ୍‌ଏଫ୍ ଜିଲା ସମ୍ମିଳନୀ

ଜୁନାଗଡ଼,୨୯।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ସହରସ୍ଥିତ କଲ୍ୟାଣ ମଣ୍ଡପଠାରେ ଅଖିଳ ଭାରତୀୟ ଛାତ୍ର ସଂଘ ତରଫରୁ ଶିକ୍ଷାର ଘରୋଇକରଣକୁ ବିରୋଧ କରି ସମସ୍ତଙ୍କୁ ମାଗଣା ଶିକ୍ଷା ଦାବିରେ ଜିଲା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଜିଲା ସଂଗଠନ ସଭାପତି ଜଗଦୀଶ ଦୁର୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଆଇଏସଏଫର ରାଜ୍ୟ ସଭାପତି ସଂଘମିତ୍ରା ଜେନା ଯୋଗଦେଇ ସମ୍ମିଳନୀ ଉଦ୍‌ଘାଟନ କରିଥିଲେ। ମହାମାରୀ ଯୋଗୁ ଶିକ୍ଷା ଅନୁଷ୍ଠାନ ବନ୍ଦ ଥିବା ହେତୁ ଶିକ୍ଷାଦାନ ବାଧାପ୍ରାପ୍ତ ହୋଇଛି। ଏଣୁ ସମସ୍ତଙ୍କୁ ମାଗଣା ଶିକ୍ଷା ପ୍ରଦାନ ପାଇଁ ଦାବି କରିଥିଲେ। ନୂତନ ଜିଲା ସଭାପତି ଭ ରାଜାରାମ ଡଙ୍ଗରି, ଉପସଭାପତି ଲିଙ୍କନ ବାଗ, ସଞ୍ଜନା ମାରି, ସମ୍ପାଦକ ରୂପେଶ ନାଇକ, ସହ ସମ୍ପାଦକ ସୀମାଞ୍ଚଳ ସୁନାନୀ, କୋଷାଧକ୍ଷ ଭାବେ ଡଉଲେସର୍ ଖମାରି ଓ ନମିତା ମାଝୀ ନିର୍ବାଚିତ ହୋଇଥିଲେ । ଭବାନୀ ଧାଙ୍ଗଡ଼ା ମାଝୀ, ଦାମୋଦର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ନିର୍ବାଚନୀ ଖର୍ଚ୍ଚ ହିସାବ ପ୍ରଦାନକୁ ନେଇ ପ୍ରଶାସନିକ ବୈଠକ

ଟିଟିଲାଗଡ, ୨୯।୧ (ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରତ୍ୟେକ ପ୍ରାର୍ଥୀ ସେମାନଙ୍କର ନିର୍ବାଚନ ସଂକ୍ରାନ୍ତୀୟ ଖର୍ଚ୍ଚର ହିସାବ ତଦାରଖ ତଥା ଫଳାଫଳ ଘୋଷଣା ପରେ ସମ୍ପୂର୍ଣ ହିସାବର ବିବରଣୀ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବେ। ରାଜ୍ୟ ନିର୍ବାଚନ କମିଶନଙ୍କ ଆଦେଶନାମା ଅନୁଯାୟୀ ଟିଟିଲାଗଡ ବିଡିଓ ନବୀନ ଚନ୍ଦ୍ର ନାୟକ, ନିର୍ବାଚନ ସମ୍ବନ୍ଧୀୟ ବ୍ୟୟବରାଦର ପର୍ଯ୍ୟବେକ୍ଷକ ଦେବବ୍ରତ ବେହେରା ଓ ଏବିଡ଼ିଓ ପଦ୍ମନାଭ ନାୟକଙ୍କ ଉପସ୍ଥିତିରେ ସମିତି ସଭ୍ୟ ଓ ସରପଞ୍ଚ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ଉପସ୍ଥିତିରେ ଟିଟିଲାଗଡ ବ୍ଲକ ପରିସରସ୍ଥ ସଭାଗୃହରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଟିଟିଲାଗଡ ବ୍ଲକରେ ୨୪ ପଞ୍ଚାୟତ ରହିଛି। ୧୦ ସମିତି ସଭ୍ୟ , ୨ପଞ୍ଚାୟତର ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ସାରିଛନ୍ତି।

# ଅଧକ୍ଷ ପଦ ପାଇଁ ମିଶ୍ର ପରିବାରର ୪ସଦସ୍ୟ ମୁହାଁମୁହିଁ

ବଲାଙ୍ଗୀର ଅଫିସ, ୨୯।୧

**ପୁଇଁତଲା ପଞ୍ଚାୟତ ସମିତି**

■ମଇଦାନରେ ଭାଇ-ଭାଇ, ଯାଆ-ଯାଆ ଟକ୍କର


ଗୀତାଞ୍ଜଳି ମିଶ୍ର।


ଜ୍ୟୋତ୍ସ୍ନା ମିଶ୍ର।


ସିଦ୍ଧାର୍ଥ ମିଶ୍ର।


ସ୍ମାରକ ମିଶ୍ର।

ବଲାଙ୍ଗୀରର ମିଶ୍ର ପରିବାର ଦୀର୍ଘବର୍ଷରୁ ରାଜନୀତି ମଇଦାନରେ ସକ୍ରିୟ ରହିଛନ୍ତି। ବିଧାୟକ ଭାବେ ନରସିଂହ ମିଶ୍ର ୫ ଥର ନିର୍ବାଚନ ଜିତି ଏବେବି ସକ୍ରିୟ ରହିଛନ୍ତି। ତେବେ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମିଶ୍ର ପରିବାରର ୪ ଜଣ ସଦସ୍ୟ ପରସ୍ପର ମୁହାଁମୁହିଁ ହେଉଛନ୍ତି। ସମିତି ସଭ୍ୟ ପଦରେ ଭାଇ-ଭାଇ ଓ ଯାଆ-ଯାଆ ଟକ୍କର ଦେଖିବାକୁ ମିଳିଛି। ବିଧାୟକ ମିଶ୍ରଙ୍କ ଭାଇ ବିନାୟକ ମିଶ୍ରଙ୍କ ସ୍ତ୍ରୀ ଜ୍ୟୋତ୍ସ୍ନା ମିଶ୍ର ଓ ପୁଅ ସିଦ୍ଧାର୍ଥ ମିଶ୍ରଙ୍କୁ ଟକ୍କର ଦେଉଛନ୍ତି ଭାଇ ବିଘ୍ନରାଜ ମିଶ୍ରଙ୍କ ସ୍ତ୍ରୀ ଗୀତାଞ୍ଜଳି ମିଶ୍ର ଓ ପୁଅ ସ୍ମାରକ ମିଶ୍ର। ପିପିର୍ଡା ପଞ୍ଚାୟତରେ ସମିତି ସଭ୍ୟ ପ୍ରାର୍ଥୀ ଭାବେ ସିଦ୍ଧାର୍ଥଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ସ୍ମାରକ। ଗତ ପଞ୍ଚାୟତ ନିର୍ବାଚନରେ ଏଇ ଦୁଇ ଭାଇ ଛତାମଖନା ଗ୍ରାମପଞ୍ଚାୟତରୁ ସମିତି ସଭ୍ୟ ପଦରେ ନିର୍ବାଚନ ଲଢ଼ିଥିଲେ। ସେଥିରେ ସିଦ୍ଧାର୍ଥ ମିଶ୍ର ବିଜୟୀ ହୋଇଥିଲେ। ଏଥର ପୁଣି ଥରେ ଏଇ ଦୁଇଭାଇ ପିପିର୍ଡା ପଞ୍ଚାୟତରେ ପରସ୍ପରକୁ ଟକ୍କର ଦେଉଛନ୍ତି। ଅନ୍ୟପକ୍ଷେ ମିଶ୍ର ପରିବାରର ପୈତୃକ ଗ୍ରାମ ଛତାମଖନା ସମିତି ସଭ୍ୟ ପଦରେ ଦୁଇ ଯାଆ ପରସ୍ପର ମୁହାଁମୁହିଁ ହୋଇଛନ୍ତି। ଜ୍ୟୋତ୍ସ୍ନାଙ୍କୁ ଟକ୍କର ଦେଉଛନ୍ତି ଗୀତାଞ୍ଜଳି। ୨୦୧୨ ମସିହାରେ ପିପିର୍ଡା ପଞ୍ଚାୟତରୁ ସମିତି ସଭ୍ୟା ହୋଇ ଜ୍ୟୋତ୍ସ୍ନା ମିଶ୍ର ପୁଇଁତଲା ପଞ୍ଚାୟତ ସମିତି ଅଧକ୍ଷା ହୋଇଥିଲେ। ୨୦୦୭ ମସିହାରେ ଗୀତାଞ୍ଜଳି ଛତାମଖନାରୁ ସମିତ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ପୁଇଁତଲା ବ୍ଲକ୍ ଅଧକ୍ଷ ପଦବୀ ଅଣସଂରକ୍ଷିତ ରହିଛି। ଏହାକୁ ନଜରରେ ରଖି ଏହି ପରିବାରର ୪ ଜଣ ସଦସ୍ୟ ପରସ୍ପର ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ତେବେ କିଏ କାହାକୁ ଟକ୍କର ଦେବ ଏହାକୁ ଦେଖିବାକୁ ଗ୍ରାମପଞ୍ଚାୟତ ସ୍ତରରେ ଉତ୍ସୁକତା ଦେଖାଯାଇଛି।

# ନିର୍ବାଚନ ରଣାଙ୍ଗନରେ ୫୦୦ ପ୍ରାର୍ଥୀ

କୋକସରା,୨୯।୧(ଡି.ଏନ.ଏ.)

**କୋକସରା ବ୍ଲକ**

■୧୧୯ ୱାର୍ଡ ମେମ୍ବର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ପ୍ରକାଶ ପାଇଛି ଚୂଡାନ୍ତ ପ୍ରାର୍ଥୀ ତାଲିକା। କୋକସରା ବ୍ଲକର ୨୨ ପଞ୍ଚାୟତରେ ସମିତ ସଭ୍ୟ, ସରପଞ୍ଚ ଓ ୱାର୍ଡ ମେମ୍ବର ପଦ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହୃତ ପରେ ୫୦୦ ଜଣ ପ୍ରାର୍ଥୀ ନିର୍ବାଚନ ଲଢିବା ପାଇଁ କ୍ଷେତ୍ର ପ୍ରସ୍ତୁତ କରିବାରେ ଲାଗି ପଡିଛନ୍ତି। ବ୍ଲକର ୨୨ ପଞ୍ଚାୟତରେ ସମିତି ସଭ୍ୟ ପାଇଁ ୯୬ ଜଣ, ସରପଞ୍ଚ ପାଇଁ ୧୨୩ ଜଣ ଓ ୱାର୍ଡ ମେମ୍ବର ପାଇଁ ୨୮୧ ଜଣ ପ୍ରାର୍ଥୀ ନିର୍ବାଚନ ରଣକ୍ଷେତ୍ରରେ ନିଜ ଭାଗ୍ୟ ପରୀକ୍ଷା କରିବେ। ଫେବୃୟାରୀ ୨୦ ତାରିଖରେ କୋକସରା ବ୍ଲକରେ ମତଦାନ ହେବ। ଏହା ପୂର୍ବରୁ ସମିତି ସଭ୍ୟ, ସରପଞ୍ଚ ପ୍ରାର୍ଥୀ ମାନେ ନିଜ ନିଜ ପଞ୍ଚାୟତରେ ପ୍ରଚାର ପ୍ରସାର ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ତେବେ ବ୍ଲକର ୨୨ ଗ୍ରାମ ପଞ୍ଚାୟତରୁ ୧୧୯ ଜଣ ୱାର୍ଡ ମେମ୍ବର ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚନ ଜିତିଛନ୍ତି। ସମିତି ସଭ୍ୟ, ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କୁ ନିର୍ବାଚନରେ ଲଢିବା ପାଇଁ ନିର୍ବାଚନ ଚିହ୍ନ ମଧ ମିଳିଛି। ଏହି ଚିହ୍ନକୁ ନେଇ ସେମାନେ ନିଜର ସମର୍ଥକଙ୍କ ସହ ଗାଁ ଗାଁ ବୁଲି ଲୋକଙ୍କ ନିକଟରେ ପହଞ୍ଚି ନିଜ ସପକ୍ଷରେ ଭୋଟ ଦେବାକୁ ମନାଉଛନ୍ତି। ତେବେ ପଞ୍ଚାୟତ ନିର୍ବାଚନକୁ ନେଇ ଗାଁ ଗାଁ ରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି।

## ଲୋଇସିଂହା ବ୍ଲକ: ମତାଧିକାର ସାବ୍ୟସ୍ତ କରିବେ ୭୫,୨୩୬ ଭୋଟର

ଲୋଇସିଂହା,୨୯।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ ଫେବୟାରୀ ୧୮ ତାରିଖରେ ନିର୍ବାଚନ ହେବ। ଏଥିପାଇଁ ପ୍ରଶାସନିକସ୍ତରରେ ପ୍ରସ୍ତୁତି ଚାଲିଛି । ଅପରପକ୍ଷେ ବ୍ଲକର ୭୫ ହଜାର ୨୩୬ ଜଣ ଭୋଟର ୫୬୩ ଜଣ ପ୍ରାର୍ଥୀଙ୍କୁ ବାଛିବେ । ୨୩୯ଟି ବୁଥରେ ଭୋଟଦାନ ହେବ। ଏଠାରେ ୩୩ ଏବଂ ୩୪ନଂ ଦୁଇଟି ଜିଲା ପରିଷଦ ଜୋନ ରହିଛି। ୩୩ ନଂ ଜୋନରେ ୩୭ ହଜାର ୩୦୬ ଏବଂ ୩୪ ନଂ ଜୋନରେ ୩୭ ହଜାର ୩୭୦ ଭୋଟର ରହିଛନ୍ତି। ଗତ ୨୦୧୭ ନିର୍ବାଚନରେ ୬୬ ହଜାର୨୧୮ର ଭୋଟର ଥିଲେ । ୨୦୨୨ ତ୍ରିସ୍ତରୀୟ ନିର୍ବାଚନରେ ୮ ହଜାର ୮୧୮ ନୂତନ ଭୋଟର ତାଲିକରେ ସ୍ଥାନ ପାଇଛନ୍ତି। ଭୋଟ ପ୍ରତିଶତ ୧୦ ପ୍ରତିଶତ ବୃଦ୍ଧି ପାଇଥିବା ଜିପିଓ କିଶୋର ମାନସିଂ କହିଛନ୍ତି। ଚଳିତ ଥର ଲୋଇସିଂହା କଲେଜ ପରିସରରେ ଭୋଟ ଗଣତି ହେବ । ୩୩ ଜୋନ ପାଇଁ ଫେବୃୟାରୀ ୨୬ ଏବଂ ୩୪ ଜୋନ ପାଇଁ ଫେବୃୟାରୀ ୨୭ରେ ଗଣତି ହେବ ବୋଲି ସେ କହିଛନ୍ତି। ଅପରପକ୍ଷରେ ଜାନୁରାୟୀ ୨୬ତାରିଖରେ ପ୍ରଶାସନ ପକ୍ଷରୁ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ସାଙ୍ଗକୁ ନିର୍ବାଚନୀ ଚିହ୍ନ ଜାରି କରାଯିବା ପରେ ପ୍ରାର୍ଥିମାନେ ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି।

# ନିର୍ବାଚନ ମଇଦାନରେ ସ୍ୱାମୀ-ସ୍ତ୍ରୀ ଯୋଡି

ବଲାଙ୍ଗୀର ଅଫିସ, ୨୯।୧


ଗୋଲାପ ବାଗ।


ସରିତା ବାଗ।


ନିହାର ରଞ୍ଜନ ସ୍ୱାଇଁ।


ଶିଖା ଦଳବେହେରା।

ପଞ୍ଚାୟତ ନିର୍ବାଚନ ପ୍ରଚାର ଜମିଲାଣି। ଗାଁଗାଁରେ ଏବେ ସକାଳୁ ରାତି ଯାଏ ପ୍ରଚାର କାମ ଚାଲିଛି। ବଲାଙ୍ଗୀର ସଦର ବ୍ଲକ୍‌ର ୪ଟି ପଞ୍ଚାୟତରେ ଦୁଇ ସ୍ୱାମୀ-ସ୍ତ୍ରୀ ଯୋଡି ସମିତି ସଭ୍ୟ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଏହି ଦୁଇ ପରିବାର ବିଜେଡି ସହ ସମ୍ପୃକ୍ତ। ବଲାଙ୍ଗୀର ସଦର ବ୍ଲକ ଅଧକ୍ଷ ଥିବା ଗୋଲାପ ବାଗ ଚଳିତ ପଞ୍ଚାୟତ ନିର୍ବାଚନରେ ସଦାଇପାଲି ପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥୀଭାବେ ଠିଆ ହୋଇଛନ୍ତି। ବିଡିଘାଟ ପଞ୍ଚାୟତରୁ ତାଙ୍କ ସ୍ତ୍ରୀ ସରିତା ବାଗ ଏଥର ସମିତି ସଭ୍ୟା ପ୍ରାର୍ଥୀ ହୋଇଛନ୍ତି। ଗୋଲାପ ବାଗ ବିଜେଡିର ଜଣେ ଆଗଧାଡିର ନେତା। ବିଜେଡି ବଲାଙ୍ଗୀର ବିଧାୟକ ଆସନ ହରାଇବା ପରେ ସଦର ବ୍ଲକ ଅଧକ୍ଷ ଭାବେ ବାଗ ଦଳର ଉପସ୍ଥିତି ଜାହିର କରୁଥିଲେ। ସେ ଓ ତାଙ୍କ ସ୍ତ୍ରୀ ଉଭୟେ ଏବେ ସମିତି ସଭ୍ୟ ପ୍ରାର୍ଥୀ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ବିଜେଡିର ଅନ୍ୟ ଜଣେ ନେତା ହେଲେ ନିହାର ରଞ୍ଜନ ସ୍ୱାଇଁ। ସେ ଏବେ ସକ୍‌ମା ପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ତାଙ୍କ ସ୍ତ୍ରୀ ଶିଖା ଦଳବେହେରା ଶିକାଛିଡା ପଞ୍ଚାୟତରେ ସମିତି ସଭ୍ୟା ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ଶିକାଛିଡା ପଞ୍ଚାୟତରେ ପୂର୍ବରୁ ନିହାର ସମିତି ସଭ୍ୟଭାବେ ଜିତିଥିଲେ। ଚଳିତ ନିର୍ବାଚନରେ ବଲାଙ୍ଗୀର ସଦର ବ୍ଲକ ଅଧକ୍ଷ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ବିଜେଡିର ଏହି ସ୍ୱାମୀ-ସ୍ତ୍ରୀ ଯୋଡିରୁ କିଏ ସଫଳତା ହାସଲ କରିବ ତାହା ଉପରେ ଦଳର ବରିଷ୍ଠ ନେତାମାନେ ନଜର ରଖିଛନ୍ତି।


ଭାଜପା ଜିଲା ପରିଷଦ ପ୍ରାର୍ଥୀ ସମର୍ଥକଙ୍କ ଗହଣରେ ଭୋଟରଙ୍କ ନିକଟକୁ ଯାଇ ପ୍ରଚାର କରୁଛନ୍ତି ।

## କୋକସରା ଜୋନ୍ ୨: ଭାଜପା ପ୍ରାର୍ଥୀଙ୍କ ମାରାଥନ୍ ପ୍ରଚାର

କୋକସରା,୨୯।୧(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇ ସାରିଛି । ବିଭିନ୍ନ ଦଳର ପ୍ରାର୍ଥୀମାନେ ଦଳର ଆଭିମୁଖ୍ୟ ଓ ବିକାଶର ଚିତ୍ର ଦେଖାଇ ସମର୍ଥକଙ୍କ ଗହଣରେ ଭୋଟରଙ୍କ ନିକଟକୁ ଯାଇ ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳୁଛି। କଳାହାଣ୍ଡି ଜିଲାର ଏକ ପ୍ରମୁଖ ବ୍ଲକ ହେଉଛି କୋକସରା। ବ୍ଲକରେ ୩ ଜିଲା ପରିଷଦ ଜୋନ ରହିଛି। କୋକସରା ବ୍ଲକର ୨ ନମ୍ବର ଜୋନ କୋକସରା, ଟେମରା, ଲଡୁଗାଁ, ଗମ୍ଭାରୀଗୁଡା, ମାଝୀଗୁଡା ଓ ରେଙ୍ଗାଲପାଲି ପଞ୍ଚାୟତକୁ ନେଇ ରହିଛି। ଏହି ଜୋନରେ ଭାଜପାରୁ ଜନାର୍ଦ୍ଦନ ପଣ୍ଡା ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ଶନିବାର ଟେମରା ପଞ୍ଚାୟତ ଅଞ୍ଚଳରେ ସେ ନିଜ ପ୍ରଚାର ର ମଙ୍ଗ ସମର୍ଥକଙ୍କ ଗହଣ ରେ ଧରିଛନ୍ତି। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଓ କୋକସରା ଜୋନ ୨ପାଇଁ ବିକାଶର ଲକ୍ଷ୍ୟ କ'ଣ ରହିଛି ତାହାକୁ ନେଇ ସେ ଭୋଟରଙ୍କ ନିକଟରେ ପହଞ୍ଚି ଭୋଟ ଭିକ୍ଷା କରୁଛନ୍ତି। ତାଙ୍କ ସହ ଭାଜପା ନେତା ସୁଧୀର ପାତ୍ର, ଯତୀନ୍ଦ୍ର ମାଝୀ, ମିନିକେତନ ସାହୁ, ଉମେଶ ସୁନାନୀ, ରାଜେଶ ସତନାମି, ମଧୁସୂଦନ ବେଶ୍ରା, ଜୟଲାଲ ନାଏକ, ପ୍ରଶାନ୍ତ ସୁନାନୀ, ଲାଲୁ ନାଏକ ପ୍ରମୁଖ ଦଳୀୟ ସମର୍ଥକ ସାମିଲ ଥିବା ଦେଖିବାକୁ ମିଳିଥିଲା।

## ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ନରସିଂହ

ବଲାଙ୍ଗୀର ଅଫିସ, ୨୯।୧

ବଲାଙ୍ଗୀର ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନୀ ମଇଦାନକୁ ଓହ୍ଲାଇଛନ୍ତି। ପୁଇଁନ୍ତଲା ବ୍ଲକର ବିଭିନ୍ନ ଗ୍ରାମ ଗସ୍ତ କରି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଦୋମୁହାଁ ଓ ଜନବିରୋଧୀ ନୀତିକୁ କଡା ସମାଲୋଚନା କରିଥିଲେ। କୃଷି, ଜଳସେଚନ, ରାସ୍ତାଘାଟ, ଶିକ୍ଷାର ଉନ୍ନତି ତଥା ଯୁବକମାନଙ୍କୁ ରୋଜଗାରକ୍ଷମ ଓ ନାରୀ ସୁରକ୍ଷା ପାଇଁ ପୁଇଁତଲା ଜୋନ ୧୭ର କଂଗ୍ରେସ ଜିଲା ପରିଷଦ ପ୍ରାର୍ଥୀ ଶୁଭ୍ରାଂଶୁ ପଣ୍ଡାଙ୍କୁ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ଓ ପ୍ରାର୍ଥୀ ପଣ୍ଡାଙ୍କ ସହିତ ବ୍ଲକ ଅନ୍ତର୍ଗତ ସାଉଁନ୍ତପୁର, ପିପିର୍ଡା, ରାନୀକଟା, ଅଙ୍କରିଆପଦର, ଜାମଗାଁ, ଲୁକାପଡା ଓ ବିଲେଇସର୍ଡା ଆଦି ଗ୍ରାମର ଘର ଘର ବୁଲି ବିଧାୟକ ମିଶ୍ର ପ୍ରଚାର କରିଥିଲେ। ଶନିବାର ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ଯାଇ ଜୋନ ୨୨ର ସର୍ବାଙ୍ଗୀନ ଉନ୍ନତି ପାଇଁ ଜିଲା ପରିଷଦ ପ୍ରାର୍ଥୀ ଯଶୋବନ୍ତି ବଘାରଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଜିଲା ପରିଷଦ ପ୍ରାର୍ଥୀ ବଘାରଙ୍କ ସହ ସଦର ବ୍ଲକ ଅନ୍ତର୍ଗତ ଛତ୍ରିପାଲି, ଡୁଡକାଶିରା, ଝାଙ୍କରପାଲି, କୁଟୁମଡୋଲା, ସିଆଲବାହାଲି, ବାନ୍ଧନଘୋର, ହରିପାଲି, ଖୁଣ୍ଟପାଲି ଓ ହର୍ଡାଟାଲ ଆଦି ଗ୍ରାମ ବୁଲିଥିଲେ ବିଧାୟକ ମିଶ୍ର। ମିଶ୍ର କହିଥିଲେ ଯେ, ଉଭୟ ଶାସକ ସରକାର ନାରୀଙ୍କୁ ଉଚିତ ନ୍ୟାୟ ଦେଇ ପାରିନାହାନ୍ତି। ମମିତା ମେହେର ଭଳି ଘଟଣାକୁ ଉଲ୍ଲେଖ କରି କଡା ସମାଲୋଚନା କରିଥିଲେ। ଭାଜପା ଓ ବିଜେଡି ସରକାର ଚାଷୀଙ୍କ ଧାନରୁ ୫ରୁ ୧୦ କେଜି କଟନୀ ଛଟନି କରୁଥିବା କହିଥିଲେ।

# ନିର୍ବାଚନ ଲଢ଼ି ଜିତିଲେ ରାଜନୀତିରୁ ସନ୍ନ୍ୟାସ ନେବି

ଜୁନାଗଡ,୨୯।୧(ଡି.ଏନ୍.ଏ)


ଭାଜପାର ଖବରଦାତା ସମ୍ମିଳନୀରେ ନେତୃବୃନ୍ଦ ।

**ଟିଟୈଗୁଡା ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଘଟଣା**

■ଭାଜପାର ଖବରଦାତା ସମ୍ମିଳନୀ

■ଗୃହ ରାଷ୍ଟ୍ରମନ୍ତ୍ରୀଙ୍କୁ ପୂର୍ବତନ ମନ୍ତ୍ରୀଙ୍କ ଖୋଲା ଚ୍ୟାଲେଞ୍ଜ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଟିଟୈଗୁଡା ପଞ୍ଚାୟତ ସରପଞ୍ଚ ପରମେଶ୍ୱର ମେହେର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଘଟଣାକୁ ନେଇ ରାଜନୀତି ସରଗରମ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ବିଜେଡି ଓ ଭାଜପା ମଧ୍ୟରେ କଥା କଟାକଟି ଚାଲିଛି। ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଟିଟୈଗୁଡା ସରପଞ୍ଚଙ୍କୁ ବିଜେଡି ନିଜ ସମର୍ଥିତ ପ୍ରାର୍ଥୀ କହି ବିଜୟ ଉତ୍ସବ ମନାଇ ଭାଜପାକୁ ଟାର୍ଗେଟ କରିଛି। ଏପରି କି ଭବାନୀପାଟଣା ଭାଜପା ବିଧାୟକ ତଥା ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ହିମାଂଶୁ ଶେଖର ମେହେରଙ୍କ ନିଜ ପଞ୍ଚାୟତରେ ବିଜେଡିର ବିଜୟୀ ବୋଲି ଉଭୟଙ୍କୁ କଟାକ୍ଷ କରିଛି ବିଜେଡି।

ଯାହାକୁ ନେଇ କିଛି ନିର୍ଦ୍ଦିଷ୍ଟ ଛାପା ଗଣମାଧମ ଓ ବୈଦ୍ୟୁତିକ ଗଣମାଧମରେ ମଧ ଖବର ପ୍ରସାରିତ ହୋଇଛି। ଏହି ଘଟଣାକୁ ଦୃଢ ନିନ୍ଦା କରିବା ସହ ଗଣତନ୍ତ୍ରକୁ ବିଜେଡି ହତ୍ୟା କରିଛି ବୋଲି କଳାହାଣ୍ଡି ଜିଲା ଜୁନାଗଡ ଦଳୀୟ କାର୍ଯ୍ୟାଳୟରେ ଶନିବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀ କରି ପ୍ରତିବାଦ ଜଣାଇଛି ଭାଜପା। ଏଥିରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ଯୋଗଦେଇ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ଓ ସମିତିସଭ୍ୟ ନିର୍ବାଚନ କୌଣସି ଦଳୀୟ ଚିହ୍ନରେ ହୋଇ ନ ଥାଏ। ସେଥିପାଇଁ ଭାଜପାର ଏଥିରେ କୌଣସି ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ। ସେହିପରି ମମିତା ମେହେର ହତ୍ୟା ଘଟଣାକୁ ଏଡାଇବା ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କୁ ବଞ୍ଚାଇବା ପାଇଁ ବିଜେଡି ଏମିତି ହୀନ ରାଜନୀତି କରୁଛି। ବିପକ୍ଷ ପ୍ରାର୍ଥୀଙ୍କୁ ଅର୍ଥ ବଳ,ବାହୁବଳ ଦେଖାଇ ଭୟଭୀତ କରି ତାଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରିବାକୁ ବାଧ କରାଯାଇଛି। ଯଦ୍ୱାରା ବିଜେଡି ସମର୍ଥିତ କହୁଥିବା ଟିଟୈଗୁଡା ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଯଦି ସାହାସ ଅଛି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଟିଟୈଗୁଡା ସରପଞ୍ଚ ପରମେଶ୍ୱର ମେହେର ତାଙ୍କ ପଦବୀରୁ ଇସ୍ତଫା ଦେଇ ଆଉ ଥରେ ନିର୍ବାଚନ ଲଢନ୍ତୁ ଯଦି ସେ ଜିତିଯିବେ, ମୁଁ ରାଜନୀତିରୁ ସନ୍ନ୍ୟାସ ନେବି ବୋଲି ଗୃହରାଷ୍ଟ୍ର ମନ୍ତ୍ରୀ ମିଶ୍ରଙ୍କୁ ପୂର୍ବତନ ମନ୍ତ୍ରୀ ମେହେର ଖୋଲା ଚ୍ୟାଲେଞ୍ଜ କରିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମେହେର, ଜିଲା ପୌରାଞ୍ଚଳ ସଂଯୋଜକ ମୁକେଶ ଅଗ୍ରୱାଲ, ବ୍ଲକ ଉପାଧକ୍ଷ ଟଙ୍କଧର ନାଏକ, ପୂର୍ବତନ ନଗର ସଭାପତି କାଳିନ୍ଦ୍ରୀ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ,ଟିଟୈଗୁଡା ସରପଞ୍ଚ ପଦବୀ ପାଇଁ ଚଳିତ ପଞ୍ଚାୟତ ନିର୍ବାଚନରେ ପରମେଶ୍ୱର ମେହେର ଓ ହେମନ୍ତ ମେହେର ୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ତେବେ ହେମନ୍ତ ପ୍ରାର୍ଥୀପତ୍ର ପତ୍ୟାହାର କରିବାର ଶେଷ ଦିନରେ ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରି ନେଇଥିଲେ। ଫଳରେ ପରମଶ୍ୱରେ ନିର୍ଦ୍ୱନ୍ଦ୍ୱରେ ଟିଟୈଗୁଡା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୩୦ ଜାନୁୟାରୀ, ୨୦୨୨



## ୧୧ବର୍ଷ ପରେ ଅଭିଯୁକ୍ତ ଗିରଫ

ପଦ୍ମପୁର,(ଡି.ଏନ.ଏ): ୧୧ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ବରଗଡ଼ ଜିଲା ପଦ୍ମପୁର ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରଜାପଡାର ସୁନୀଲ ଖର୍ସେଲଙ୍କୁ । ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁସାରେ, ସୁନୀଲ ୨୦୦୩ରେ ଏକ ଅବକାରୀ ଏବଂ ୨୦୧୦ରେ ଏକ ଡକାୟତି ମାମଲାରେ ସମ୍ପୃକ୍ତ ଥାଇ ଫେରାର ହୋଇଯାଇଥିଲେ। ପୋଲିସ ତାଙ୍କୁ ଖୋଜାଖୋଜି କରିଥିଲେ ମଧ ଟେର ପାଇ ନ ଥିଲେ। ଅଭିଯୁକ୍ତ ଜଣକ ସୋନପୁରରେ ଥିବା ଖବର ପାଇବାପରେ ଥାନାଧିକାରୀ ରାଜେନ୍ଦ୍ର ସିଅଲ ଏକ ପୋଲିସ ଟିମ୍ ସେଠାକୁ ପଠାଇଥିଲେ। ଉକ୍ତ ଟିମ୍ ସୋନପୁରରେ ଚଢାଉ କରି ଅଭିଯୁକ୍ତ ସୁନୀଲଙ୍କୁ ଗିରଫ କରିଥିଲା।

# ମଇଦାନରେ ୩୯୯ ସରପଞ୍ଚ, ୩୫୦ସମିତି ସଭ୍ୟ ପ୍ରାର୍ଥୀ

## ସୁବର୍ଣ୍ଣପୁର ଜିଲାରେ ପଞ୍ଚାୟତ ନିର୍ବାଚନ



■ ୫ ସରପଞ୍ଚ, ୧୧ ସମିତି ସଭ୍ୟ, ୭୭୨ ୱାର୍ଡ ସଭ୍ୟ ନିର୍ଦ୍ୱନ୍ଦ୍ୱ

ସୋନପୁର,୨୯।୧(ନି.ପ୍ର.)

ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ପଞ୍ଚାୟତ ନିର୍ବାଚନ ପାଇଁ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ସୁବର୍ଣ୍ଣପୁର ଜିଲାର ୬ଟି ବ୍ଲକର ୧୦୯ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ୧୪୬୨ଟି ୱାର୍ଡସଭ୍ୟ ପଦବୀ ପାଇଁ ନିର୍ବାଚନ ହେଉଛି। ନିର୍ବାଚନ ମଇଦାନରେ ଥିବା ପ୍ରାର୍ଥିନୀ ଓ ପ୍ରାର୍ଥୀମାନେ ନିର୍ବାଚନ କମିଶନଙ୍କ କଟକଣା ଭିତରେ ମତଦାତାଙ୍କୁ ନିଜ ସପକ୍ଷକୁ ଆଣିବା ପାଇଁ ପ୍ରଚାରକୁ ଜୋରଦାର କରିଛନ୍ତି। ଜିଲାର ମୋଟ ୪ ଲକ୍ଷ ୨୭ ହଜାର ୭୨୭ ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ନିର୍ବାଚନ ମଇଦାନରେ ଜିଲାର ୩୯୯ ସରପଞ୍ଚ, ୩୫୦ ସମିତି ସଭ୍ୟ ଓ ୫୮୩ ୱାର୍ଡସଭ୍ୟ ପ୍ରାର୍ଥୀ ରହିଛନ୍ତି। ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଜିଲାର ୫ ଜଣ ସରପଞ୍ଚ, ୧୧ ସମିତି ସଭ୍ୟ ଓ ୭୭୨ ୱାର୍ଡ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି।

୧୭ ପଞ୍ଚାୟତ ବିଶିଷ୍ଟ ଉଲୁଣ୍ଡା ବ୍ଲକରେ ମୋଟ ୪୧୯ ୱାର୍ଡସଭ୍ୟ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ୯ଟି ଖାରଜ ହୋଇଥିଲା। ୪୧୦ କାଏମ ପ୍ରାର୍ଥିପତ୍ର ମଧ୍ୟରୁ ୩୭ ଜଣ ନାମାଙ୍କନ ପ୍ରତ୍ୟାହାର କରି ନେଇଥିଲେ। ୧୦୧ ୱାର୍ଡରେ ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏହି ବ୍ଲକରେ ୱାର୍ଡ ସଭ୍ୟ ପାଇଁ ୨୭୨ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ସେହିପରି ସମିତି ସଭ୍ୟ ପାଇଁ ୫୨ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉଲୁଣ୍ଡା, ମହଦା ଓ ମୁଣ୍ଡୋଘାଟ ପଞ୍ଚାୟତ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସରପଞ୍ଚ ପଦ ପାଇଁ ୬୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏସ ପତ୍ରାପାଲି ଓ ଚଡେଇପଙ୍କ ପଞ୍ଚାୟତ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୨୬ପଞ୍ଚାୟତ ବିଶିଷ୍ଟ ଡୁଙ୍ଗୁରିପାଲି ବ୍ଲକରେ ୨୯୬ ୱାର୍ଡ ସଭ୍ୟାସଭ୍ୟ ପଦବୀ ପାଇଁ ନିର୍ବାଚନ ହେଉଛି। ବ୍ଲକର ୧୭୨ୱାର୍ଡସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୭୪ ସମିତି ସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ବ୍ଲକର ଅନ୍ଧାରିବାଞ୍ଜି, ବାଙ୍କିପାଲି, ବୈଦୁପାଲି ଓ ରାମପୁର ପଞ୍ଚାୟତର ସମିତି ସଭ୍ୟାସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେହିପରି ୧୦୬ ସରପଞ୍ଚ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୧ପଞ୍ଚାୟତ ବିଶିଷ୍ଟ ତରଭା ବ୍ଲକରେ ୱାର୍ଡସଭ୍ୟ ପାଇଁ ୧୪୫ ପ୍ରାର୍ଥିନୀ ଓ ପ୍ରାର୍ଥୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ୧୭୯ ୱାର୍ଡରେ ୱାର୍ଡସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମିତି ସଭ୍ୟ ପାଇଁ ୬୩ ପ୍ରାର୍ଥୀ ରହିଛନ୍ତି। ବ୍ଲକର ଝାରତରଭା ଓ କମସରା ପଞ୍ଚାୟତର ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସରପଞ୍ଚ ପାଇଁ ୫୩ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଶିବତୁଲା ଓ ତୁଲୁଣ୍ଡା ପଞ୍ଚାୟତର ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୧୬ ପଞ୍ଚାୟତ ବିଶିଷ୍ଟ ବିନିକା ବ୍ଲକରେ ୨୫୩ ଜଣ ପ୍ରାର୍ଥୀ ୱାର୍ଡସଭ୍ୟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୮୧ ଜଣ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଛନ୍ତି। ସମିତି ସଭ୍ୟ ପାଇଁ ୬୩ ଜଣ ଓ ସରପଞ୍ଚ ପାଇଁ ୭୫ ପ୍ରାର୍ଥୀ ରଣାଙ୍ଗନରେ ରହିଛନ୍ତି। ୧୫ ପଞ୍ଚାୟତ ବିଶିଷ୍ଟ ବୀରମହାରାଜପୁର ବ୍ଲକରେ ୨୧୪ ପ୍ରାର୍ଥୀ ରହିଛନ୍ତି। ୧୪୩ ୱାର୍ଡ ସଭ୍ୟ ନିର୍ଦ୍ୱନ୍ଦ୍ୱରେ ହୋଇଛନ୍ତି। ସମିତି ସଭ୍ୟ ପାଇଁ ୫୬ ପ୍ରାର୍ଥୀନୀ ପ୍ରାର୍ଥୀ, ସରପଞ୍ଚ ପାଇଁ ୫୫ ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସୁବଳୟା ଓ ଲୁଡୁରପଙ୍କ ପଞ୍ଚାୟତ ସମିତି ସଭ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୧୪ ପଞ୍ଚାୟତ ବିଶିଷ୍ଟ ସୋନପୁର ବ୍ଲକରେ ୱାର୍ଡ ସଭ୍ୟ ପାଇଁ ୧୭୮ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ୯୬ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସମିତି ସଭ୍ୟ ପାଇଁ ୪୪ ଓ ସରପଞ୍ଚ ପାଇଁ ୫୧ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। କଳାପଥର ପଞ୍ଚାୟତର ଜଣେ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟପକ୍ଷେ ଜିଲାର ୭୮ୱାର୍ଡରେ ୱାର୍ଡସଭ୍ୟ ପାଇଁ କୌଣସି ନାମାଙ୍କନ ପତ୍ର ଦାଖଲ ହୋଇନାହିଁ। ତେଣୁ ସାନି ନିର୍ବାଚନ ବିଜ୍ଞପ୍ତି ଜାରି ହୋଇଛି। ଆଶାୟୀ ପ୍ରାର୍ଥୀମାନେ ଧାର୍ଯ୍ୟ ତାରିଖ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରିବାକୁ କୁହାଯାଇଛି।

## ସଂକ୍ଷେପରେ

### ତହସିଲ ନିର୍ମାଣ ଲାଗି ଚିହ୍ନଟ ସ୍ଥାନକୁ ନେଇ ପ୍ରତିବାଦ

**ମହାବିଦ୍ୟାଳୟକୁ ଦେବାକୁ ଦାବି କଲା ଜିଲା ଭାଜପା**

**ବୌଦ୍ଧ,୨୯।୧(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ରାଜନୀତି ଉଷ୍ମ ହେବାରେ ଲାଗିଥିବା ବେଳେ ବର୍ତ୍ତମାନ ସଦର ମହକୁମାରେ ତହସିଲ କାର୍ଯ୍ୟାଳୟ ନିର୍ମାଣ ପାଇଁ ଜାଗା ଚିହ୍ନଟକୁ ନେଇ ଜିଲା ଭାଜପା ପକ୍ଷରୁ ପ୍ରତିବାଦ ଆରମ୍ଭ ହୋଇଛି । ତହସିଲ କାର୍ଯ୍ୟାଳୟ ପାଇଁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ପାର୍ଶ୍ୱବର୍ତ୍ତୀ ମାଉସୀ ମା' ମନ୍ଦିର ନିକଟରେ ଜାଗା ଚିହ୍ନଟ କରି ସାଇନ ବୋର୍ଡ ଲାଗିବା ପରେ ଜିଲା ଭାଜପା ପକ୍ଷରୁ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲା ଭାଜପା କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ପ୍ରେସ ବିଜ୍ଞପ୍ତି ଅନୁଯାୟୀ ଜିଲାରେ ତୁରନ୍ତ ମାଷ୍ଟର ପ୍ଲାନ ଲାଗୁ କରାଯିବା ସହିତ ସଂପୃକ୍ତ ସ୍ଥାନରେ ତହସିଲ କାର୍ଯ୍ୟାଳୟ ନିର୍ମାଣ ନ ହୋଇ ଉଚ୍ଚଶିକ୍ଷାର ନୂତନ ଭିତ୍ତିଭୂମି ନିର୍ମାଣ ପାଇଁ ପଦକ୍ଷେପ ନିଆଯିବାକୁ ଦାବି କରାଯାଇଛି। ବୌଦ୍ଧ ଜିଲାରେ ଅନେକ ବିକାଶମୂଳକ କାର୍ଯ୍ୟ ଜାରି ରହିଥିଲେ ହେଁ ଶିକ୍ଷାର ଭିତ୍ତିଭୂମି ସୃଷ୍ଟିରେ ଏହି ଜିଲା ଅନ୍ୟ ଜିଲା ତୁଳନାରେ ବହୁ ପଛରେ ପଡିଛି। ଜିଲାରେ ଯେତେ ସଂଖ୍ୟାରେ ଛାତ୍ରୀଛାତ୍ର ମାଟ୍ରିକ ପାଶ କରୁଛନ୍ତି ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ଜିଲାରେ ମହାବିଦ୍ୟାଳୟ ନାହିଁ। ଫଳରେ ପ୍ରତିବର୍ଷ ପ୍ରାୟ ୪ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଜିଲା ବାହାରକୁ ଉଚ୍ଚ ଶିକ୍ଷା ପାଇଁ ଯାଉଛନ୍ତି। ତେଣୁ ଉକ୍ତ ଜମିକୁ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟକୁ ହସ୍ତାନ୍ତର କରାଯିବାକୁ ଜିଲା ଭାଜପା ପକ୍ଷରୁ ଦାବି କରାଯିବା ସହିତ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିରୁ ଆବଶ୍ୟକ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### କେନାଲରେ ଖସିପଡ଼ିବାରୁ ଶିଶୁପୁତ୍ର ମୃତ

ବରଗଡ଼ ଅଫିସ୍,୨୯।୧: ବରଗଡ଼ ସଦର ଥାନା ଅନ୍ତର୍ଗତ ଗୁଡ଼େଶିରା ନିକଟ କେନାଲରେ ଭାସି ଶନିବାର ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁ ଜଣକ ଛତିଶଗଡ଼ ରାଜ୍ୟ ରାମଣ୍ଡି ଗ୍ରାମର ଭରତ ଖଣ୍ଡେଙ୍କ ପୁଅ ସାହିଲ(ଦେଢ଼ବର୍ଷ) ବୋଲି ଜଣାପଡ଼ିଛି। ଏ ନେଇ ସଦର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ପ୍ରକାଶ ଯେ, ଭରତ କିଛିଦିନ ତଳେ ଇଟାଗଡ଼ା କାର୍ଯ୍ୟ ପାଇଁ ଛତିଶଗଡ଼ରୁ ବରଗଡ଼ ଆସିଥିଲେ ଏବଂ ସେ ଗୁଡ଼େଶିରା ଅଞ୍ଚଳରେ ସପରିବାର ରହୁଥିଲେ। ଶନିବାର ପୁଅ ସାହିଲଙ୍କୁ ଧରି ସେ ନିକଟ କେନାଲକୁ ଆସିଥିଲେ। ଭରତ ଦାନ୍ତ ଘଷୁଥିବାବେଳେ ତାଙ୍କ ଅଜ୍ଞାତରେ ସାହିଲ କେନାଲ ଭିତରକୁ ଖସି ପଡ଼ିଥିଲେ। କିଛି ସମୟ ପରେ ପୁଅ କେନାଲରେ ଭାସୁଥିବା ସେ ଦେଖିବାକୁ ପାଇଥିଲେ। ସେଠାରୁ ଉଦ୍ଧାର କରି ତାଙ୍କୁ ବରଗଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ ।

### ଆଦିବାସୀଙ୍କ ସରକାର ବିରୋଧୀ ଅଭିଯାନ

**ନୂଆପଡ଼ା ଅଫିସ୍,୨୯।୧:** ନୂଆପଡା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ସରକାର ବିରୋଧି ଅଭିଯାନ ମେଳି ଅନୁଷ୍ଠିତ ହୋଇଯାଇଛି। ଶନିବାର ସିଆଲଲଟି ପଞ୍ଚାୟତଠାରେ ଭକ୍ତବନ୍ଧୁ ଧରୁଆଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିଥି ଭାବରେ ଜୟରାମ ଶବର ଓ ଆଦିବାସୀ କଲ୍ୟାଣ ସଂଘ ସାଧାରଣ ସମ୍ପାଦକ ବାଲକୃଷ୍ଣ ଶବର ମୁଖ୍ୟବକ୍ତା ଭାବରେ ଯୋଗଦାନ କରିଥିଲେ। ସିଆଲଲଟି ସରପଞ୍ଚ ରୁଦ୍ରସିଂ ମାଝି, ନୀଳ ବରିହା, ଦୁର୍ଗା ନାଏକ, କପଟ ମାଝି, ଭୋଲାନାଥ ମାଝି, ବଚନ ଧରୁଆ, ଗୌରଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଚଳିତ ପଞ୍ଚାୟତ ନିର୍ବାଚନରେ ଆଦିବାସୀମାନଙ୍କର ସଂରକ୍ଷଣ ଆସନକୁ ସରକାର ଅସାମ୍ବିଧାନିକ ଭାବରେ ଉଚ୍ଛେଦ କରିଛନ୍ତି। ସରକାର ଆଦିବାସୀଙ୍କୁ ମୂଳପୋଛ ପାଇଁ ଯେଉଁ ନୀତି ଅବଲମ୍ବନ କରୁଛନ୍ତି ତାହା ବିରୋଧରେ ସେମାନେ ଭୋଟ ମାଧ୍ୟମରେ ଜବାବ ଦେବାକୁ ଚେତାବନୀ ଦେଇଛନ୍ତି।

# ଜିଲାର ବିକାଶ ଲାଗି ଜନସାଧାରଣଙ୍କୁ ସାମିଲ କରାଯାଉ

ବୌଦ୍ଧ,୨୯।୧(ସ୍ୱ.ପ୍ର.)

ବୌଦ୍ଧ ଜିଲାର ସମସ୍ତ ଉନ୍ନୟନ ପ୍ରକଳ୍ପ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୋଜନାବଦ୍ଧ ଭାବେ କରାଯିବାକୁ ନବଗଠିତ ବୁଦ୍ଧିଜୀବୀ ଫୋରମ ପକ୍ଷରୁ ପ୍ରଶାସନକୁ ନିବେଦନ କରାଯାଇଛି। ଏହାସହିତ ଉନ୍ନୟନ କାର୍ଯ୍ୟରେ ଜନସାଧାରଣଙ୍କୁ ସାମିଲ କରାଯାଇ ମତାମତ ନିଆଯିବାକୁ ପରାମର୍ଶ ଦିଆଯାଇଛି। ଜିଲାର ବିକାଶ ପାଇଁ ଶନିବାର ପଥପ୍ରାନ୍ତ ସାଧନ କେନ୍ଦ୍ରଠାରେ ବୁଦ୍ଧିଜୀବୀ ଫୋରମ୍‌ର ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରର ବୁଦ୍ଧିଜୀବୀମାନେ ଯୋଗ ଦେଇଥିଲେ ।

ପ୍ରକାଶ ଯେ, ବୌଦ୍ଧ ଜିଲା ଗଠନ ହେବାର ୨୮ବର୍ଷ ବିତିଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ମୁଖ୍ୟ ସହରର ମାଷ୍ଟର ପ୍ଲାନ ଚୂଡାନ୍ତ ହୋଇପାରିନାହିଁ । ତେଣୁ ତୁରନ୍ତ ଜିଲାର ମାଷ୍ଟର ପ୍ଲାନ କରାଯାଉ ବୋଲି ବୈଠକରେ ଦାବି କରାଯାଇଥିଲା। ମାଷ୍ଟର ପ୍ଲାନ ନ ଥିବାରୁ ସହରର ଉନ୍ନତିରେ ବାଧା ଦେଖାଯାଉଥିବା ଅଭିଯୋଗ କରାଯାଇଥିଲା। ସେହିପରି ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟର ଉନ୍ନତୀକରଣ ପାଇଁ ଜିଲା ପ୍ରଶାସନ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପତ୍ର ଦେବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୌଦ୍ଧ ସହରର କେନ୍ଦ୍ରସ୍ଥଳରେ ରହିଥିବା ଗଡଖାଇର ପୁନରୁଦ୍ଧାର ଓ ଭୈରବୀ ମନ୍ଦିରର ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯିବାକୁ ନିବେଦନ କରାଯାଇଛି । ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାର ବ୍ୟବସ୍ଥା କରାଯିବା ନେଇ ମଧ ଆଲୋଚନା ହୋଇଥିଲା। ବୈଠକରେ ଶିକ୍ଷାବିତ୍ ଗୁରୁପ୍ରସାଦ ଦାଶ, ଅବସରପ୍ରାପ୍ତ ଅଧକ୍ଷ ଡମ୍ବରୁଧର ଭୋଇ, ସନ୍ତୋଷ କୁମାର ପୁରୋହିତ, ସୂର୍ଯ୍ୟକାନ୍ତ ଦଳବେହେରା, ପ୍ରତାପ କୁମାର ସାହୁ, ଫଣୀଭୂଷଣ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପୁରୋହିତ, ଅକ୍ଷୟ କୁମାର ମହାନ୍ତି, ଦେବାଶିଷ ପୁରୋହିତ ପ୍ରମୁଖ ଯୋଗ ଦେଇ ମତ ରଖିଥିଲେ।

# କେନ୍ଦୁଝର ତ୍ରିବେଣୀ ମାଇନ୍ସ ଚାମ୍ପିୟନ

ଅମରପାଲି,୨୯।୧(ଡି.ଏନ.ଏ.)



ଚାମ୍ପିୟନ କେନ୍ଦୁଝର ଦଳକୁ ପୁରସ୍କୃତ କରାଯାଉଛି।

**ନାରାୟଣୀ ଭଲିବଲ ଟୁର୍ନାମେଣ୍ଟ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଯାଲୋଏଠାରେ ପଲ୍ଲୀ ସେବା ଯୁବକ ସଂଘ ଆନୁକୂଲ୍ୟରେ ୪ର୍ଥ ନାରାୟଣୀ ଭଲିବଲ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ କେନ୍ଦୁଝରର ତ୍ରିବେଣୀ ମାଇନ୍ସ ଦଳ ବରଗଡର ବାଞ୍ଜିପାଲି ଦଳକୁ ୨–୧ସେଟରେ ପରାସ୍ତ କରି ଚାମ୍ପିୟନ ଘୋଷିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଝସକେତନ ବଘାର, କୃତ୍ତିବାସ ମିଶ୍ର, ନାରାୟଣ ଲୁହା ଯୋଗଦେଇଥିଲେ। ସଂଘ ସଭାପତି ରାଧାକାନ୍ତ ସେଠୀ, ସମ୍ପାଦକ ରାମେଶ୍ୱର ସେଠୀ, ମାର୍ଗଦର୍ଶକ ଅବସରପ୍ରାପ୍ତ ଶିକ୍ଷକ ବୁଧୁରାମ ତ୍ରିପାଠୀ ଓ ସୁଗନ୍ଧରାଜ ଅଗରବତୀ ମାଲିକ ଟିଙ୍କିଲ ମିଶ୍ର ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସୋନପୁରର ହରିଓଁ ମେଲୋଡି ଦ୍ୱାରା ସମ୍ବଲପୁରୀ ଅର୍କେଷ୍ଟ୍ରା ପରିବେଷିତ ହୋଇଥିଲା। ଦ୍ୱିତୀୟ ଦିବସରେ ରଘୁନାଥ ଜଗଦଲା, ବାସୁଦେବ ମିଶ୍ର, ଅରବିନ୍ଦ ବାରିକ, ସମାଜସେବୀ ଶ୍ରୀବତ୍ସ ମଲ୍ଲିକ ଯୋଗଦେଇ ଉଭୟ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଅନୁଷ୍ଠିତ ଲିଗ ମ୍ୟାଚ ଗୁଡିକରେ ନିମନ୍ତ୍ରିତ ଅତିଥି ଭାବେ ଧୀରେନ୍ଦ୍ର ବାଘ, ଶିବରାମ ମିଶ୍ର, ଶତ୍ରୁଘନ ବଘାର, ଶଙ୍କର୍ଷଣ ଦଳେଇ, ରିଙ୍କୁ ଜାଲ, ଗୀତାଞ୍ଜଳି ସାହୁ, ନିବେଦିତା ମିଶ୍ର, ସୁବାଷ ଭୋଇନା, ଚରଣ ନାୟକ, ନୃସିଂହ ପାଣିଗ୍ରାହୀ, ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ବିତରଣ କରିଥିଲେ। ସୁଶାନ୍ତ ସାହୁ, ହୃଦାନନ୍ଦ ଭୋଇ ଓ ଦେବାଶିଷ ପଣ୍ଡା ଖେଳ ପରିଚାଳନା କରିଥିଲେ। ଶ୍ରୀବନ୍ତ ତ୍ରିପାଠୀ ଓ ସନ୍ତୋଷ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପଲ୍ଲୀ ସେବା ଯୁବକ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ଅକ୍ରୁର ମେହେର, ଧନି ଜାଲ, ବାବୁଲୁ ରଣା ଓ ଧନଞ୍ଜୟ ମେହେରଙ୍କୁ ସମ୍ମାନିତ କରାଯାଇଥିଲା।

# ବାଉଁଶୁଣୀ କ୍ରିକେଟ ଲିଗ୍ , ଲୁସି ପାୱାର ହିଟର ଓ ଟ୍ରଫି ଫାଇଟର ବିଜୟୀ

ବାଉଁଶୁଣୀ,୨୯।୧(ଡି.ଏନ.ଏ.)

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳପଡିଆ ଠାରେ ଆୟୋଜିତ ବାଉଁଶୁଣୀ କ୍ରିକେଟ ଲିଗ୍‌ର ଦ୍ୱିତୀୟ ଦିନ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିନ ମ୍ୟାଚରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରସାନନ୍ଦ ମହାଲିକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ମେହେର, ଅଶ୍ୱିନୀ ସାହୁ, ହେମକାନ୍ତ ମେହେର, ବନମାଳୀ ମେହେର, ଶେଷଦେବ ମେହେର, ତ୍ରିଲୋଚନ ମେହେର ଯୋଗ ଦେଇଥିଲେ। ଦ୍ୱିତୀୟ ଦିନର ପ୍ରଥମ ମ୍ୟାଚ ବ୍ଲାଷ୍ଟର ଇଲେଭେନ ଓ ଲୁସି ପାୱାର ହିଟର ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ଲାଷ୍ଟର ଇଲେଭେନ ଦଳ ବ୍ୟାଟିଂ କରି ୧୦ ଓଭରରେ ୭୮ ରନ କରିଥିଲେ । ଜବାବରେ ୭୯ ରନ କରି ଲୁସି ପାୱାର ହିଟର ଦଳ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ଟ୍ରଫି ଫାଇଟର ଓ ୟୁନିକନ ଇଲେଭେନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟ୍ରଫି ଫାଇଟର ଦଳ ୯୫ ରନ କରିଥିଲେ। ଜବାବରେ ୟୁନିକନ ଇଲେଭେନ ୯୪ ରନ କରି ପରାଜୟ ହୋଇଥିଲେ। ଆଜିର ଖେଳରେ ମ୍ୟାନ ଅଫ ଦି ମ୍ୟାଚ ରୋହିତ ମେହେର ଓ ଗୁରୁ ଦେହୁରୀଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ହେମକାନ୍ତ ମେହେର, କୈଳାସ ସେଠୀ, ଖଗେଶ୍ୱର ମେହେର, ରାଜା ଦାସ, ରଞ୍ଜିତ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ।



ବିଜୟୀ ଦଳ ସହ ମୁଖ୍ୟ ଅତିଥି।

# କ୍ରିକେଟ: ସେମିରେ ବାଲିପଟା

ପଦ୍ମପୁର, ୨୮।୧ (ଡି.ଏନ.ଏ)

ବରଗଡ ଜିଲା ପଦ୍ମପୁର ନିକଟସ୍ଥ ବାଦିମାଲଠାରେ ଏମ୍‌ଏଲ୍‌ସିସି ପକ୍ଷରୁ ଆୟୋଜିତ ୧୮ତମ ପୃଥ୍ୱୀରାଜ ଓ ଚିତ୍ତ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିନ ଖେଳରେ ସର୍ଗିପାଲି ଓ ବାଲିପଟା ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବାଲିପଟା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ଗୋଟିଏ ଉଇକେଟ ହରାଇ ୧୨୧ ରନ୍ ସଂଗ୍ରହ କରିଥିଲା। ଜବାବରେ ସର୍ଗିପାଲି ଦଳ ୬ ଓଭରରେ ୫ ଉଇକେଟ ହରାଇ ମାତ୍ର ୪୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ନକୁଳ ଗିଙ୍ଗରା, ମନିଷ, ରଜନୀକାନ୍ତ ବାଗ ଓ ରାଜୁ ମେହେର ଅତିଥି ଭାବେ ଯୋଗଦେଇ ବାଲିପଟା ଦଳର ନରେଶଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ରବିବାର ଟୁର୍ନାମେଣ୍ଟର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।

# କ୍ରିକେଟ: ବିନଦାସ ବଏ ସେମିକୁ ଉନ୍ନୀତ

ପାଇକମାଳ, ୨୯।୧(ଡି.ଏନ.ଏ)

ପାଇକମାଳରେ ଚାଲିଥିବା ଚାନ୍ଦିନୀ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଚତୁର୍ଥ ଦିବସରେ ନିଳଜିପତରା ଓ ବିନଦାସ ବଏ ପାଟଣାଗଡ଼ ମଧ୍ୟରେ ମ୍ୟାଚ୍ ହୋଇଥିଲା। ପ୍ରଥମେ ବିନଦାସ ବଏ ଦଳ ଟସ୍ ଜିତି ବ୍ୟାଟିଂ କରି ୭ ଓଭରରେ ଗୋଟିଏ ଉଇକେଟ୍ ବିନିମୟରେ ୧୫୬ ରନ କରିଥିଲା। ଜବାବରେ ନିଳଜିପତରା ଦଳ ୭ ଓଭରରେ ୭ ଉଇକେଟ୍ ହରାଇ ୮୬ ରନ କରି ପରାଜିତ ହୋଇଥିଲା। ଫଳରେ ବିନଦାସ ବଏ ଦଳ ଦ୍ୱିତୀୟ ସେମିଫାଇନାଲକୁ ଉନ୍ନୀତ ହୋଇଛି । ବୁକୁରାମୁଣ୍ଡା ପଞ୍ଚାୟତ ହାଇସ୍କୁଲର ହିନ୍ଦୀ ଶିକ୍ଷକ ଫକିର ମୋହନ ସାହୁ ମୁଖ୍ୟଅତିଥି ଓ ରେନବୋ କ୍ରିକେଟ ଆସୋସିଏଶନର ପ୍ରଥମ ଅଧିନାୟକ ସୁରେଶ ମଶି ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଅମ୍ପାୟାର ଦିଲୀପ ବାରିକ, ସୁବାଷ ସାହୁ, ଚନ୍ଦନ ବାରିକ ଓ ଅଶ୍ୱିନୀ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଆସନ୍ତା ସୋମବାର ନେହେରୁ ସ୍ପୋର୍ଟିଂ ପଦ୍ମପୁର ଓ ଲୁହାରପାଲି ଦଳ ମଧ୍ୟରେ ପ୍ରଥମ ସେମିଫାଇନାଲ ଏବଂ ବିନ୍ଧ୍ୟବାସିନୀ ସ୍ପୋର୍ଟିଂ ଭେଉଁରିଆ ଓ ବିନଦାସ ବଏ ପାଟଣାଗଡ଼ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆରସିଏ ସଭାପତି ରମେଶ ଭୋଇ ଜଣାଇଛନ୍ତି ।

# ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଲେ ମନ୍ତ୍ରୀ

ଅମରପାଲି,୨୯।୧(ଡି.ଏନ.ଏ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଶନିବାର ବୀରମହାରାଜପୁର ବିଧାୟକ ତଥା ରାଜ୍ୟ ବାଣିଜ୍ୟ ପରିବହନ ଏବଂ ଯୋଜନା ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା ଦଳୀୟ ଜିଲା ପରିଷଦ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି। ବ୍ଲକ ସଦର ପଞ୍ଚାୟତ ହିଲୁଙ୍ଗ ଗ୍ରାମରେ ପହଞ୍ଚି ମା ମାହେଶ୍ୱରୀଙ୍କ ଦର୍ଶନ ପରେ ଜୋନ–୧ ର ବିଜେଡି ପ୍ରାର୍ଥୀ ରଞ୍ଜିତ କୁମାର ରଥଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ବୀରମହାରାଜପୁରର ତଥା ସୁବର୍ଣ୍ଣପୁର ଜିଲାର ବିକାଶ ଧାରାକୁ ବଜାୟ ରଖିବାକୁ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ। ଏହାପରେ ମନ୍ତ୍ରୀ ପଥରଘାଠରେ ଦଳିୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। କରୋନା କଟକଣା ଯୋଗୁଁ ମନ୍ତ୍ରୀ ବେହେରା ଜୋନ–୧ ପ୍ରାର୍ଥୀ ରଞ୍ଜିତ କୁମାର ରଥ ଓ ଅନ୍ୟାନ୍ୟ ତିନି ଜଣ କର୍ମୀଙ୍କୁ ନେଇ ପ୍ରଚାର କରିଛନ୍ତି।



ବୀରମହାରାଜପୁରରେ ମନ୍ତ୍ରୀ ପଦ୍ମନାଭ ବେହେରା ପ୍ରଚାର ଆରମ୍ଭ କରିଛନ୍ତି।



ଜିଲାପାଳଙ୍କ ଅଫିସ ଆଗରେ ଛାତ୍ରୀଛାତ୍ରଙ୍କ ଧାରଣା।



ଉପଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି।

# ଧାରଣାରେ ବସିଲେ ଛାତ୍ରୀଛାତ୍ର

**ବୋର୍ଡ ପରୀକ୍ଷା ବାତିଲ ଦାବି**

ବରଗଡ଼ ଅଫିସ୍,୨୯।୧

ଯୁକ୍ତ ଦୁଇ ଶେଷବର୍ଷ ବୋର୍ଡ଼ ପରୀକ୍ଷା ବାତିଲ ଦାବିରେ ଛାତ୍ର ଆନ୍ଦୋଳନ ତେଜି ଉଠିଛି। ଏହି କ୍ରମରେ ଶନିବାର ବରଗଡ଼ ଜିଲା ଛାତ୍ର କଂଗ୍ରେସ ନେତୃତ୍ୱରେ ବିଭିନ୍ନ କଲେଜର ଛାତ୍ରୀଛାତ୍ର ରାସ୍ତାକୁ ଓହ୍ଲାଇଥିଲେ। ସେମାନେ ଜିଲାପାଳଙ୍କ ଅଫିସକୁ ଯାଇ ଧାରଣା ଦେବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ସେମାନେ ବୋର୍ଡ଼ ପରୀକ୍ଷା ବାତିଲ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଉପଜିଲାପାଳ ଶୁଭେନ୍ଦ୍ର କୁମାର ସାମଲ ସ୍ମାରକପତ୍ର ଗ୍ରହଣ କରିଥିଲେ।

ପ୍ରକାଶ ଯେ, ଯୁକ୍ତ ଦୁଇ ଶେଷବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ଟର୍ମିନାଲ ପରୀକ୍ଷା ହେବ ଏବଂ ତାର ମୂଲ୍ୟାଙ୍କନ କରି ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ପୂର୍ବରୁ ରାଜ୍ୟ ସରକାର ଘୋଷଣା କରିଥିଲେ। ଏହି କ୍ରମରେ କଲେଜ ଗୁଡ଼ିକରେ ଟର୍ମିନାଲ ପରୀକ୍ଷା ମଧ୍ୟ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ବୋର୍ଡ଼ ପରୀକ୍ଷା ପାଇଁ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହି ଘୋଷଣା ପରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଛି। ସେମାନେ ଟର୍ମିନାଲ ପରୀକ୍ଷା ଦେବା ସହିତ ସେଥିପାଇଁ ପ୍ରସ୍ତୁତ ଥିଲେ। ମାତ୍ର ବୋର୍ଡ଼ ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇ ନ ଥିବାବେଳେ ପାଠ୍ୟ ଖସଡ଼ା ମଧ୍ୟ ସମ୍ପୂର୍ଣ୍ଣ ହୋଇ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ବୋର୍ଡ଼ ପରୀକ୍ଷା କରାଗଲେ ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେବେ ବୋଲି ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ତେଣୁ ଏହି ପରୀକ୍ଷା ବାତିଲ କରିବା ସହିତ ଟର୍ମିନାଲ ପରୀକ୍ଷା ଆଧାରରେ ଛାତ୍ରୀଛାତ୍ରଙ୍କ ପରୀକ୍ଷାଫଳ ପ୍ରକାଶ କରିବାକୁ ଦାବି କରିଛି। ଏହି ଦାବି ନେଇ ପୂର୍ବାହ୍ନରେ ଛାତ୍ର କଂଗ୍ରେସ ନେତୃତ୍ୱରେ ଜିଲାର ବିଭିନ୍ନ କଲେଜର ଛାତ୍ରୀଛାତ୍ର ଏକ ବିକ୍ଷୋଭ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସକୁ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାଟରେ ଗାନ୍ଧୀ ଛକ ରାସ୍ତାକୁ କିଛି ସମୟ ଅବରୋଧ କରିଥିଲେ। ଜିଲା ଛାତ୍ର କଂଗ୍ରେସ ସଭାପତି ଗୌରବ ପତି, ସୁଜଳ ନାଗ, ଶ୍ରୁତିସୁଧା ବାରିକ, ରାହୁଲ ବାରିକ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।